NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
MONDAY 15 SEPTEMBER 2025
ସୋମବାର ୧୫ ସେପ୍ଟେମ୍ବର ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 122 BHUBANESWAR I BERHAMPUR I SAMBALPUR I BALASORE I JAJPUR
ବର୍ଷ ୧୧ • ସଂଖ୍ୟା ୧୨୨ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

### ଏସିଆ କପ୍‌ରେ ପାକିସ୍ତାନକୁ ଧୂଳି ଚଟାଇଲା ଭାରତ

## ଏକତରଫା ମ୍ୟାଚ୍ ୭ ୱିକେଟ୍‌ରେ ଜିତିଲା



**ଦୁବାଇ,୧୪।୯/ଏଜେନ୍ସି:**

ଭାରତ ରବିବାର ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୭ ୱିକେଟ୍‌ରେ ଶୋଚନୀୟ ଭାବେ ହରାଇ ଚଳିତ ଏସିଆ କପ୍‌ରେ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ଦୁବାଇ ଇଣ୍ଟରନାସନାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ଥାନ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୨୭ ରନ୍ କରିଥିଲା। ଜବାବରେ ଭାରତ ୧୫.୫ ଓଭର୍‌ରେ ୩ ୱିକେଟ୍ ବିନିମୟରେ ୧୩୧ ରନ୍ କରି ବିଜୟୀ ହୋଇଛି। କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ଛକା ମାରି ଭାରତକୁ ରୋମାଞ୍ଚକର ବିଜୟ ଦେଇଥିଲେ। ଏହି ବିଜୟ ସହିତ ଭାରତ ଗ୍ରୁପ୍-ଏ' ପଏଣ୍ଟ୍ ଟେବଲ୍ ଶୀର୍ଷରେ ପହଞ୍ଚିଛି ଏବଂ ଟିମ୍‌ର ସୁପର୍-୪ରେ ପହଞ୍ଚିବା ସମ୍ଭାବନା ବୃଦ୍ଧି ପାଇଛି। ଭାରତ ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଆସନ୍ତା ୧୯ ତାରିଖରେ ଓମାନ୍‌କୁ ଭେଟିବ। ଏହି ମ୍ୟାଚ୍ ଜିତିବା ପରେ ପାକିସ୍ତାନ ଖେଳାଳିଙ୍କ

▶▶ ୫

### ମୋଦୀଙ୍କ ଜନ୍ମଦିନରେ ଓଡ଼ିଶା ସମେତ ସାରାଦେଶରେ ହେବ ଶୁଭାରମ୍ଭ

# ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:**

ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ। ମୋଦୀଙ୍କ ଜନ୍ମଦିନରେ ଓଡ଼ିଶା ସମେତ ସାରାଦେଶରେ ଶୁଭାରମ୍ଭ ହେବ। ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଅଭିଯାନ ୧୭ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨ ଅକ୍ଟୋବରରେ ଶେଷ ହେବ। ମଧ୍ୟପ୍ରଦେଶର ଧାର ଜିଲ୍ଲାରେ ତାହା ଆରମ୍ଭ ହେଉଥିଲାବେଳେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରସ୍ଥ ୟୁନିଟ୍ ୩ ଇଡ୍‌କୋ ପଡ଼ିଆରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ସମେତ ୫୦୦୦ରୁ ଅଧିକ ମହିଳା ହିତାଧିକାରୀଙ୍କ ଅଂଶଗ୍ରହଣ କରିବେ।

ସମସ୍ତ ବୟସର ମହିଳା ଓ ବାଳିକାମାନଙ୍କ ପାଇଁ ବ୍ୟାପକ ସ୍କ୍ରିନିଂ, ପୁଷ୍ଟିସାର ଏବଂ ସୁସ୍ଥତା ସେବା ଉପରେ ଧ୍ୟାନ କେନ୍ଦ୍ରିତ କରି ଏକ ପରିବର୍ତ୍ତନକାରୀ ସ୍ୱାସ୍ଥ୍ୟ ଅଭିଯାନ 'ସ୍ୱସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ




ହେଉଛି ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକୁ ପ୍ରୋତ୍ସାହିତ କରିବା, ମହିଳା ଏବଂ ବାଳିକାମାନଙ୍କର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା। ସାଧାରଣତଃ ଯେତେବେଳେ ଝିଅମାନେ ସୁସ୍ଥ, ଶିକ୍ଷିତ ଏବଂ ସଶକ୍ତ ହୁଅନ୍ତି, ପରିବାରଗୁଡ଼ିକ ସଶକ୍ତ ହୋଇଥାଏ। ପରିବାରରେ ଯେଉଁମାନେ ଟିବି, ଏନ୍‌ସିଡି, ରକ୍ତହୀନତା ଏବଂ କର୍କଟ ରୋଗର ସ୍କ୍ରିନିଂ କରିବେ, ସେମାନଙ୍କ

**୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ଯାଏ ଚାଲିବ ଅଭିଯାନ**

**ୟୁନିଟ୍ ୩ ଇଡ୍‌କୋ ପଡ଼ିଆରେ ହେବ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ**

**୫୦୦୦ରୁ ଅଧିକ ମହିଳା ହିତାଧିକାରୀ ଅଂଶଗ୍ରହଣ କରିବେ**

ସ୍ୱାସ୍ଥ୍ୟ ଆବଶ୍ୟକତା ଅନୁଯାୟୀ ପୁଷ୍ଟିସାର ଏବଂ ଖାଦ୍ୟ ବିବିଧତା ଉପରେ ବ୍ୟକ୍ତିଗତ ପରାମର୍ଶ ପାଇବେ। ଏହା ପିଏମ୍‌ଏମ୍‌ଭିୱାଇ ଭର୍ତ୍ତି ଏବଂ ପୋଷଣ ମାସ ଅନ୍ତର୍ଗତ କାର୍ଯ୍ୟକ୍ରମ ସହ କରାଯିବ। ଏଥିରେ ପୁଷ୍ଟିକର ଖାଦ୍ୟ ପରାମର୍ଶ, ଋତୁସ୍ରାବ ସ୍ୱଚ୍ଛତା ସଚେତନତା, ତେଲ ଏବଂ ଚିନି ସେବନ ହ୍ରାସ, ସ୍ଥୂଳତା ରୋକିବା, ଏବଂ ଖାଦ୍ୟ ବିବିଧତା ଏବଂ ଲୌହଯୁକ୍ତ ଖାଦ୍ୟକୁ ଉତ୍ସାହିତ କରିବା ଉପରେ ଦୃଢ଼ ଧ୍ୟାନ ଦିଆଯିବ।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଏହି ଅଭିଯାନକୁ ମହିଳା ଏବଂ ଶିଶୁ ବିକାଶ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ଏବଂ ମିଶନ ଶକ୍ତି ସହିତ ସମନ୍ୱୟ କରି ଆରମ୍ଭ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ସମସ୍ତ ମହିଳା ସେବା ପ୍ରଦାନକାରୀ ଏବଂ ଆଗଧାଡ଼ିର କର୍ମୀମାନଙ୍କର ମଧ୍ୟ ସ୍କ୍ରିନିଂ କରାଯିବ। ବିଶେଷକରି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉଭୟ ସ୍ଥାନରେ ସରକାରଙ୍କ ମହିଳା କର୍ମଚାରୀଙ୍କ ସାମଗ୍ରିକ କଭରେଜ୍ ସୁନିଶ୍ଚିତ କରିବ। ଏହି ଐତିହାସିକ ପଦକ୍ଷେପ ସୁସ୍ଥ, ସଶକ୍ତ ପରିବାର ମାଧ୍ୟମରେ ଏକ ବିକାଶିତ ଭାରତର ଜାତୀୟ ଦୃଷ୍ଟିକୋଣରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ସହିତ ଓଡ଼ିଶାରେ ମହିଳା ଏବଂ ବାଳିକାମାନଙ୍କର ସ୍ୱାସ୍ଥ୍ୟ ସ୍ଥିତିକୁ ସୁଦୃଢ଼ କରିବ।

ରାଜ୍ୟ ୩୦ଟି ଜିଲ୍ଲାରେ ସର୍ବାଧିକ ମହିଳା ହିତାଧିକାରୀ ଏବଂ ଝିଅମାନଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ,

▶▶ ୫

# ସର୍କିଟ୍ ହାଉସ୍‌ରେ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୧୪।୯/ଏନ୍ଏନ୍ଏସ୍:**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନଆ କେନ୍ଦୁଝର ଆସି ରବିବାର ଅପରାହ୍ଣରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ରବିବାର ସକାଳୁ ଶହ ଶହ ସଂଖ୍ୟାରେ ଲୋକ କେନ୍ଦୁଝର ସର୍କିଟ୍ ହାଉସ୍‌କୁ ଆସି ନିଜ ନିଜର ବ୍ୟକ୍ତିଗତ ଓ ଆଉ କିଛି ସାମୂହିକ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ସମସ୍ତ ଅଭିଯୋଗୁଡ଼ିକ ମୁଖ୍ୟମନ୍ତ୍ରୀ ଶୁଣିବା ପରେ ଏହାର




କିପରି ସମାଧାନ ହୋଇପାରିବ ତାହାର ଦାୟିତ୍ୱ ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛି, ଯାହାକି ଆମ ସରକାରର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅଭିଯୋଗ ଶୁଣିବା ସମୟରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, ଏସ୍‌ପି ନିତିନ କୁଶଲକର,

▶▶ ୫

### ହୋମ୍‌ଗାର୍ଡ ଚାକିରି ପାଇଁ ଶାରିରୀକ ପରୀକ୍ଷା

## ଆଶାୟୀ ପ୍ରାର୍ଥୀଙ୍କ ମୃତ୍ୟୁ, ସାକ୍ଷାତକାର ସ୍ଥଗିତ

**ଛତ୍ରପୁର,୧୪।୯/ଏନ୍ଏନ୍ଏସ୍:**

ଗଞ୍ଜାମ ପୁଲିସ ଜିଲ୍ଲା ଅଧିନ ଛତ୍ରପୁରଠାରେ ରବିବାର ହୋମଗାର୍ଡ ପଦବୀ ପାଇଁ ଦୌଡ଼ ପରୀକ୍ଷା ଚାଲିଥିଲା। ଦୌଡ଼ ପରୀକ୍ଷା ବେଳେ ତାରସିଂ ଥାନା ତୁଳସୀପଲ୍ଲୀ ଅଞ୍ଚଳର ଆଶାୟୀ ପ୍ରାର୍ଥର ଶିବରାମ ପ୍ରଧାନ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଛତ୍ରପୁର ମେଡିକାଲ୍ ନିଆଯାଇଥିଲା। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମେଡିକାଲରେ ପହଞ୍ଚି

▶▶ ୫



## ଆପାର୍ଟମେଣ୍ଟ ନିର୍ମାଣରେ ନିୟମ କାନୁନ୍‌କୁ ଫୁଁ'

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:**

ନିର୍ମାଣାଧୀନ ଆପାର୍ଟମେଣ୍ଟଗୁଡିକର କାର୍ଯ୍ୟଶୈଳୀ ତଦାରଖ ପାଇଁ ଅଦାଲତ ନିର୍ଦ୍ଦେଶ ଦେବା ପରେ ଏବେ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସୁଉଚ୍ଚ ଅଟ୍ଟାଳିକା ନିର୍ମାଣ କରୁଥିବା ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଛନକା ପଶିଛି। ବିଶେଷକରି ସହରାଞ୍ଚଳର ବିଭିନ୍ନ କଲୋନୀ ମଝିରେ ଆପାର୍ଟମେଣ୍ଟ ନିର୍ମାଣର ଯାଞ୍ଚ ହେଲେ ବହୁ ପ୍ରକାର ଅନିୟମିତତା ଧରା ପଡ଼ିବାର ଭୟ ଏବେ ଏମାନଙ୍କୁ ଘାରିବା ଆରମ୍ଭ କରିଛି। ଖୋଦ୍ ରାଜ୍ୟ ରାଜଧାନୀରେ ଏକାଧିକ ଆପାର୍ଟମେଣ୍ଟ ନିର୍ମାଣ ଚାଲିଥିବା ବେଳେ ଏମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷେତ୍ରାରେ ଅଗ୍ନି ନିରାପତ୍ତା, ଯାନାବାହାନ ପାର୍କିଂ, ଜଳ ସଂରକ୍ଷଣ ଭଳି ନିୟମ କାନୁନ୍‌କୁ ଫୁଁ' କରି ଦେଉଛନ୍ତି। ଏମାନଙ୍କ ବ୍ୟବସାୟିକ ମନୋବୃତ୍ତି ପାଇଁ ଏବେ ଆଖପାଖରେ ବସବାସ କରୁଥିବା ଲୋକେ ମଧ୍ୟ ନାନାପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା ବହୁ ସମୟରେ ଅଭିଯୋଗ ହେଉଛି।

ରାଜଧାନୀରେ ବର୍ତ୍ତମାନ ୨୫୩ଟି ଜିଏ ପ୍ଲଟ୍ ଉପରେ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅନୁମତି ପ୍ରଦାନ କରିଛନ୍ତି। ଏହିସବୁ ଆପାର୍ଟମେଣ୍ଟ କିଭଳି ନିୟମ କାନୁନ୍ ପାଳନ କରୁଛନ୍ତି ତାହାକୁ ଦେଖିବାକୁ ପ୍ରାୟତଃ କେହି ଯାଉନାହାନ୍ତି। ଅଧିକାଂଶ ସ୍ଥାନରେ ଜିଏ ପ୍ଲଟ୍‌ର ମାଲିକ ଓ ବିଲଡର୍ ମଧ୍ୟରେ ଅଘୋଷିତ ରାଜିନାମା ହେଉଛି ଏବଂ ରାତାରାତି ଛୋଟିଆ ପ୍ଲଟ୍ ଉପରେ ୪/୫ ତାଲା ଆପାର୍ଟମେଣ୍ଟ ଗଢ଼ି ଉଠୁଛି।

▶▶ ୫

### ● ମହାନଦୀର ଦଶାହଘାଟରେ ଭାସିଗଲେ

## ପୁତୁରା ମୃତ, ବଡ଼ବାପା ନିଖୋଜ

**ଜଗତସିଂହପୁର,୧୪।୯/ଏନ୍ଏନ୍ଏସ୍:**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ସନ୍ନିକଟ ମହାନଦୀ ଦଶାହ ଘାଟରେ ଘଟିଛି ଏକ ଅଘଟଣ। ରବିବାର ମଧ୍ୟାହ୍ନରେ ଏକ ପରିବାର ମହାନଦୀ ଘାଟକୁ ଯାଇ ଦଶାହ କର୍ମ କରୁଥିଲା ବେଳେ ଅସାବଧାନତା ବଶତଃ କାହ୍ନା ଓରଫ୍ ରୁଦ୍ର ପ୍ରସନ୍ନ ଜେନା(୨୫) ଓ ତାଙ୍କ ବଡ଼ବାପା ସମ୍ପଦ ଜେନା (୫୫) ବୁଡ଼ି ଯାଇଛନ୍ତି। କାହ୍ନାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ସମ୍ପଦ ଜେନା ନିଖୋଜ ଥିବା ଜଣାଯାଇଛି। ଘଟଣାସ୍ଥଳରେ ତିର୍ତ୍ତୋଲ ଦମକଳ ବାହିନୀ ଓ ଓଡ୍ରାପ୍ ଟିମ୍ ପହଞ୍ଚି ଖୋଜା ଖୋଜି ଜାରି ରଖିଛନ୍ତି।

ସୂଚନା ମୁତାବକ ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଳର ପଞ୍ଚାୟତ ନାଗପୁର ଗ୍ରାମର ସମ୍ପଦ ଜେନାଙ୍କ ମା'ଙ୍କ ଦେହାନ୍ତର ଦଶାହ କର୍ମ ନିମନ୍ତେ ପରିବାର ସଦସ୍ୟମାନେ ମହାନଦୀ ଘାଟକୁ ଯାଇଥିଲେ। ସେଠାରେ ସମ୍ପଦଙ୍କ ପୁତୁରା ତଥା ଭାଇ ଅକ୍ଷୟ କୁମାର ଜେନାଙ୍କ ପୁଅ କାହ୍ନା ଓରଫ୍ ରୁଦ୍ର ପ୍ରସନ୍ନ ଜେନା(୨୫) ପ୍ରଥମେ ମହାନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ହେଲେ ମହାନଦୀର ପ୍ରଖର ସ୍ରୋତରେ ନିଖୋଜ ହୋଇଯାଇଥିଲେ। କାହ୍ନା ନିଖୋଜ ହେବା ଦେଖି ତାଙ୍କ ବଡ଼ବାପା ସମ୍ପଦ ତାଙ୍କୁ ଉଦ୍ଧାର କରିବା ପାଇଁ ମହାନଦୀକୁ ଡେଇଁ

▶▶ ୫

## ଫେରୁଛି ମୌସୁମୀ, ଆହୁରି ୩ ଦିନ ବର୍ଷା

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:**

ସମୟ ପୂର୍ବରୁ ପ୍ରତ୍ୟାବର୍ତ୍ତନ କରିଛି ମୌସୁମୀ। ଦେଶରୁ ବିଦାୟ ନେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ନିର୍ଦ୍ଧାରିତ ସମୟର ୧୭ ତାରିଖ ପୂର୍ବରୁ ପଶ୍ଚିମ ରାଜସ୍ଥାନର କିଛି ଅଞ୍ଚଳରୁ ଆଜି (୧୪ ସେପ୍ଟେମ୍ବର)ରେ ବିଦାୟ ନେଇଛି ମୌସୁମୀ ବାୟୁ। ଏହା ପରେ ଧୀରେ ଧୀରେ ଦେଶରୁ ମୌସୁମୀ ବାୟୁ ଅପସରିବା ପ୍ରକ୍ରିୟା ଆରମ୍ଭ ହେବ। ଆଗାମୀ ୨-୩ ମଧ୍ୟରେ ରାଜସ୍ଥାନର ଆଉ କିଛି ଅଞ୍ଚଳ ସହ ପଞ୍ଜାବ ଓ ଗୁଜୁରାଟରୁ ମୌସୁମୀ ଫେରିବା ପାଇଁ ପାଗ ଅନୁକୂଳ ରହିବ। ଏନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ଏପଟେ ଲଘୁଚାପ ଓ ଟ୍ରପ ଲାଇନ ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆହୁରି ୨୪ ଘଣ୍ଟା ପ୍ରବଳ ବର୍ଷା ପାଇଁ କିଛି ଜିଲ୍ଲାକୁ ଚେତାବନୀ ରହିଛି। ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷାର ପରିମାଣ ଅଧିକ ଦେଖିବାକୁ ମିଳିବ। ଆଗାମୀ ୩ ଦିନ ଯାଏ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟାରେ ସାରା ଓଡ଼ିଶାରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଥିବା ବେଳେ ପ୍ରବଳ ବର୍ଷାକୁ ନେଇ କଳାହାଣ୍ଡି ଓ ନବରଙ୍ଗପୁରକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଆସନ୍ତାକାଲି ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ୧୮ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ଢେଙ୍କାନାଳ,

▶▶ ୫

### ଅସ୍ଥି ବିସର୍ଜନ ସାରି ଫେରୁଥିଲେ

## ୧୬ ଫୁଟ୍ ତଳକୁ ଖସିଲା କାର୍, ୭ ମୃତ



**ଜୟପୁର:୧୪।୯/ଏଜେନ୍ସି:**

ରାଜସ୍ଥାନର ରାଜଧାନୀ ଜୟପୁରର ଶିବଦାସପୁରା ଥାନା ଅଞ୍ଚଳରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ପରିବାରର ସାତ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଜୟପୁର ଏବଂ ଭିଲୱାଡାର ଏକ ପରିବାର ଅସ୍ଥି ବିସର୍ଜନ କରି ଫେରୁଥିବା ବେଳେ ଶିବଦାସପୁରା ପୁଲିସ ଷ୍ଟେସନ୍ ଅଞ୍ଚଳରେ ଏକ ପୋଲର ଡିଭାଇଡର୍‌ରେ ପିଟିହୋଇ କାର୍‌ଟି ୧୬ ଫୁଟ୍ ତଳକୁ ଡ୍ରେନ୍ ଭିତରକୁ ଖସି ପଡ଼ିବାରୁ ଏହି ଦୁଃଖଦ ଘଟଣା ଘଟିଛି।

ସ୍ଥାନୀୟ ଲୋକମାନେ ଡ୍ରେନ୍‌ରେ କାର୍ ବୁଡ଼ି ରହିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ଏହା ପରେ ପୁଲିସ କ୍ରେନ୍ ସାହାଯ୍ୟରେ ଡ୍ରେନ୍‌ରୁ କାର୍‌ଟିକୁ ବାହାର କରିଥିଲା। ତେବେ କାର୍‌ରେ ଥିବା ସାତ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ସମସ୍ତଙ୍କ ମୃତଦେହ କାର୍ ଭିତରେ ଫସି ରହିଥିଲା। ପୁଲିସ ସମସ୍ତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ

▶▶ ୫




## ଶକ୍ତିରୂପେଣ ସଂସ୍ଥିତା...



ଆସୁଛନ୍ତି ମା' ଦୁର୍ଗା: ଦେବୀଙ୍କ ମୁଖମଣ୍ଡଳ ପ୍ରସ୍ତୁତିରେ ନିମଗ୍ନ କାରିଗର

### ପ୍ରଥମ କିଟ୍ ଇଣ୍ଟରନ୍ୟାସନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତା ଉଦ୍‌ଯାପିତ

# ବିଜୟୀ ନାଲ୍‌ସାର, ହାଇଦ୍ରାବାଦକୁ ୨ ଲକ୍ଷ ଆର୍ଥିକ ପୁରସ୍କାର

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:** ପ୍ରଥମ କିଟ୍ ଇଣ୍ଟରନ୍ୟାସନାଲ ମୁଟ୍ କୋର୍ଟ ପ୍ରତିଯୋଗିତା-୨୦୨୫ ରବିବାର ଉଦଯାପିତ ହୋଇଯାଇଛି। ଏଥିରେ ନାଲସାର, ହାଇଦ୍ରାବାଦ ଦଳକୁ ବିଜୟୀ ଘୋଷଣା କରାଯିବା ସହ ୨ ଲକ୍ଷ ଟଙ୍କାର ନଗଦ ଆର୍ଥିକ ପୁରସ୍କାର ପ୍ରଦାନ କରଯାଇଥିଲା। ସେହିପରି ଶାସ୍ତ୍ରା ୟୁନିଭରସିଟି ପ୍ରଥମ ରନର୍ସ-ଅପ୍ ଭାବରେ ୧ ଲକ୍ଷ ଟଙ୍କା ଓ ମଣିପାଲ ଲ' ସ୍କୁଲ ଦ୍ୱିତୀୟ ରନର୍ସ-ଅପ୍ ହୋଇ ୭୫ ହଜାର ଟଙ୍କାର ପୁରସ୍କାର ହାସଲ କରିଥିଲା। ଏହି ପ୍ରତିଯୋଗିତାରେ ମୁମ୍ବାଇ ସରକାରୀ ଆଇନ ମହାବିଦ୍ୟାଳୟର ହିମାଂଶୁ ଶ୍ରୀବାସ୍ତବଙ୍କୁ ଶ୍ରେଷ୍ଠ ବକ୍ତା ପୁରସ୍କାର, ବାଂଲାଦେଶର ଆମେରିକାନ ଇଣ୍ଟରନ୍ୟାସ୍‌ନାଲ୍ ୟୁନିଭରସିଟିର ମହମ୍ମଦ ଓୟସି ଉଜମାନଙ୍କୁ ଶ୍ରେଷ୍ଠ ଗବେଷକ ପୁରସ୍କାର ଓ ମହାରାଷ୍ଟ୍ର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ନାଗପୁରକୁ ଶ୍ରେଷ୍ଠ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବର୍ଗ ପାଇଁ ୩୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୧୭ଟି



ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ୧୧ଟି ସରକାରୀ ଆଇନ ମହାବିଦ୍ୟାଳୟ, ୨୪ଟି ଘରୋଇ ଆଇନ ମହାବିଦ୍ୟାଳୟ ଓ ୨ଟି ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସମେତ ମୋଟ ୫୪ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭିକ ଏବଂ ନକଆଉଟ୍ ରାଉଣ୍ଡ ପରେ ଶ୍ରେଷ୍ଠ ଦଳଗୁଡ଼ିକ ଫାଇନାଲରେ ପ୍ରବେଶ କରିଥିଲେ।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଭି. ଗୋପାଳ ଗୌଡ଼ା ଉଦୀୟମାନ ଆଇନ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିବାରେ କିଟ ଲ ସ୍କୁଲର ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ମୁଟ୍ କୋର୍ଟରେ ଅଂଶଗ୍ରହଣ କରିବା ଏବଂ ଭଲ ଆଇନଜୀବୀ ହେବା ଦିଗରେ ଆଇନ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ଉତ୍ତମ ସୁଯୋଗ।

ଏହି ଅବସରରେ ସେ କିଟ ଓ କିସର ସମସ୍ତ କ୍ୟାମ୍ପସ ପରିଦର୍ଶନ କରିବା ସହ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଜଷ୍ଟିସ୍ ଗୌଡ଼ା କହିଥିଲେ କିସ୍‌ରେ ୪୦ ହଜାର ଜନଜାତି ପିଲା ଶିକ୍ଷା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରୁଛନ୍ତି। ଏହା କେବଳ ଶ୍ରୀ ସାମନ୍ତଙ୍କ ଉଦ୍ୟମ ଯୋଗୁଁ ସମ୍ଭବ ହୋଇ ପାରିଛି ବୋଲି କହିଥିଲେ। ସେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ତାଙ୍କ କାର୍ଯ୍ୟକାଳକୁ ମନେ ପକାଇ ରାଜ୍ୟବାସୀଙ୍କଠାରୁ ମିଳିଥିବା ଭଲ ପାଇବାର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତ ଜଷ୍ଟିସ୍ ଗୌଡ଼ାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଓ୍ୱାଡିଆ ଗାନ୍ଧୀର ଅନ୍ୟତମ ପରିଚାଳକ ଆଶିଷ ଆହୁଜା କହିଥିଲେ ଯେ ମୁଟ୍ କୋର୍ଟ ଆଇନର ବ୍ୟାଖ୍ୟା, ଡ୍ରାଫ୍ଟ ଲେଖିବା ଓ ଉଭୟଙ୍କ ମଧ୍ୟରେ ଥିବା ପାରସ୍ପରିକ କ୍ରିୟାକୁ ବୁଝିବାରେ ସାହାଯ୍ୟ କରିଥାଏ। ଅନ୍ୟମାନଙ୍କ ମଧ୍ୟରେ କିଟ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ପ୍ରଫେସର ଏମେରିଟସ୍ ଏନ୍.ଏଲ୍. ମିତ୍ର, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡ. ରାଜୁ କେ. ଡି., କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି ଓ କିଟ ଲ ସ୍କୁଲ ନିର୍ଦ୍ଦେଶକ ଡ ରୋଜ୍ ଭର୍ଗୀସ୍ ପ୍ରମୁଖ ଉପସ୍ଥିତ ଥିଲେ।

### ବାଲେଶ୍ୱର ବିଜେଡିରେ ଗୋଷ୍ଠୀ ବିବାଦ

## ଅସନ୍ତୋଷ ଝାଡ଼ିଲେ ଜ୍ୟୋତି ପାଣିଗ୍ରାହୀ

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:** ବିଜେଡିରେ ଘଡ଼ିକେ ଘୋଡ଼ା ଛୋଟୁଛି। ଜଣେ ପରେ ଜଣେ ନେତା ବିସ୍ଫୋରଣ କରିଚାଲିଛନ୍ତି। ଅଧିକାଂଶ ନେତା ଖୋଲାଖୋଲି ବିବାଦୀୟ ମନ୍ତବ୍ୟ ଦେଉଛନ୍ତି। ଏହି କ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବାଲେଶ୍ୱର ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ଜ୍ୟୋତି ପାଣିଗ୍ରାହୀ ତୀବ୍ର ଅସନ୍ତୋଷ ଝାଡ଼ିଛନ୍ତି। ଫଳରେ ବାଲେଶ୍ୱରରେ ଗୋଷ୍ଠୀ ବିବାଦ ପଦାରେ ପଡ଼ିଛି। ଜିଲ୍ଲା ସଭାପତି ମନୋନୟନକୁ ନେଇ ବିବାଦ ତୀବ୍ର ହୋଇଛି। ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ ଅର୍ଥ ବଳ, ବାହୁବଳର ଭୟ, ମିଥ୍ୟା ଅପପ୍ରଚାର ଓ ମିଥ୍ୟା ପ୍ରତିଶ୍ରୁତିର ବଳ ଦିନେ କୁହୁଡ଼ି ଭଳି ମିଳାଇଯିବ। କ୍ରିକେଟ୍ ଖେଳରେ ହାରିଯିବା ପରେ ଦଳ ନିଜର ଆତ୍ମ ସମୀକ୍ଷା, ଦୋଷ ଦୁର୍ବଳତା ଜାଣି ନପାରି ସଂଶୋଧନ ପ୍ରକ୍ରିୟା ନକରି ଖେଳ ପରିଚାଳନା କରୁଥିବା ଆମ୍ପାୟାର, ପାଗ, ଦର୍ଶକ ଆଦିଙ୍କୁ ଦୋଷ ଦିଅନ୍ତି। ସେମିତି ଏଭଳି କରିବା ଉଚିତ ନୁହେଁ। ପଦ ପଦବୀ ପାଇଲେ ସେବା କରିବି ନ ପାଇଲେ କରିବିନି ସେମିତି ଦାବି କରିବା କାପୁରୁଷର ଲକ୍ଷଣ ବୋଲି ସେ ଆଟାକ୍ କରିଛନ୍ତି। ଆମେ ସାଇବେରିଆ ପକ୍ଷୀ ନୁହେଁ, ଓଡ଼ିଶାର ନାଗରିକ ବୋଲି କହି କହି ଅସନ୍ତୋଷ ଝାଡ଼ିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ସାଂସଦ ରବିନ୍ଦ୍ର ଜେନା ଗୋଷ୍ଠୀ ଶକ୍ତି ପ୍ରଦର୍ଶନ କରିଛନ୍ତି। ଜିଲ୍ଲାର ଏକାଧିକ ଜିଲ୍ଲାପରିଷଦ, ସମିତି ସଭ୍ୟ ଓ ପଞ୍ଚାୟତ ସମିତି ସଦସ୍ୟା ମେଳି କରିଛନ୍ତି। ଏହାର ନେତୃତ୍ୱ ନେଇଛନ୍ତି ଜିଲ୍ଲା ପରିଷଦ ଅଧ୍ୟକ୍ଷ। ରବିନ୍ଦ୍ର ଜେନାଙ୍କୁ ଜିଲ୍ଲା ସଭାପତି ନ କଲେ ଦଳର ସ୍ଥିତି ଭୁଶୁଡ଼ି ଯିବ ବୋଲି ସୋମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## 'ବିଜେପି ସରକାର ଚାଷୀ ପାଇଁ ଅଧିକ ହିତାକାଂକ୍ଷୀ'

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:** ଚାଷୀ ପାଇଁ ଯଦି କିଏ ଅଧିକ ହିତାକାଂକ୍ଷୀ, ସେ ହେଉଛନ୍ତି ବିଜେପି ସରକାର ବୋଲି ସ୍ୱାସ୍ଥ୍ୟ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଇନପୁଟ



ସବ୍‌ସିଡି ୮୦୦ ଟଙ୍କା ଦିଆଯାଇଛି। ମହିଳାଙ୍କୁ ଡିବିଟି କରାଯାଇଛି। ସୁଭଦ୍ରା ଟଙ୍କା ଠିକ୍ ସମୟରେ ମିଳିଛି। ବିରୋଧୀଙ୍କ ନୈତିକ ଅଧିକାର ନାହିଁ କିଛି କହିବାକୁ। ଚାଷୀ ବି ବୁଝିଲେଣି ଯେ ଅବାସ୍ତବ କଥା କେବେ ବାସ୍ତବ ହୁଏନି। ବିରୋଧୀଙ୍କ ସବୁ ପ୍ରଶ୍ନର ଉତ୍ତର ଦେବାକୁ ସରକାର ପ୍ରସ୍ତୁତ। ବିଧାନସଭାରେ ବିରୋଧୀ ପ୍ରସଙ୍ଗ ଉଠାଇଲେ ସରକାର ଆଲୋଚନା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ସରକାର ଚାଷୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଚାଷୀକୁ ଯଦି ସାର ମିଳିଥାନ୍ତା ତାହାଲେ କାହିଁକି ଦିନ ଦିନ ଚାଷୀ ଧାଡ଼ି ଲଗାଉଛି। ସରକାର କହୁଛନ୍ତି ପର୍ଯ୍ୟାପ୍ତ ପରିମାଣରେ ସାର ଅଛି। ଯଦି ଅଛି ତେବେ ଚାଷୀକୁ କାହିଁକି ସାର ମିଳୁନି। ଏହାର ଅର୍ଥ ସାର ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ। ସୋମବାର ବିଜେଡି ରାଜଭବନ ସାମ୍ନାରେ ବିକ୍ଷୋଭ କରିବ। ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିବୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ।

### 'ସ୍ୱଚ୍ଛତା ହିଁ ସେବା-୨୦୨୫' କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

## 'ସମାଜକୁ ସ୍ୱଚ୍ଛ ଓ ସୁନ୍ଦର ରଖିଲେ ହିଁ ସମାଜ ସୁସ୍ଥ ହେବ'

**ସମ୍ବଲପୁର,୧୪।୯/ଏନ୍ଏନ୍ଏସ୍:** ସମାଜକୁ ସ୍ୱଚ୍ଛ ଓ ସୁନ୍ଦର ରଖିଲେ ହିଁ ସମାଜ ସୁସ୍ଥ ହେବ। ସ୍ୱଚ୍ଛତାକୁ ନିଜ ଜୀବନର ଏକ



ଅବିଚ୍ଛେଦ୍ୟ ଅଙ୍ଗ କରିବା ଏବଂ ଆଗାମୀ ପାର୍ବଣ ଋତୁରେ ସ୍ୱଚ୍ଛତାକୁ ଅଧିକ ଦୃଷ୍ଟି ଦେବା। ପର୍ବପର୍ବାଣୀ ଭଳି ଆନନ୍ଦ ଓ ଉତ୍ସାହର ସହ ସ୍ୱଚ୍ଛତା ପର୍ବ ପାଳିବା ସହ ଆମ ସହରକୁ ସ୍ୱଚ୍ଛ ସହରରେ ପରିଣତ କରିବାର ସଂକଳ୍ପ ନେବାକୁ ସମ୍ବଲପୁରବାସୀଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ସମ୍ବଲପୁର କ୍ଷେତରାଜପୁରରେ 'ସମ୍ବଲପୁର ମହାନଗର ନିଗମ' ପକ୍ଷରୁ ଆୟୋଜିତ "ସ୍ୱଚ୍ଛତା ହିଁ ସେବା- ୨୦୨୫" କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସ୍ଥାନୀୟ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ମାନିତ କରିଥିଲେ ଶ୍ରୀ ପ୍ରଧାନ। ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସମ୍ବଲପୁର ଗଢ଼ିବାର ଉଦ୍ୟମକୁ ପ୍ରଶଂସା କରିବା ସହ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ 'ସେବା ପକ୍ଷ' ପାଳନର ପ୍ରସ୍ତୁତି ପୂର୍ବରୁ ଆଜି ସମ୍ବଲପୁରରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣରେ ସମ୍ବଲପୁର ପୂର୍ବବର୍ଷ ଅପେକ୍ଷା ଅପେକ୍ଷା କୃତ ଭଲ ପ୍ରଦର୍ଶନ କରିଛି। କେବଳ ଦାୟିତ୍ୱରେ ଥିବା ଲୋକମାନେ ସ୍ୱଚ୍ଛତା ରଖିଲେ ହେବ ନାହିଁ ବରଂ ସମ୍ବଲପୁର ଲୋକଙ୍କୁ ସ୍ୱଚ୍ଛତାରେ ସଂସ୍କାର ଆଣିବାକୁ ପଡ଼ିବ। ସବୁ ପର୍ବପର୍ବଣୀକୁ ଯେପରି ଭାବରେ ଆମେ ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି ସେଇ ଭଳି ଭାବେ ଆମକୁ ସହରକୁ ସ୍ୱଚ୍ଛ କରିବାକୁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସ୍ୱଚ୍ଛ ରଖୁଥିବା ସାଥୀମାନଙ୍କୁ ଉତ୍ସାହିତ କରିବା ସହ ନିରୋଗ ଜୀବନ ପାଇଁ ସ୍ୱଚ୍ଛତାକୁ ଆପଣାଇବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହ୍ୱାନ କରିଛନ୍ତି। ଏହି ଅବସରରେ ସମ୍ବଲପୁରକୁ ଆବର୍ଜନା ମୁକ୍ତ କରିବା ସହ ସ୍ୱଚ୍ଛ ରଖିବା ପାଇଁ ସମବେତ ଜନସାଧାରଣ ଶପଥ ପାଠ କରିଥିଲେ। ସ୍ୱଚ୍ଛ ସମ୍ବଲପୁର ପାଇଁ ଏକ ଦସ୍ତଖତ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।



ପାର୍ବଣ ଋତୁର ଅବ୍ୟବହିତ ପୂର୍ବରୁ ସମ୍ବଲପୁରୀ ବସ୍ତ୍ର କିଣି 'ଭୋକାଲ୍ ଫର୍ ଲୋକାଲ୍'ର ବାର୍ତ୍ତା ଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## କଂଗ୍ରେସରେ ମିଶିଲେ ହରିଶଙ୍କର ରାଉତ



**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:** ବିଜେଡିରୁ ଇସ୍ତଫା ଦେଇଥିବା ବିଜେଡିର ଟାଣୁଆ ଛାତ୍ରନେତା, ସଂଗଠକ ତଥା ରେଭେନ୍ସା କଲେଜର ପୂର୍ବତନ ଛାତ୍ର ସଭାପତି ହରିଶଙ୍କର ରାଉତ ରବିବାର କଂଗ୍ରେସ ଦଳର ଆଦର୍ଶ, ରାହୁଲ ଗାନ୍ଧୀଙ୍କ ବୈପ୍ଳବିକ ଚିନ୍ତାଧାରା ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଶକ୍ତିଶାଳୀ ନେତୃତ୍ୱରେ ଅନୁପ୍ରାଣିତ ହୋଇ ତାଙ୍କର ସହସ୍ରାଧିକ ସମର୍ଥକଙ୍କ ସହ କଂଗ୍ରେସରେ ଆନୁଷ୍ଠାନିକ ଭାବରେ ସାମିଲ ହୋଇଛନ୍ତି। ଏହି ଅବସରରେ କଂଗ୍ରେସ ଭବନରେ ଆୟୋଜିତ ମିଶ୍ରଣ ପର୍ବ ସମାରୋହରେ ଏଆଇସିସି ସଂଗଠକ ସମ୍ପାଦକ ତଥା ସାଂସଦ କେ ସି ବେଣୁଗୋପାଳ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ହରିଶଙ୍କଙ୍କୁ ଦଳକୁ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବ କାର୍ଯ୍ୟକ୍ରମକୁ ଏଆଇସିସି ଓଡ଼ିଶା ସହ ପ୍ରଭାରୀ ଶାହନୱାଜ ଚୌଧୁରୀ ସଂଯୋଜନା କରିଥିବା ବେଳେ ସାଂସଦ ସପ୍ତଗିରି ଉଲ୍ଲାକା, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଉପସ୍ଥିତ ଥିଲେ।

## ଓପେସାର ବାର୍ଷିକ ସାଧାରଣ ପରିଷଦ ବୈଠକ

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:** ଓଡ଼ିଶା ପ୍ରାଇଭେଟ୍ ଇଞ୍ଜିନିୟରିଂ ସ୍କୁଲ୍ ଆସୋସିଏସନ୍(ଓପେସା) ର ୨୦୨୪-୨୫ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓପେସାର ସଭାପତି ପ୍ରଫୁଲ୍ଲ ସାମଲ ସଭାପତିତ୍ୱ କରିଥିବାବେଳେ ଓପେସାର ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗଦେଇଥିଲେ।

ଏହି ଅନୁଷ୍ଠାନ ଆଗାମୀ ଦିନରେ ଆମ ରାଜ୍ୟ ର ଯୁବକ ଯୁବତୀ ମାନଙ୍କୁ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ ତଥା ନିଯୁକ୍ତି ପାଇବା





ପାଇଁ ସହଯୋଗ କରିବ ବୋଲି ଓପେସାର ସାଧାରଣ ସମ୍ପାଦକ ଙ୍କ ସରୋଜ କୁମାର ସାହୁ ନିଜର ମତାମତ ରଖିଥିବାବେଳେ କୋଷାଧ୍ୟକ୍ଷ ଜିତନ କୁମାର ସାହୁ ୨୦୨୪-୨୫ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଏହାଛଡ଼ା ଶ୍ରୀ ସାହୁ ୨୦୨୫ - ୨୬ ଆର୍ଥିକ ବର୍ଷର ଆୟ ବ୍ୟୟ ବଜେଟ ଉପସ୍ଥାପନ କରିଥିଲେ ଯାହା ସମସ୍ତ ସଭ୍ୟମାନଙ୍କ ଦ୍ୱାରା ଅନୁମୋଦିତ କରାଯାଇଥିଲା।ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓପେସାର ଉପସଭାପତି ଙ୍କ ମନୋଜ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

## ହିନ୍ଦୀ ଦିବସର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:** କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହିନ୍ଦୀ ଦିବସର ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ସୋସିଆଲ ମିଡିଆରେ ସେ ଲେଖିଛନ୍ତି "ହିନ୍ଦୀ ଦିବସରେ ସମସ୍ତ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ହିନ୍ଦୀ କେବଳ ଗୋଟିଏ ଭାଷା ନୁହେଁ, ଏହା ଭାରତୀୟତାର ପରିଚୟ। ଏହା ଆମର ସାଂସ୍କୃତିକ ଧରୋହର, ଆମର ଭାବନା ଓ ଆମର ପରସ୍ପର ସମ୍ପର୍କର ଅଦ୍ଭୁତ ପ୍ରତିରୂପ। ଏକତା ଓ ବିଭିନ୍ନତାର ଉଦାହରଣ ପ୍ରସ୍ତୁତ କରି, ହିନ୍ଦୀ ଦେଶର ପ୍ରତ୍ୟେକ କୋଣକୁ ଏକତ୍ର କରିବାର କାମ କରିଛି।''

### ପର୍ଯ୍ୟଟନ ଫୁଟବଲ୍ କପ୍ ୨୦୨୫

## ଟୁରିଜିମ୍ ଟିମ୍‌କୁ ହରାଇ କିଶୋର କ୍ଲବ୍ ଚାମ୍ପିଅନ୍



**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:** ରାଜ୍ୟ ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦ ଦ୍ୱାରା ସ୍ଥାନୀୟ ୟୁନିଟ୍-୧ ଫୁଟ୍‌ବଲ୍ ଏକାଡେମୀ ଗ୍ରାଉଣ୍ଡରେ ଆୟୋଜିତ ପର୍ଯ୍ୟଟନ୍ ଫୁଟ୍‌ବଲ୍ କପ୍ ୨୦୨୫ ଫାଇନାଲ୍‌ରେ ଟୁରିଜିମ୍ ଫୁଟ୍‌ବଲ୍ ଟିମ୍‌କୁ ୩-୦ ଗୋଲ୍‌ରେ ହରାଇ କିଶୋର କ୍ଲବ୍ ଚାମ୍ପିଅନ୍ ହୋଇଛି। କିଶୋର କ୍ଲବ୍‌ର ରୁଦ୍ର ମାନସିଂହଙ୍କୁ ଗୋଲ୍‌ଡେନ୍ ବୁଟ୍ ପ୍ରଦାନ କରଯାଇଛି। ଟୁର୍ଣ୍ଣାମେଣ୍ଟରେ ସଚିବାଳୟ ଫୁଟବଲ ଟିମ-ଏ, ସଚିବାଳୟ ଫୁଟବଲ ଟିମ-ବି, ଆଇ.ଆଇ.ଟି.ଟି.ଏମ. ଭୁବନେଶ୍ୱର ଫୁଟବଲ ଟିମ, କମିସନରେଟ ଅଫ ପୋଲିସ ଫୁଟବଲ ଟିମ, ଓ.ପି.ଟି.ସି.ଏଲ. ଫୁଟବଲ ଟିମ, ଓ.ୟୁ.ଏ.ଟି ଫୁଟବଲ ଟିମ, କିଶୋର କ୍ଲବ ଫୁଟବଲ ଟିମ ଏବଂ ଟୁରିଜିମ ଫୁଟବଲ ଟିମ ଅଂଶ ଗ୍ରହଣ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ଦାଶ, ପର୍ଯ୍ୟଟନ ବିଭାଗର ଅନୁ-ଶାସନ ସଚିବ କାହ୍ନୁ ଚରଣ ଦାସ, ପର୍ଯ୍ୟଟନ ବିଭାଗର ଅନୁ-ଶାସନ ସଚିବ ଅସୀମ କୁମାର ରାଉତ, ପର୍ଯ୍ୟଟନ ବିଭାଗର ଅନୁ ଶାସନ ସଚିବ ଅମୃତଲାଲ ମିର୍ଦ୍ଧା, ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦର ସଭାପତି ଶ୍ୟାମ ମୋହନ ସେଠୀ, ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦର ପୂର୍ବତନ ସଭାପତି ସରୋଜ କୁମାର ଜେନା, ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ବିଜୟ କୁମାର ମାଝୀ, ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦର କ୍ରିଡା ସମ୍ପାଦକ ବିନୋୟ କୁମାର ଦେବତା, ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦର ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ପାଣିଗ୍ରାହୀ, ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦର କୋଷାଧ୍ୟକ୍ଷ ବାସୁଦେବ ମୁର୍ମୁ ଏବଂ ପର୍ଯ୍ୟଟନ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଟିମ୍ ସହିତ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

### ଏଫ୍‌ଏଲ୍‌ଓ ବଜାର-୨୦୨୫ର ଦ୍ୱିତୀୟ ଦିବସ

# ଓଡ଼ିଶାର ହସ୍ତତନ୍ତ ଐତିହ୍ୟ ପ୍ରଦର୍ଶନ କଲେ ମହିଳା ଉଦ୍ୟୋଗୀ

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:** ଏଫ୍‌ଏଲ୍‌ଓ ବଜାର-୨୦୨୫ର ଦ୍ୱିତୀୟ ଦିବସରେ ଫିକି ଏଫ୍‌ଏଲ୍‌ଓ ଭୁବନେଶ୍ୱରର ମହିଳା ଉଦ୍ୟୋଗୀମାନେ ରାମ୍ପରେ ଓଡ଼ିଶାର ହସ୍ତତନ୍ତ ଐତିହ୍ୟର ବଳିଷ୍ଠ ପ୍ରଦର୍ଶନ କରିଥିଲେ। ବରହମପୁରି ପାଟ ଠାରୁ, ନୂଆପାଟଣା ଖଣ୍ଡୁଆ, ଗୋପାଳପୁର, କୋଟପାଡ଼, ସୋନପୁର, ବଲାଙ୍ଗୀର ଏବଂ ଆହୁରି ଅନେକ ଆକର୍ଷଣୀୟ ଭାବରେ ବୁଣା ଯାଇଥିବା ପୋଷାକ ପରିଧାନ କରି ଅଂଶଗ୍ରହଣକାରୀମାନେ ଓଡ଼ିଶା ବୁଣାକାରମାନଙ୍କ ଉତ୍କର୍ଷ କଳା ଓ ବିବିଧତାକୁ ପାଳନ କରିଥିଲେ। ରାମ୍ପ୍ ୱାକରେ ଶାଢ଼ୀ, ଜ୍ୟାକେଟ ଏବଂ ହସ୍ତତନ୍ତ ଦ୍ୱାରା ଅନୁପ୍ରେରିତ ପାଶ୍ଚାତ୍ୟ ଓ ସ୍ୱଦେଶୀ ପୋଷାକ ଗୁଡିକ ସ୍ଥାନ ପାଇଥିଲା, ଯାହା ଓଡ଼ିଶାର ସମୃଦ୍ଧ ବୟନ ପରମ୍ପରା ଏବଂ ରେଶମ ଓ କାର୍ପାସ କପଡ଼ାର ଚିରନ୍ତନ ସୌନ୍ଦର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲା। ବଜାରର କ୍ରମାଗତ ଦ୍ୱିତୀୟ



ଦିବସରେ ବିପୁଳ ଜନ ସମାଗମ ହୋଇଥିଲା। ସ୍ଥାନୀୟ କାରିଗରମାନେ ମଧ୍ୟ ଏହାକୁ ନେଇ ସେମାନଙ୍କର ଆନନ୍ଦ ପ୍ରକାଶ କରିଥିଲେ। ବଲାଙ୍ଗୀରର ଜଣେ ବୁଣାକାର ସୁରମା ପଟେଲ ସୂତା ହସ୍ତତନ୍ତ ଶାଢୀ ପ୍ରଦର୍ଶିତ କରିଥିବାବେଳେ ବିପୁଳ ଅଂଶଗ୍ରହଣକୁ ନେଇ ନିଜର ଉଲ୍ଲାସ ବ୍ୟକ୍ତ କରିଥିଲେ। ଅନୁରୂପ ଭାବରେ ଓଳାସିଂହ, ଖୋର୍ଦ୍ଧାର ବୁଣାକାରମାନେ ରେଶମ ସୂତା ଶାଢ଼ୀ ପ୍ରଦର୍ଶନ କରିଥିଲେ। ସେମାନଙ୍କର ବିପୁଳ ବିକ୍ରି ହେବାସହିତ ସେଠାରେ ଦର୍ଶକମାନଙ୍କର ଭିଡ଼ ଲାଗିଥିଲା। ବୁଣାକାରମାନଙ୍କ ସହିତ ମହିଳା ଉଦ୍ୟୋଗୀମାନେ ଡିଜାଇନର ହସ୍ତତନ୍ତ ଶାଢୀ, କପଡ଼ା, ପିଲାଙ୍କ ପୋଷାକ, ଜୋତା, ଅଳଙ୍କାର, ହସ୍ତନିର୍ମିତ ସାମଗ୍ରୀ ବିକ୍ରୀ କରୁଛନ୍ତି। ତାହାସହିତ ଓଡ଼ିଶାସ୍ଥିତ ସୌନ୍ଦର୍ଯ୍ୟ ଓ ୱେଲନେଶ୍ ବ୍ରାଣ୍ଡଗୁଡ଼ିକ ବହୁବିଧ ଉତ୍ପାଦ ପ୍ରଦର୍ଶନ କରି ପାର୍ବଣ ସପିଙ୍ଗ ଉଦ୍ଦୀପନାକୁ ବହୁଗୁଣିତ କରୁଛନ୍ତି। ଗ୍ରାହକମାନେ ପୂଜା ସପିଂ କରୁଥିବାବେଳେ ମେ ଫେୟାର କନଭେନ୍ସନ୍ ସ୍ଥଳ ଉତ୍ସାହରେ ଭରି ଉଠୁଛି, ଯାହା ଉତ୍ସବ ପାଳନ, ସଶକ୍ତିକରଣ ଏବଂ ସାଂସ୍କୃତିକ ଗୌରବର ଏକ ବାତାବରଣ ସୃଷ୍ଟି କରୁଛି।

ଏହି ଅବସରରେଏଫ୍‌ଏଲ୍‌ଓ ଭୁବନେଶ୍ୱର (୨୦୨୫-୨୬) ଚେୟାର ପର୍ସନ ଡ଼ ପ୍ରଜ୍ଞା ପାରମିତା ମିଶ୍ର କହିଛନ୍ତି ଯେ ' ଓଡ଼ିଶାର ହସ୍ତତନ୍ତ କେବଳ କପଡ଼ା ନୁହେଁ, ଏହା ଐତିହ୍ୟ, ଜୀବିକା, ଏବଂ ପରିଚୟ। ବୁଣାକାର ଓ ମହିଳା ଉଦ୍ୟୋଗୀଙ୍କୁ ଏଫ୍‌ଏଲଓ ବଜାର ଜରିଆରେ ଗୋଟିଏ ମଞ୍ଚରେ ଏକତ୍ର କରି ଆମେ ଆମ ରାଜ୍ୟର ମହାନ୍ କଳାକୁ କେବଳ ପାଳନ କରୁନାହୁଁ, ବରଂ ସ୍ଥାନୀୟ ସମୁଦାୟଙ୍କ ପାଇଁ ଦୀର୍ଘସ୍ଥାୟୀ ଅର୍ଥନୈତିକ ସୁଯୋଗ ଯୋଗାଇ ଦେଉଛୁ। ଆମେ ଏହିଭଳି ଉପାୟରେ ମହିଳାମାନଙ୍କୁ ସଶକ୍ତ କରୁଛୁ ଏବଂ ପରମ୍ପରାର ସଂରକ୍ଷଣ କରୁଛୁ ଏବଂ ସେହି ସମୟରେ ଆଧୁନିକତାକୁ ମଧ୍ୟ ଆପଣାଉଛୁ।'

### କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ବୈଠକ

# ୩୦ ସୁଦ୍ଧା ନୂଆ ଜିଲ୍ଲା ସଭାପତି ଘୋଷଣା

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:** ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଓଡ଼ିଶାର ସମସ୍ତ ୩୫ ସାଂଗଠନିକ ଜିଲ୍ଲାର ସଭାପତି ଚୟନ କାର୍ଯ୍ୟ ଶେଷ ହେବ। ଦଳର ନେତା ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନରେ ଗୁଜରାଟରେ ହୋଇଥିବା ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଶୈଳୀରେ ଓଡ଼ିଶା କଂଗ୍ରେସ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହେବ ବୋଲି ଏଆଇସିସି ସାଧାରଣ ସଂପାଦକ (ସଂଗଠନ) କେସି ବେଣୁଗୋପାଳ କହିଛନ୍ତି। ରବିବାର ସନ୍ଧ୍ୟାରେ କଂଗ୍ରେସ ଭବନରେ ଆୟୋଜିତ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଗଠିତ ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକରେ ସେ ଏହା କହିଛନ୍ତି। ବୈଠକରେ ଦଳର ସମସ୍ତ ବିଧାୟକ ଓ ସାଂସଦଙ୍କ ଉପସ୍ଥିତିରେ ସେ ଆହୁରି କହିଥିଲେ ଦଳ ଏବେ ଜନସାଧାରଣଙ୍କ ଦୃଷ୍ଟିରେ ଓଡ଼ିଶାରେ ପ୍ରମୁଖ ବିରୋଧୀ ଦଳର ମାନ୍ୟତା ପାଉଛି। ଦଳର ନେତା ଓ କର୍ମୀମାନେ ପରିଶ୍ରମ କଲେ ଉଭୟ ବିଜେପି - ବିଜେଡିକୁ ହରାଇବା ସମ୍ଭବ। ପ୍ରତି ତିନିମାସରେ ଥରେ ନବନିଯୁକ୍ତ ଜିଲ୍ଲା ସଭାପତି ମାନଙ୍କ କାର୍ଯ୍ୟ ସମୀକ୍ଷା କରାଯିବ। ଅକ୍ଟୋବର ମାସରେ କଂଗ୍ରେସ ସମସ୍ତ ବ୍ଲକରେ ପହଞ୍ଚିବ। ନଭେମ୍ବର - ଡିସେମ୍ବରରେ ଭୋଟ ଚୋରି ପ୍ରସଙ୍ଗକୁ ତୃଣମୂଳ ସ୍ତର ଯାଏଁ ପହଞ୍ଚାଇବା ସହ ବୁଥ୍ କମିଟି ଗଠନ କାର୍ଯ୍ୟ ସାରିବାକୁ ସେ ଆହ୍ୱାନ ଦେଇଥିଲେ।

ପିଏସି ବୈଠକରେ ଅଧ୍ୟକ୍ଷତା କରି ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ ଯେ କଂଗ୍ରେସ ଏବେ ରାଜ୍ୟରେ ଉଠୁଛି। ଓଡ଼ିଶାରେ ପିସିସି ଯେଉଁ ଗତିରେ କାମ କରୁଛି, ସେହି ଧାରା ଅବ୍ୟାହତ ରହିଲେ ୨୦୨୯ ରେ ଆମକୁ ରୋକିବା ଅସମ୍ଭବ ହେବ।

**ଅକ୍ଟୋବର ୨ରୁ ସାରା ରାଜ୍ୟରେ ବର୍ଷବ୍ୟାପୀ ପଦଯାତ୍ରା**

ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ ସଂଗଠନ ସୃଜନରେ ଅଗଣିତ କଂଗ୍ରେସ ନେତା ଓ କର୍ମୀଙ୍କ ଅକ୍ଲାନ୍ତ ପରିଶ୍ରମ ବୃଥା ଯିବନାହିଁ। ଆସନ୍ତା ଅକ୍ଟୋବର ୨ରୁ ବର୍ଷବ୍ୟାପୀ ପଦଯାତ୍ରାରେ ଭାଗ ନେବାକୁ ସେ ଦଳର ନେତା ଓ କର୍ମୀଙ୍କୁ ଆହ୍ୱାନ କରିଥିଲେ। ରାଜନୈତିକ ବ୍ୟାପାର କମିଟି ବୈଠକରେ ମହମ୍ମଦ ମୁକିମ୍, ନଗେନ୍ଦ୍ର ନାଥ ପ୍ରଧାନ, ସୁଶୀଳା ତିରିୟା, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ସନ୍ତୋଷ ସିଂହ ସାଲୁଜା, ରମେଶ ଜେନା, ସୋଫିଆ ଫିର୍ଦ୍ଦୋଷ, ଶ୍ରୀକାନ୍ତ ଜେନା, ସପ୍ତଗିରି ଉଲାକା ଓ ଡ ବିଶ୍ୱ ରଞ୍ଜନ ମହାନ୍ତି ପ୍ରମୁଖ ଭାଗ ନେଇ ଅନେକ ପ୍ରସ୍ତାବ ରଖିଥିବା ବେଳେ ମିନାକ୍ଷୀ ବାହାନିପତି ଓ ରଞ୍ଜିତ ପାତ୍ର ଯଥାକ୍ରମେ ମହିଳା କଂଗେସ ଓ ଯୁବ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଧନ୍ୟବାଦ ଅର୍ପଣ କରିଥିଲେ।

### 'ଆସ ସ୍କୁଲ୍ ଯିବା' ପଦଯାତ୍ରାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# 'ପ୍ରତ୍ୟେକ ପିଲାଙ୍କୁ ସ୍କୁଲ୍ ଆଣିବା ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟ'

**▸▸ ଶିକ୍ଷାରେ କେହି ପଛରେ ପଡ଼ିବେ ନାହିଁ**

**▸▸ ସ୍କୁଲ୍ ଫେରିବେ ଡ୍ରପ୍ଆଉଟ୍ ପିଲା**




**ସମ୍ବଲପୁର,୧୪।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟ ହେଉଛି ଦେଶର ପ୍ରତ୍ୟେକ ପିଲାଙ୍କୁ ସ୍କୁଲକୁ ଆଣିବା ଏବଂ ସେମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା। ଡ୍ରପ୍ ଆଉଟ ହ୍ରାସ କରିବା ସହ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି, ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ସାକ୍ଷରତା ହାର ବୃଦ୍ଧି କରିବା ଦିଗରେ ମଧ୍ୟ ଆମ ସରକାର ଯତ୍ନଶୀଳ। ଶିକ୍ଷା ମନ୍ତ୍ରଣାଳୟର ଉଲ୍ଲାସ -ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ-୨୦୨୫ ଅଧୀନରେ ୧୫ ବର୍ଷ ବୟସରୁ ଅଧିକ ନିରକ୍ଷର ଥିବା ଲୋକଙ୍କୁ ସାକ୍ଷର କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନଥିବା ତଥା ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମ୍ବଲପୁରରେ ରାଜ୍ୟବ୍ୟାପୀ ଅଭିଯାନ ଆୟୋଜିତ 'ଆସ ସ୍କୁଲ୍ ଯିବା' ସଚେତନତା ପଦଯାତ୍ରାରେ ସାମିଲ ହୋଇ ଶ୍ରୀ ପ୍ରଧାନ ଏହା କହିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ସେହିପରି ସମ୍ବଲପୁରରେ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନ୍ୟ ଜିଲ୍ଲା ଅପେକ୍ଷା ବହୁତ ଭଲ ଅଛି। ବର୍ତ୍ତମାନ ସମୟରେ ସମ୍ବଲପୁର ଜିଲ୍ଲାରେ ପ୍ରାୟ ୩୦୦୦ ପିଲା ବିଭିନ୍ନ ଶ୍ରେଣୀ ଅନୁସାରେ ସ୍କୁଲ୍ ବାହାରେ ଅଛନ୍ତି। ସେମାନଙ୍କୁ ସ୍କୁଲ ଶିକ୍ଷା ଓ ଦକ୍ଷତା ସହ ଯୋଡ଼ିବା ପାଇଁ ଆସ ସ୍କୁଲ୍ ଯିବା ପରି ଅଭିଯାନ ରାଜ୍ୟ ସରକାରଙ୍କ ପ୍ରଶଂସନୀୟ ପଦକ୍ଷେପ। ସମସ୍ତଙ୍କୁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ରେ ଯୋଡ଼ିବା ଆମ ସରକାରଙ୍କ ମୂଳ ଉଦ୍ଦେଶ୍ୟ। ଏହା କେବଳ ଭାଷଣବାଜି କିମ୍ବା ଖବରର ବିଷୟ ନୁହେଁ, ବରଂ ଏଥିପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ପ୍ରବନ୍ଧ ବର୍ଗମାନେ ନିଜର ଦାୟିତ୍ୱ ନିର୍ବାହ କରିବା ଦରକାର। ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବା, ନିରକ୍ଷର ଲୋକଙ୍କୁ ସାକ୍ଷର କରିବା, ଭୋକାଲ୍ ଫର୍ ଲୋକାଲକୁ ପ୍ରୋତ୍ସାହନ ଦେଇ ସ୍ୱଦେଶୀ ସାମଗ୍ରୀର ବ୍ୟବହାର କଲେ ହିଁ ଆମ ଦେଶ ଶିକ୍ଷା ଓ ସାମାଜିକ ଦୃଷ୍ଟିରୁ ଉନ୍ନତ ଓ ଅଧିକ ମଜଭୁତ୍ ହେବ। ଚାଲ ସ୍କୁଲ ଯିବା, ପାଠ ପଢ଼ିବାର ବାତାବରଣ ସୃଷ୍ଟି କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେବା ସହ ଆଜିର ସ୍କୁଲ ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ହିଁ ବିକଶିତ ଭାରତର ସ୍ୱପ୍ନ ପୂରଣ ହେବ ବୋଲି ସେ କହିଥିଲେ। ଏହି ପଦଯାତ୍ରାରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ପ୍ରମୁଖ ସାମିଲ ହୋଇଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଶିକ୍ଷା ଅଧିକାରୀ ଏବଂ ପରିଚାଳନା ସମିତିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

### ମୋଦୀଙ୍କ ଜନ୍ମଦିନରୁ ବିଜେପି ଏସ୍ସି ମୋର୍ଚ୍ଚାର ବଡ଼ ପଦକ୍ଷେପ

# ୧ ଲକ୍ଷ ଚାରାରୋପଣ, ୨୧୦୮ ସ୍ଥାନରେ ସ୍ୱଚ୍ଛତା ଅଭିଯାନ


**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:** ଗରିବ ଓ ଦଳିତ ବର୍ଗର ଉତ୍ଥାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବାକୁ ମୋଦିଜୀ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଅନୁସୂଚିତ ଜାତିର ଆର୍ଥିକ ବିକାଶଠାରୁ ଆରମ୍ଭ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଭଳି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରି ମୋଦିଜୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମୋଦିଜୀଙ୍କ ଭଳି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ସମସ୍ତେ ତାଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ପାଳନ କରନ୍ତି। ତାଙ୍କ ଜନ୍ମଦିନ ସେପଟ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ମୋଦିଜୀଙ୍କ ୭୫ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ପାଇଁ ବ୍ୟାପକ ଯୋଜନା କରାଯାଇଛି ବୋଲି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି।

ରାଜ୍ୟ ବିଜେପି ମୁଖପାତ୍ର ତଥା ଅନୁସୂଚିତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ରେନ୍ଦ୍ର ମୋଦିଜୀଙ୍କ ଜନ୍ମଦିନରୁ ଆରମ୍ଭ ହେବାକୁ ଥିବା ସେବା ପକ୍ଷରେ ବୃକ୍ଷ ଚାରା ରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଜୀଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ଏନେଇ ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସେବା ପକ୍ଷରେ ପ୍ରତି ମଣ୍ଡଳସ୍ତରରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ କରାଯାଇ ୧ ଲକ୍ଷ ବୃକ୍ଷ ଚାରା ରୋପଣ କରି ସବୁଜ ପରିବେଶର ବାର୍ତ୍ତା ଦିଆଯିବ। ଏହାଛଡ଼ା ୧୦୫୪ ମଣ୍ଡଳର ୨୧୦୮ ସ୍ଥାନରେ ମୋର୍ଚ୍ଚା ପକ୍ଷରୁ ସ୍ୱଚ୍ଛତା ଅଭିଯାନ କରାଯିବ। ସ୍ୱାସ୍ଥ୍ୟ ଶିବିରରେ ଅନୁସୂଚିତ ଜାତିରବର୍ଗଙ୍କୁ ସାମିଲ କରି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାରେ ସହଯୋଗ କରିବ। ଜିଲ୍ଲାସ୍ତରରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜୀବନି, ନେତୃତ୍ୱ ଏବଂ ଉପଲବ୍ଧି ଉପରେ ହେବାକୁ ଥିବା ପ୍ରଦର୍ଶନୀରେ ଦଳିତ ବର୍ଗର ଲୋକଙ୍କୁ ସାମିଲ କରିବ। ମୋଦିଜୀଙ୍କ ଜନ୍ମଦିନରେ ତାଙ୍କ ଦୀର୍ଘମୟ ଜୀବନ କାମନ କରି ମନ୍ଦିରରେ ଦ୍ୱୀପ ପ୍ରଜ୍ୱଳନ କରିବାକୁ ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ନିଷ୍ପତି ନିଆଯାଇଛି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସାଂସଦ ଡ.ରବି ନାରାୟଣ ବେହେରା, ବିଧାୟକ ରଘୁରାମ ମାଛ, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ, ଅନୁସୂଚିତ ଜାତିମୋର୍ଚ୍ଚା ଉପସଭାପତି ମନିଜର ଆର୍ଯ୍ୟ, ରାଜ୍ୟ ଉପସଭାପତି ରାମବିଶି ଦିଗାଲ, ରାଜ୍ୟ ଉପସଭାନେତ୍ରୀ ସ୍ମିତା ପ୍ରଧାନ, ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜ, ପୂର୍ବତନ ମୋର୍ଚ୍ଚା ସଭାପତି ମନୋଜ ବେହେରା, କାର୍ଯ୍ୟାଳୟ ସମ୍ପାଦକ ରାଧାକାନ୍ତ ମଲ୍ଲିକ, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲଙ୍କ ଦୃଢ଼ୋକ୍ତି

# ବିକାଶ, ସମୃଦ୍ଧିକୁ ଦ୍ରୁତ ଗତିରେ ବଢ଼ାଇବ 'ଏକ ରାଷ୍ଟ୍ର ଏକ ନିର୍ବାଚନ'



**ସାମୂହିକ ବିକାଶ ପାଇଁ ଯଥେଷ୍ଟ ସମୟ ମିଳିବ: ମନମୋହନ**

**ଭୁବନେଶ୍ୱର,୧୪।୯/ଏନ୍ଏନ୍ଏସ୍:** ବିଶ୍ୱର ସର୍ବବୃହତ ଗଣତନ୍ତ୍ର ହେଉଛି ଭାରତ। ମାତ୍ର ଏଠାରେ ନିରନ୍ତର ଚାଲୁଥିବା ନିର୍ବାଚନ ପ୍ରକ୍ରିୟା ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ବଦଳାଇ 'ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ'ର କରି ଏହି ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହା ଦେଶର ବିକାଶ ଏବଂ ସମୃଦ୍ଧିକୁ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ସହାୟତା କରିବ। ଏହି ମଡେଲ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ଢାଞ୍ଚାରେ ଉନ୍ନତି ଆଣିବ। ଏହାଦ୍ୱାରା ଶକ୍ତିଶାଳୀ, ସ୍ଥିର ଏବଂ ସମୃଦ୍ଧ ଭାରତ ସୃଷ୍ଟି ହୋଇପାରିବ। ଭାରତକୁ ଏକ ବ୍ୟବସ୍ଥିତ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଏହା ପ୍ରମୁଖ ଭୂମିକା ନେବ। ସୋଆ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ଆଲୋଚନାଚକ୍ରରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ କହିଛନ୍ତି। ଶ୍ରୀ ବଂଶଲ କହିଛନ୍ତି ଯେ, ୨୦୧୯ ସାଧାରଣ ନିର୍ବାଚନ ଖର୍ଚ୍ଚ ୬୦,୦୦୦ କୋଟି ଟଙ୍କା ଥିଲା। ୨୦୨୪ ଲୋକସଭା ନିର୍ବାଚନ ଖର୍ଚ୍ଚ ୧.୩୫ ଲକ୍ଷ କୋଟିରେ ପହଞ୍ଚିଛି। ଏହି ହିସାବରେ ଗୋଟିଏ ଭୋଟର ହାରାହାରି ମୂଲ୍ୟ ପ୍ରାୟ ୧୪୦୦ ଟଙ୍କା। ୨୦୨୪ ଲୋକସଭା ନିର୍ବାଚନକୁ ଭାରତର ନିର୍ବାଚନ ଇତିହାସର ସବୁଠାରୁ ବ୍ୟୟବହୁଳ ନିର୍ବାଚନ ବୋଲି ବିବେଚନା କରାଯାଇପାରେ। ଦେଶରେ ବାରମ୍ବାର ନିର୍ବାଚନ ହେବା ଦ୍ୱାରା ୪-୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଛି। ବାରମ୍ବାର ନିର୍ବାଚନ ଯୋଗୁଁ କର୍ମଚାରୀମାନଙ୍କର ଶକ୍ତି ଏବଂ ସମୟ ନିର୍ବାଚନରେ ଖର୍ଚ୍ଚ ହୁଏ। କେବଳ ସେତିକି ନୁହେଁ ନିରନ୍ତର ନିର୍ବାଚନ ପ୍ରକ୍ରିୟାରେ ଆଦର୍ଶ ଆଚରଣ ବିଧି ବାରମ୍ବାର ଲାଗୁ ହେବା ଦ୍ୱାରା ନୀତି ନିର୍ଦ୍ଧାରଣରେ ବାଧା ସୃଷ୍ଟି ହୋଇଥାଏ ବୋଲି ଶ୍ରୀ ବଂଶଲ କହିଛନ୍ତି।

ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ଏକକାଳୀନ ନିର୍ବାଚନ କରିବା ଦ୍ୱାରାବିପୁଳ ଖର୍ଚ୍ଚ ହ୍ରାସ ହେବ। ବଳକା ରାଶିକୁ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ବିକାଶମୂଳକ ଯୋଜନା ପାଇଁ ବ୍ୟବହାର କରାଯାଇପାରିବ। ପ୍ରଶାସନର ଦକ୍ଷତା ବୃଦ୍ଧି ପାଇବ ଏବଂ ସୁରକ୍ଷା ବାହିନୀ ଉପରେ ଚାପ ହ୍ରାସ ପାଇବ। ଏହାଦ୍ୱାରା ସାମୂହିକ ବିକାଶ ପାଇଁ ମଧ୍ୟ ଯଥେଷ୍ଟ ସମୟ ମିଳିବ।

ଏହି ଆଲୋଚନାଚକ୍ରରେ ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଦିନେଶ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଛାତ୍ର ନେତା ସୌଭାଗ୍ୟ ମହାନ୍ତି, ଅଙ୍କିତା ବିଶ୍ୱାସଙ୍କ ସମେତ ବିଭିନ୍ନ ଜିଲ୍ଲାର ବହୁ ଛାତ୍ର ନେତା ଉପସ୍ଥିତ ଥିଲେ।

DSPL-

**ଟେଣ୍ଟ୍ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ**

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟେ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।

ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
**ସର୍ବୋଚ୍ଚ ଯନ୍ତ୍ରୀ** (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0032/2526

ଆପଣଙ୍କ ଦୂରଦୃଷ୍ଟି ଓ ମୂଲ୍ୟବୋଧର ମହନୀୟ ଭିତ୍ତିଭୂମିରେ ପ୍ରତିଷ୍ଠିତ
**ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ଶ୍ରୀ ଦୁର୍ଗା କଣ୍ଡେଭ୍ ପଦ୍ମିନୀ କେୟାର ଓ ରଥ ପରିବାର**
୩୧ତମ ପୁଣ୍ୟତିଥିରେ
ଆପଣଙ୍କ ଅମ୍ଳାନ ସ୍ମୃତି ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
**ପୂଜ୍ୟପୂଜା ସମାରୋହ**

ପ୍ରଣମ୍ୟ
**ଧନେଶ୍ୱର ରଥ**

ସମ୍ମାନିତ ବ୍ୟକ୍ତିତ୍ୱ - ୨୦୨୫

ମୁଖ୍ୟପୁରୋଧା
ପୂଜ୍ୟ ସ୍ୱାମୀ ଶ୍ରୀ ନିଗମାନନ୍ଦ ସରସ୍ୱତୀ

ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର – ବିଶିଷ୍ଟ ଶିକ୍ଷାବିତ୍
ଡ. ସିଦ୍ଧେଶ୍ୱର ମହାପାତ୍ର – ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ
ଶ୍ରୀ କୁନା ତ୍ରିପାଠୀ – ବିଶିଷ୍ଟ ଅଭିନେତା
ସୁଶ୍ରୀ ତେଜସ୍ୱିନୀ ବେହେରା – ଭାରତୀୟ ପ୍ରଶାସନିକ ସେବା
ସୁଶ୍ରୀ ଲିଲିମା ମିଞ୍ଜ୍ – ବିଶିଷ୍ଟ କ୍ରୀଡାବିତ୍

୧୫ ସେପ୍ଟେମ୍ବର ୨୦୨୫, ସୋମବାର
ସ୍ଥାନ: ଜୟଶ୍ରୀ ଅଡିଟୋରିୟମ୍, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ
ଟାଙ୍ଗୀ, କଟକ, ଓଡ଼ିଶା | ସମୟ: ପୂର୍ବାହ୍ନ ୧୧:୦୦ ଘଟିକା

୦୪.୦୭.୧୯୧୭ - ୨୮.୧୦.୧୯୯୪

# ନୂତନ ପେନ୍‌ସନ୍‌ଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ପ୍ରତିବାଦ ସଭା




**ନୟାଗଡ଼,୧୪ା୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ନୟାଗଡ଼ ଜିଲ୍ଲା ଶାଖା ତରଫରୁ ଏକ ପ୍ରତିବାଦ ସଭା ଓ ରାଲି ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ନୟାଗଡ଼ ଜିଲ୍ଲାର ସମସ୍ତ ୮ ଟି ବ୍ଲକରୁ ସଂଘର ଶତାଧିକ ସକ୍ରିୟ ସଦସ୍ୟ ଓ ସଦସ୍ୟାମାନେ ଯୋଗଦେଇଥିଲେ । ୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ଠିକା ଶିକ୍ଷକ ଭାବରେ ନିଯୁକ୍ତି ପାଇଥିବା ଶିକ୍ଷକମାନେ, ଓଡ଼ିଶା ସରକାରଙ୍କ ଆର୍ଥିକ ଦୁରବସ୍ଥା ସମୟରେ ମାତ୍ର ୨୫୦୦ଟଙ୍କା/୧୫୦୦ ଟଙ୍କା ମାସିକ ଦରମାରେ ଶିକ୍ଷାଦାନ କରିଥିଲେ । ସରକାର ୨୦୦୩ ମସିହାରେ ଓ ୨୦୦୫ ମସିହାରେ ଠିକା ଶିକ୍ଷକ ନିଯୁକ୍ତି ବିଜ୍ଞାପନରେ ସେତେବେଳେ ଆର୍ଥିକ ସଙ୍କଟ ତଥା ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଘୋର ଅଭାବ ଯୋଗୁଁ ଠିକା ନିଯୁକ୍ତି ଦିଆଯାଇଥିବା ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ । ସେହି ଆର୍ଥିକ ଦୁରବସ୍ଥା ସମୟରେ ଏହି ଶିକ୍ଷକ ମାନେ ପ୍ରତିଶ୍ରୁତି ମୁତାବକ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାର ଉନ୍ନତି ଆଣିଥିଲେ । ୨୦୨୩ ମସିହାରେ ସଂଘ ବାରମ୍ବାର ଧାରଣା ଏବଂ ରାଲି କରିବା ସହିତ ତତ୍କାଳୀନ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିକ୍ଷା ସଚିବ, ବିରୋଧୀ ଦଳ ନେତା ପ୍ରଭୃତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ଅଦ୍ୟାବଧି ସରକାର କୌଣସି ପଦକ୍ଷେପ ନେଇ ନଥିବାରୁ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇବା ସହିତ ୬ ବର୍ଷର ଠିକା ଅବଧିକୁ ମୂଳ ଚାକିରିରେ ଗଣନା କରିବା ଏବଂ ୬ଟି ନ୍ୟାସ୍‌ନାଲ୍ ଇନ୍‌କ୍ରିମେଣ୍ଟ ତୁରନ୍ତ ପ୍ରଦାନ କରିବା ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ପ୍ରଦାନ କରାଯାଇଥିଲା । ଏହି ପ୍ରତିବାଦ ସଭାରେ ରାଜ୍ୟ ସଂଘ ଉପଦେଷ୍ଟା ସୁବାସ ଚନ୍ଦ୍ର ସାହୁ, ଜିଲ୍ଲା ସଭାପତି ମନୋଜ କୁମାର ଶତପଥୀ ଏବଂ ସମ୍ପାଦକ ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖଙ୍କ ସମେତ ଜିଲ୍ଲାରେ କାର୍ଯ୍ୟରତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ ।

## ଭାରତ ରକ୍ଷାମଞ୍ଚ ଓଡ଼ିଶା ଶାଖା ପକ୍ଷରୁ ବୈଠକ

# ବାଂଲାଦେଶୀ, ରୋହିଙ୍ଗିଆଙ୍କ ଅନୁପ୍ରବେଶ ରୋକିବାକୁ ସମୂହ ଶପଥ

**କୋଣାର୍କ,୧୪ା୯/ଏନ୍‌ଏନ୍‌ଏସ୍:** ଗତ ଶନିବାର ଭାରତ ରକ୍ଷା ମଞ୍ଚ ଓଡ଼ିଶା ଶାଖା ତରଫରୁ କୋଣାର୍କ ସ୍ଥିତ ଶ୍ରୀ ରାମ ମନ୍ଦିର ପ୍ରାଙ୍ଗଣରେ ଏକବୈଠକ ଅନୁଷ୍ଠିତ ହୋଯାଇଛି । ବୈଠକରେ ଭାରତ ରକ୍ଷା ମଞ୍ଚ ଓଡ଼ିଶା ଶାଖା ପକ୍ଷରୁ ଓଡ଼ିଆ ଚଳଚ୍ଚିତ୍ରର ବରିଷ୍ଠ କଳାକାର ତଥା ହିରୋ ପ୍ରିତିରାଜ୍ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ବିଭିନ୍ନ ଅନୁକୋଣରେ ଲକ୍ଷାଧିକ ବାଂଲାଦେଶୀ, ରୋହିଙ୍ଗିଆ ରିଫ୍ୟୁଜଙ୍କର ଅନୁପ୍ରବେଶ ଓ ତାଙ୍କର ପାଦୁର୍ଭାବକୁକୁ ନେଇ ଦେଶ ଭୋଗୁଥିବା ବିଭିନ୍ନ ସମସ୍ୟାକୁ ନେଇ ସବିଶେଷ ଆଲୋକପାତ କରିଥିଲେ । ଦେଶର ସୁରକ୍ଷା କ୍ଷେତ୍ରରେ ଏମାନେ କିପରି ଭଙ୍କର ଭାବେ ବିପଦ ସୃଷ୍ଟି କରୁଛନ୍ତି ତାକୁ ନେଇ ସେ ଉପସ୍ଥିତ ସଦସ୍ୟମାନଙ୍କୁ କହିଥିଲେ । ଓଡିଶା ତଥା ଭାରତରୁ ଏମାନଙ୍କୁ କିପରି ବାହାର କରାଯିବ ସେ ନେଇ ସମସ୍ତ ସଦସ୍ୟ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଥିଲେ । ଏ ନେଇ ସେ ବିଭିନ୍ନ ପରାମର୍ଶ ଦେଇଥିଲେ । ଅନ୍ୟଅତିଥିଙ୍କ ମଧ୍ୟରେ ଭୁବନେଶ୍ୱରର ଆଇଡିବିଆଇ ବ୍ୟାଙ୍କର ରିଜିଓନାଲ ସେଲସ ମ୍ୟାନେଜର ତଥା ଭାରତ ରକ୍ଷାମଞ୍ଚର ସମ୍ପାଦକ ପ୍ରତାପ ଚନ୍ଦ୍ର ମୁଦୁଲି, ଜଗତସିଂହପୁର ନବରନ୍ ଚ୍ୟାରିଟେବୁଲ ଟ୍ରଷ୍ଟର ମୁଖ୍ୟ ପରାଗ କୁମାର ମିଶ୍ରଙ୍କ ସମେତ ବରିଷ୍ଠ ସାମ୍ବାଦିକ ଅବନୀ ଭୂଷଣ ବାରିକ, କୋଣାର୍କ ହାଇସ୍କୁଲ ଆଲୁମିନି ସଭାପତି ଚନ୍ଦ୍ରଶେଖର ରାଉତରାୟ, ବିଶିଷ୍ଟ ବ୍ୟବସାୟୀ କୃଷ୍ଣ ଚନ୍ଦ୍ର ସାହୁ, ଯୋଗଗୁରୁ ବାମଦେବ ଆଲୁକ, ଅଧ୍ୟାପକ ବିନୟ ଭୂଷଣ ମହାନ୍ତି, ସମାଜସେବୀ ରଶ୍ମିରଞ୍ଜନ ବିଶ୍ୱାଳ, ରମାକାନ୍ତ ଖଟୋଇ, ପୂର୍ଣ୍ଣ ଚନ୍ଦ୍ର ପଟନାୟକ,ମିଳନ ରାଉତ, ଅଧ୍ୟାପକ ଗୁଣ୍ଣନିଧି ମୁଦୁଲି, ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି, ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ସମୂହ ଦେଶର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ପ୍ରଭୁଙ୍କ ନିକଟରେ ଶପଥ ନେଇଥିଲେ ।



## କାମ କରୁନି ସରକାରଙ୍କ ସାର ଯୋଗାଣ ନିର୍ଦ୍ଦେଶ

# ୧୮ରୁ ୫ ପାକ୍ସକୁ ସାର ଆସିନି, ମୁହଁ ଖୋଲୁନାହାନ୍ତି ନିରୀକ୍ଷକ

**ଓଡ଼ଗାଁ,୧୪ା୯/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇବାକୁ ସମସ୍ତ ସୋସାଇଟିମାନଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ତାହାଏବେ ଏକ ଭେଲିକିରେ ପରିଣତ ହୋଇଛି । ଓଡ଼ଗାଁରେ ସାର ସଂକଟ ଉଗ୍ରରୂପ ଧାରଣ କରିଛି । ଚାଷୀ ଚଢ଼ା ଦରରେ ସାର କିଣୁଥିବା ବେଳେ ସବୁଦେଖି ନିଘୋଡ଼ ନିଦ୍ରାରେ ଶୋଇଛି ପ୍ରଶାସନ । ୧୮ଟି ପାକ୍ସ ମଧ୍ୟରୁ ୫ଟି ପାକ୍ସକୁ ଆଜିପର୍ଯ୍ୟନ୍ତ ସାର ଆସିନଥିବାରୁ ଚାଷୀ ହଟହଟା ହୋଇ ଫେରୁଛନ୍ତି । ସୂଚନା ଅନୁଯାୟୀ ରାଜ୍ୟରେ ସାର ଅଭାବକୁ ନେଇ ବିରୋଧି ସରକାରଙ୍କୁ କାଠଗଡ଼ାକୁ ଟାଣିବାପରେ ମୁଖ୍ୟମନ୍ତ୍ରୀ ଏକ ଜରୁରୀକାଳୀନ ବୈଠକ ଡ଼ାକି ସମସ୍ତ ଚାଷୀଙ୍କୁ ଯୁଦ୍ଧକାଳୀନ ଭିତିରେ ସାର ଯୋଗାଇବାକୁ ସମବାୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ସାର ଯୋଗାଣରେ ସମବାୟ ବିଭାଗ ବିଫଳ ହୋଇଛି । ଓଡ଼ଗାଁର ୧୮ଟି ସମିତି ଉପରେ ନଜର ପକାଇଲେ କିଛି ସୋସାଇଟକୁ ସାର ଦିଆଯାଇଥିବା ବେଳେ ଆଉ କିଛି ସୋସାଇଟ ସାର ଆଣିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି । ଯତିକିବି ସୋସାଇଟ ସାର ପାଇଛନ୍ତି ତାହା ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀ ଓ ସମିତି ସଂପାଦକ କହିଛନ୍ତି । ଏବେ ସରକାରଙ୍କ ନିୟମ ସମବାୟ ବିଭାଗ ପାଳନ କରୁଥିବା ନଥିବା ସ୍ପଷ୍ଟ ଜଣାପଡ଼ିଛି । ଓଡ଼ଗାଁର କୋମଣ୍ଡ ପାକ୍ସକୁ ୪୨୦ ବସ୍ତା ୟୁରିଆ ସାର ଆସିଥିବାବେଳେ କୁରାଳ ପାକ୍ସକୁ ୨୫୦ ବସ୍ତା, ସୁନାମୁହିଁ ପାକ୍ସକୁ ୫ଶହ ବସ୍ତା, ବାଲିଙ୍ଗିଶା ପାକ୍ସକୁ ୧୮୦ ବସ୍ତା, ପାଣ୍ଡେରିପଡ଼ା ପାକ୍ସକୁ ୧୫୦ ବସ୍ତା, ରଙ୍ଗଣୀପାଟଣା ପାକ୍ସକୁ ୨ଶହ ବସ୍ତା, ନନ୍ଦିଘୋର ପାକ୍ସକୁ ୨୫ଶହ ବସ୍ତା, ବାଣପୁର ପାକ୍ସକୁ ୩ଶହ ବସ୍ତା, କୈବଲ୍ୟପୁର ପାକ୍ସକୁ ୨ଶହ ବସ୍ତା, ବାଙ୍କତରା ପାକ୍ସକୁ ୧୨୦ ବସ୍ତା, କୋରପିଠା ପାକ୍ସକୁ ୨ଶହ ବସ୍ତା, ଗୁଣ୍ଠାସାହି ପାକ୍ସକୁ ୧୫୦ ବସ୍ତା ସାର ଆସିଥିବା ଜଣାପଡିଛି ।ତେବେ ହନୁମନ୍ତିଆ ପାକ୍ସ, ଓଡ଼ଗାଁ ପାକ୍ସ, ସାକେରୀ ପାକ୍ସ, ବାଉଁଶଗାଡ଼ିଆ ପାକ୍ସ ଓ ଗୌଡ଼ପୁଟ ପାକ୍ସକୁ ଆଜି ପର୍ଯ୍ୟନ୍ତ ସାର ଆସିନଥିବା ଜଣାପଡ଼ିଛି । ଯେତିକି ପାକ୍ସ ସାର ଆଣିନାହାଁନ୍ତି ସେମାନଙ୍କ ବିରୋଧରେ ସମବାୟ ବିଭାଗ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ରହିଛି । କିଛି ପାକ୍ସ ବିଭିନ୍ନ ଆଳ ଦେଖାଇ ଅଡୁଆରେ ପଶିବାକୁ ଚାହୁଁନଥିବା ବେଳେ ଆଉ କିଛି ପାକ୍ସ ସାରଆଣି ବଦନାମ ମୁଣ୍ଡାଇବାକୁ ପଡୁଛି କହି ଚାଷୀଙ୍କ ମୁଣ୍ଡରେ ଅଠା ବୋଳିଛନ୍ତି ।ଚାଷୀ ଗୋଟିଏ ବସ୍ତା ଜାଗାରେ ଦୁଇରୁ ତିନିବସ୍ତା ସାର ନେଉଛି ଓ ସେହି ସାରକୁ ଚାଷୀ ଜମିରେ ନପକାଇ ଦୋକାନୀକୁ ବିକ୍ରି କରୁଛି ବୋଲି ପାକ୍ସ ସଂପାଦକ କହିଛନ୍ତି । ଏପଟେ ଗୋଟିଏ ଗୋଟିଏ ପାକ୍ସକୁ ଏକ ହଜାରରୁ ଅଧିକ ବସ୍ତା ସାରର ଆବଶ୍ୟକତା ରହିଥିବା ବେଳେ କମ୍ ସାର ଆସିଥିବାରୁ ଚାଷୀ ବାଧ୍ୟ ହୋଇ ଚଢ଼ା ଦରରେ ବାହାରୁ ସାର କିଣୁଛନ୍ତି । ଚାଷୀ ବାହାରୁ ବସ୍ତା ପିଛା ୭ଶହରୁ ୮ଶହ ଟଙ୍କା ଦେଇ କିଣୁଥିବା ଚାଷୀ କହିଛନ୍ତି । ଦୋକାନୀ କିମ୍ବା ଲାଇସେନ୍ସପ୍ରାପ୍ତ ଡ଼ିଲର ଚଢ଼ାଦରରେ ସାର ବିକ୍ରି କରୁଥିଲେ ମଧ୍ୟ ସମବାୟ ବିଭାଗ କିମ୍ବା କୃଷି ବିଭାଗ ପକ୍ଷରୁ କେବେ ଧରପଗଡ଼ କରି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ । ଘଟଣାରେ ଗୋଷ୍ଠୀ କୃଷି ଅଧିକାରୀ ପ୍ରତିଭା ପ୍ରଧାନ ଫୋନ୍ ଉଠାଇନଥିବା ବେଳେ ଓଡ଼ଗାଁ ସମବାୟ ନିରୀକ୍ଷକ ହିମାଂଶୁ ଶେଖର ରାଉତ ସତକଥା କାଳେ ଧରାପଡ଼ିଯିବ ସେହି ଭୟରେ ତଥ୍ୟ ଦେବାକୁ ନାରାଜ ହୋଇ ସରକାରୀ ତଥ୍ୟ ଦେବାକୁ କୌଣସି ନିୟମ ନଥିବାକହି ଲୋକହସା ହୋଇଛନ୍ତି ।

# ୪ର୍ଥ କୋଣାର୍କ ଜାତୀୟ ସାହିତ୍ୟ ମହୋତ୍ସବ ଉଦ୍‌ଯାପିତ



**କୋଣାର୍କ,୧୪ା୯/ଏନ୍‌ଏନ୍‌ଏସ୍:** ଗତ ଶନିବାର ଠାରୁ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଯାତ୍ରୀ ନିବାସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଓଡିଶାର ଅଗ୍ରଣୀ ସାହିତ୍ୟ ସଂଗଠନ ସାହିତ୍ୟ ସଂସ୍କୃତି ସମାରୋହ ପକ୍ଷରୁ ଆୟୋଜିତ ୪ର୍ଥ କୋଣାର୍କ ଜାତୀୟ ସାହିତ୍ୟ ମହୋତ୍ସବ ଗତ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ସାହିତ୍ୟ ସଂସ୍କୃତି ସମାରୋହର ଅଧ୍ୟକ୍ଷ ଡକ୍ଟର ଫନି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାଷାବିତ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଭାରତୀୟ ସଂସ୍କୃତି, ଐତିହ୍ୟ, ଭାଷାର ସମୃଦ୍ଧି ହୋଇପାରିଲେ ଭାଷା ଭାରତୀର ଭଣ୍ଡାର ବିକଶିତ ହେବା ସହିତ ଉତ୍କଳୀୟ ପର୍ବପର୍ବାଣୀ, କୀର୍ତ୍ତିରାଜି ଓ ଐତିହ୍ୟ ସମୂହ ଓଡ଼ିଆ ଅସ୍ମିତାର ମହାନ ବାର୍ତ୍ତାବହ ଓ ଭାଷା ସାହିତ୍ୟର ସୁରକ୍ଷା କବଚକୁ ବୁଦ୍ଧିମନ୍ତ ଓ ଏକସୂତ୍ରରେ ବାନ୍ଧି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉଦ୍‌ଯାପନୀ ସମାରୋହରେ ଭାରତୀୟ କବିତା ଓ ଗଳ୍ପ ସମ୍ପର୍କରେ ଆଲୋଚନା କରାଯିବା ସହ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା କବି, କବୟିତ୍ରୀମାନଙ୍କ ଦ୍ୱାରା ଚେତନା ଧର୍ମୀ କବିତା ମାନ ପାଠ କରାଯାଇଥିଲା । ଉଦ୍‌ଯାପନୀ ଦିବସରେ ସତ୍ୟବ୍ରତ ଜେନା ଓ ସୁଧାଂଶୁ ସାମନ୍ତରାୟଙ୍କ ସଂପାଦନାରେ ପ୍ରକାଶ ପାଉଥିବା ତ୍ରୈମାସିକ ପତ୍ରିକା ମୁଖ୍ୟ ଅତିଥି ଡକ୍ଟର ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।ଏହି କୋଣାର୍କ ଜାତୀୟ ସାହିତ୍ୟ ମହୋତ୍ସବରେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ହାଇଦ୍ରାବାଦ, ଆସାମ ଓ ପଞ୍ଜାବ ସମେତ ବିଭିନ୍ନ ରାଜ୍ୟର ୧୦୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ କବି, ଲେଖକ, ସାହିତ୍ୟିକ ଓ କବୟିତ୍ରୀମାନେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ସଂଘମିତ୍ରା ରାଜଗୁରୁ, ସୋନାଲି ସାହୁ, ମିନତୀ ରଥ ଓ ପାରମିତା ଷଡଙ୍ଗୀ ପ୍ରମୁଖ ସଂଯୋଜନା କରିଥିଲା ବେଳେ ଦୁଇଦିନିଆ ୪ର୍ଥ କୋଣାର୍କ ଜାତୀୟ ସାହିତ୍ୟ ମହୋତ୍ସବକୁ ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି, ସରୋଜିନୀ ମହାନ୍ତି, ପ୍ରଣବ ଛୋଟରାୟ, ସଂଯୁକ୍ତା ପରିଡା, ଶକୁନ୍ତଳା ମହାନ୍ତି, ଭାରତୀ ଭୂଷଣ ପଟ୍ଟନାୟକ, ନିନାଦିନ ମହାନ୍ତି ଓ ବିନୋଦିନୀ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ୩୧ତମ ପୁଣ୍ୟ ତିଥି ଅବସରରେ:

# ଚିର ନମସ୍ୟ - ଧନେଶ୍ୱର ରଥ



ସ୍ୱର୍ଗୀୟ ଧନେଶ୍ୱର ରଥ ଆମର ଚିର ନମସ୍ୟ । କଟକ ଜିଲ୍ଲା ଟାଙ୍ଗି ବ୍ଲକର କଏରାପାରି ଏକ ଅଜଣା ଅଶୁଣା ଗ୍ରାମରେ ସେ ୧୯୧୬ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଥିଲେ କପିଳ ରଥ ଓ ମାତା ସାଧବୀ ଦେବୀ । ପିଲାଦିନୁ ସେ ପରିବାରରୁ ସଂସ୍କାର ଲାଭ କଲେ । କପିଳଙ୍କ ପରିବାରର ଶେଷ ସନ୍ତାନ ହୋଇଥିବାରୁ ବାପା ମାଆ ତଥା ବଡ଼ ଭାଇ ଭଉଣୀମାନଙ୍କ ସ୍ନେହ ଶ୍ରଦ୍ଧା ତାଙ୍କ ଉପରେ ଅଜାଡ଼ି ହୋଇ ପଡୁଥିଲା । ସମସ୍ତଙ୍କର ଆଶା ଓ ଭରଷାକୁ ନେଇ ଧନେଶ୍ୱର ବାଲ୍ୟ ଜୀବନ ଆରମ୍ଭ କଲେ । ଅଧ୍ୟୟନ ଓ ଅଧ୍ୟବସାୟ ବଳରେ ଧନେଶ୍ୱର ଜୀବନର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରିଥିଲେ । ଜୀବନ ଧାରଣ ପାଇଁ, ଜୀବନ ପଥରେ ଅଗ୍ରସର ହେବା ପାଇଁ ସେ ପିଲାଦିନୁ ବହୁ କଷ୍ଟ ସ୍ୱୀକାର କରିଥିଲେ । ମାତ୍ର ଜୀବନର ଲକ୍ଷ୍ୟ ଭୁଲି ନଥିଲେ ।

୧୯୩୮ ମସିହାରେ ଧନେଶ୍ୱର ରଥ କଟକ ଖ୍ରୀଷ୍ଟ କଲିଜିଏଟ ସ୍କୁଲରୁ ମାଟ୍ରିକ୍ ପାସ କଲେ ଏବଂ ଟାଇପ୍ ରାଇଟିଂ ଶିକ୍ଷା ଲାଭ କରି ଅବକାରୀ କମିଶନଙ୍କ ଅଫିସ୍‌ରେ ଜଣେ ଟାଇପିଷ୍ଟ ଭାବେ ଚାକିରୀ ଜୀବନ ଆରମ୍ଭ କଲେ । ଅଧିକ ପାଠ ପଢ଼ିବା ପାଇଁ ଓ ବଡ଼ ଅଧିକାରୀ ହେବା ପାଇଁ ତାଙ୍କର ଇଚ୍ଛା ଥିଲା । ମାତ୍ର ତାଙ୍କ ଗ୍ରାମ ନିକଟରେ କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନ ନଥିବାରୁ ସେ ଉଚ୍ଚଶିକ୍ଷା ହାସଲ କରିପାରି ନଥିଲେ । ସେହିପରି ପରିବାରର ଆର୍ଥିକ ସମସ୍ୟା ମଧ୍ୟ ତାଙ୍କ ପାଇଁ ବାଧା ସୃଷ୍ଟି କରିଥିଲା । ସେ ସେକ୍ସନ ଅଫିସର ଭାବେ ସରକାରୀ କାମରୁ ଅବସର ନେଇଥିଲେ । ତା'ପରେ ଶିକ୍ଷକତା ଆରମ୍ଭ କରି ଗ୍ରାମାଞ୍ଚଳରେ ଶିକ୍ଷା ସମସ୍ୟାର ସମାଧାନ ପାଇଁ ସେ ଟାଙ୍ଗୀରେ ହାଇସ୍କୁଲ ପ୍ରତିଷ୍ଠା କରି ତା'ର ଉନ୍ନତି ପାଇଁ ଆପଣାକୁ ନିୟୋଜିତ କରିଥିଲେ ।

ଧନେଶ୍ୱର ରଥ ଜଣେ କର୍ମଯୋଗୀ ଭାବେ ପରିଚିତ । ପିଲାଦିନରୁ ସେ ଦେଶପ୍ରେମ ସାହିତ୍ୟ ପଢ଼ିବାର ସୁଯୋଗ ପାଇଥିଲେ । ବିଶେଷ କରି ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ କଥା, ତାଙ୍କ ନୀତି ଓ ଆଦର୍ଶ ତାଙ୍କୁ ଦେଶସେବା ପାଇଁ ଉତ୍ସାହିତ କରିଥିଲା । ଗାନ୍ଧିଜୀ କହୁଥିଲେ ଭାରତର ଆତ୍ମା ଗାଁରେ ରହିଛି । ଗାନ୍ଧିଜୀଙ୍କର ଏହି ବାର୍ତ୍ତା ଧନେଶ୍ୱରଙ୍କୁ ପ୍ରଭାବିତ କରିଥିଲା ଓ ସେ ଗାଁର ଉନ୍ନତି ସହିତ ଦେଶର ବିକାଶ ସମ୍ଭବ ବୋଲି ଭାବିଥିଲେ । ଏହି କାରଣରୁ ସେ ଗ୍ରାମାଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଜଣେ ଶିକ୍ଷକ ଭାବରେ ଶିକ୍ଷାର ବିକାଶ ଓ ତାହା ଯେପରି ସମସ୍ତଙ୍କ ପାଖରେ ପହଞ୍ଚି ପାରିବ, ଅର୍ଥାତ୍ ତାଙ୍କ ଗାଁ ବା ଦେଶରେ କେହି ଅଶିକ୍ଷିତ ରହିବେ ନାହିଁ, ଏଥିପାଇଁ ଧନେଶ୍ୱର ରଥ ଆଜୀବନ ଉଦ୍ୟମ କଲେ । ସେହି ନମସ୍ୟ ପୁରୁଷ ଯାହାଙ୍କ ତ୍ୟାଗ ଓ ସେବା ବଳରେ, ଶ୍ରଦ୍ଧା ଓ ପୁଣ୍ୟ କାରଣରୁ ଓଡ଼ିଶା ପରି ଏକ ଦରିଦ୍ର ରାଜ୍ୟରେ ବୈଷୟିକ ଶିକ୍ଷାର ଉନ୍ନତି ହୋଇଛି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ସମ୍ଭବ ହୋଇପାରିଛି । ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ଧନେଶ୍ୱର ରଥ ସ୍ୱପ୍ନ ଦେଖିଥିଲେ, ଯେଉଁ କାରଣରୁ ତାଙ୍କର ସୁଯୋଗ୍ୟ ସନ୍ତାନମାନେ ପ୍ରତିଷ୍ଠା କରିଛନ୍ତି ଉନ୍ନତ ବୈଷୟିକ ଶିକ୍ଷାନୁଷ୍ଠାନ । ପିତାଙ୍କ ନାମରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ 'ଡ୍ରିମ୍‌ସ୍' ରାଜ୍ୟର ଏକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି । ସେହିପରି ଆମ ରାଜ୍ୟର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସେ ସ୍ୱପ୍ନ ଦେଖିଥିଲେ । ତାଙ୍କର ସେହି ସ୍ୱପ୍ନକୁ ସାକାର କରାଯାଇଛି ଓ ଗଢ଼ିଉଠିଛି ଏକ ଉନ୍ନତ ଡାକ୍ତରଖାନା "ପଦ୍ମିନୀ କେୟାର ହସ୍‌ପିଟାଲ" ସନ୍ତାନମାନଙ୍କ ପ୍ରୟାସରୁ ଧନେଶ୍ୱର ରଥଙ୍କର ଆଶା ପୂରଣ ହୋଇପାରିଛି ।

ଏପରି ଜଣେ ସେବକ, କର୍ମଯୋଗୀଙ୍କର ପରଲୋକ ୧୯୯୪ ମସିହାରେ ହେଲା । ତାଙ୍କ କର୍ମମୟ ଜୀବନର ଯାତ୍ରା ଶେଷ ହୋଇଯାଇଥିଲେ ମଧ୍ୟ ସେହି କର୍ମର ପ୍ରେରଣା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିଅଛି ଓ ଧନେଶ୍ୱରଙ୍କ କର୍ମଯୋଗ ଜାରି ରହିଛି । ସେ ତାଙ୍କ ଜୀବନକୁ ଚାହିଁଥିଲେ ଭୋଗ ବିଳାସରେ ରଖିପାରିଥାନ୍ତେ, ଆପଣାକୁ ସମୃଦ୍ଧ ଓ ସମ୍ପନ୍ନ କରିପାରିଥାନ୍ତେ. ମାତ୍ର ତାଙ୍କ ସଂସ୍କାର ଓ ଶିକ୍ଷା ତାଙ୍କୁ ସେ ଦିଗରେ ବାଧା ଦେଇଛି । ସେ ଅନ୍ୟମାନଙ୍କ ପାଇଁ ଆପଣାକୁ ସମର୍ପଣ କରିଯାଇଛନ୍ତି । ସେହି ପୁଣ୍ୟସ୍ମୃତିଙ୍କୁ ସ୍ମରଣ କରିବା ଆମର କର୍ତ୍ତବ୍ୟ ଓ ତାଙ୍କ ସେବାମୟ ଚିନ୍ତା ଚେତନାକୁ ଆଗକୁ ନେବା ଆମର ଧର୍ମ ।

**ଡାକ୍ତର ରବି ରଂଜନ ସାହୁ**
**ଚାନ୍ଦିନୀଚୌକ, କଟକ-୨**

# ସ୍ୱାସ୍ଥ୍ୟକେନ୍ଦ୍ର ପାଚେରୀ ଜବରଦଖଲ ପ୍ରସଙ୍ଗରେ ତହସିଲଦାରଙ୍କ ନୋଟିସ୍

**କିଶୋରନଗର,୧୪ା୯/ଏନ୍‌ଏନ୍‌ଏସ୍:** ଯେଉଁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି କଟକ ପାରାଦ୍ୱୀପ ରାସ୍ତା କଡ଼ରେ ଅବସ୍ଥିତ ହୋଇଥିବା ବେଳେ ଏହା ଉପରେ ରଘୁନାଥପୁର, ବିରିଡ଼ି, କଟକ ସଦର ଓ ନିଶ୍ଚିନ୍ତକୋଇଲିର ପ୍ରାୟ ଦିନକୁ ୧୦ ହଜାରରୁ ଅଧିକ ରୋଗୀ ମାନଙ୍କୁ ଆବଶ୍ୟକ ସେବା ପ୍ରଦାନ କରିଥାଏ । ଯାହାର ସୁଯୋଗ ନେଇ ଖଳ ପ୍ରକୃତିର ଅମାନିଆ ଅଣ୍ଡା ଦୋକାନୀ ସ୍ୱାସ୍ଥ୍ୟ କେନ୍ଦ୍ର କାନ୍ଥକୁ ଲଗାଇ ମୁଖ୍ୟ ରାସ୍ତା ଉପରେ ବିପୁଳ ଅଣ୍ଡା ପ୍ରତିଦିନ ବିକ୍ରି କରିଥାଏ, ଏଥିସହିତ ଲୋକ ରଖି ବିରାଟ ଫଳ ଦୋକାନରୁ ଦିନକୁ ସହ ସହ ପେଟି ଫଳ ମଧ୍ୟ ଚଢ଼ା ଦରରେ ବିକ୍ରି କରିଥାଏ । ପ୍ରତିଦିନ କିଛି କିଛି ସଢା ଅଣ୍ଡା ଓ ଫଳ ଗଦା ହୋଇ ସେଥିରୁ ଦୁର୍ଗନ୍ଧ ବାହାରି ରୋଗୀମାନଙ୍କ ସହିତ ଡାକ୍ତର ମାନଙ୍କୁ ମଧ୍ୟ ଆକ୍ରାନ୍ତ କରି ଥାଏ ବୋଲି ସାଧାରଣ ରେ ଅଭିଯୋଗ ହୋଇଛି । ଏପରିକି ଦୋକାନ ଆଗରେ ପଡ଼ିଥିବା କଦଳୀ ଚୋପା ରେ ଗୋଡ଼ ଖସି ଜଖମ ହୋଇ ଘରେ ଦୀର୍ଘ ଦିନ ପଡ଼ି ରହିବାର ନଜିର ମଧ୍ୟ ରହିଛି, ତେବେ ଦିଲିଆ ଗୁଣ୍ଡା ଶ୍ରେଣୀର ଲୋକ ହୋଇଥିବାରୁ ତହସିଲ କର୍ମଚାରୀ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ତାଙ୍କୁ ଦରି ରହିଥାଆନ୍ତି, ଏ ନେଇ ଉଭୟ ବିଭାଗ କୁ ଜୋରିମାନା ଦେବାର ରେକଡ ମଧ୍ୟ ରହିଛି । କୋଟି କୋଟି ଟଙ୍କାରେ ନିର୍ମିତ ଡାକ୍ତରଖାନାର ସ୍ୱାସ୍ଥ୍ୟ ଗତ ଗୁରୁତ୍ୱ ରକ୍ଷା କରିବାକୁ ହେଲେ ଏଠାରୁ ଅଣ୍ଡା ଓ ଫଳ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସିଡ଼ିଏମଓଙ୍କ ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିବା ସହିତ ରୋଗୀ ମାନଙ୍କୁ ସ୍ୱାସ୍ଥ୍ୟକର ପରିବେଶ ସୁନିଶ୍ଚିତ କରିବା ନିମନ୍ତେ ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି । ତେବେ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ସହିତ ବହୁ ସାମାଜିକ ସଂଗଠନମାନଙ୍କ ଅଭିଯୋଗ କ୍ରମେ ରଘୁନାଥପୁର ତହସିଲଦାର ଘଟଣାର ସତ୍ୟାସତ୍ୟ ଅନୁଭବ କରି ଉକ୍ତ ଅଣ୍ଡା ଓ ଫଳଦୋକାନକୁ ସ୍ଥାନାନ୍ତର ନୋଟିସ ପ୍ରଦାନ କରିଥିବା ବେଳେ ଅଞ୍ଚଳବାସୀ ତହସିଲଦାରଙ୍କୁ ସାଧୁବାଦ ଜଣାଇଛନ୍ତି ।

# ପୁରୀରେ ରାଷ୍ଟ୍ରୀୟ ଲୋକଅଦାଲତ

**ପୁରୀ,୧୪ା୯/ଏନ୍‌ଏନ୍‌ଏସ୍:** ଶନିବାର ଦିନ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଆନକଲ୍ୟରେ ପୁରୀ ସମେତ ନିମାପଡା, ପିପିଲି, କୋଣାର୍କ, ଜଣାସ, ବ୍ରହ୍ମଗିରି, ଅସ୍ତରଙ୍ଗ ଓ କାକଟପୁର କୋର୍ଟରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ଅଧକ୍ଷ୍ୟା ତଥା ଜିଲ୍ଲା ଓ ଦୌରାଜଜ ଶ୍ରୀମତୀ ଅଜନ୍ତା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀଙ୍କ ପରିଚାଳନାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏହି ଲୋକ ଅଦାଲତରେ ୧୯୦୫୫ ଗୋଟି ମକଦମା ଫଇସଲା କରାଯିବା ସହ ଜୋରିମାନା ଓ କ୍ଷତିପୂରଣ ବାବଦରେ ୬,୨୩,୩୭,୪୬୬ ଟଙ୍କା ଆଦାୟ କରାଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କାର୍ଯକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲା ଓ ଦୌରାଜଜ ଶ୍ରୀମତୀ ଅଜନ୍ତା ଷଡଙ୍ଗୀ ଏହାକୁ ଉଦ୍ଘାଟନ କରିଥିଲେ । ପରିବାର ଅଦାଲତ ବିଚାରପତି ଶ୍ରୀମତୀ ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୈକତ ପତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଚିନ୍ମୟ ମିଶ୍ର , ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଚିନ୍ମୟୀ ଦେହୁରୀ, ମୁଖ୍ୟ ବିଚାରପତି ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନି ବିଚାରପତି ସୌମ୍ୟରୂପ ସାହୁ, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ସୋନାଲୀ ଅପରାଜିତା, ଦେୱାନି ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପତିତପାବନ ପଣ୍ଡା, ଗ୍ରାମ ନ୍ୟାୟାକାରୀ ସୋନାଲୀ ମହାନ୍ତି, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତିମିସ୍ ରୀତିକା ଗର୍ଗ, ଅନିମେଶ ଜେନା, ସୌରଭ ମହାପାତ୍ର, ଶିବାନୀ ମହାପାତ୍ର, ଚେତନ ଲାଢା, ନିଳିସା ପଟ୍ଟନାୟକ ମାମଲା ଗୁଡିକର ବିଚାର କରିଥିଲେ । ଲୋକ ଅଦାଲତରେ ୧୧୯ ଗୋଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୪,୩୮,୭୮ହଜାର ଟଙ୍କା ଆଦାୟ କରାଯାଇଥିଲା । ସେହିପରି ୪୩ ଗୋଟି ଚେକ ବୋଉନ୍ସ କେଶ, ୩୭ ଗୋଟି ମାଟ୍ରିମୋନିଆଲ ଡିସ୍ପୁଟ ମକଦମା ଫଇସଲା କରାଯାଇଥିଲା । ଏହାଛଡା ୧୨୧ ଗୋଟି ପ୍ରାକ ମକଦମା ମାମଲାର ଫଇସଲା କରାଯାଇ ବ୍ୟାଙ୍କ ଋଣ ବାବଦକୁ ୩୪,୭୬,୫୪୪ ଟଙ୍କା ଆଦାୟ କରାଯାଇଥିଲା ।

# କୋର୍ଟ ପରିସରରେ ଲୋକଅଦାଲତ



**ବାଣପୁର,୧୪ା୯/ଏନ୍‌ଏନ୍‌ଏସ୍:** ବାଣପୁର ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଆଜି ବାଣପୁର କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି । ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଇପ୍ସିତା ପ୍ରିୟ ଏକ୍କା ମିଳିତ ଭାବେ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ଯୋଗଦେଇ ବିଭିନ୍ନ ବିଚାରଧୀନ ମାମଲାର ଫଇସଲା କରିଥିଲେ । ତତ୍‌ସହିତ ବିଭିନ୍ନ ବ୍ୟାଙ୍କର ପ୍ରାକ ବିବାଦୀୟ ମକଦମା ଗୁଡିକୁ ମଧ୍ୟ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିଲା । ଉକ୍ତ ଲୋକ ଅଦାଲତରେ ସମୁଦାୟ ୪୦ ଗୋଟି ମାମଲା ବିଚାରପାଇଁ ପଞ୍ଜିକୃତ ହୋଇଥିବାବେଳେ ତନ୍ମଧ୍ୟରୁ ୩୨ ଗୋଟି ମୋଟରଜାନ ଓ ଫୌଜଦାରୀ ମାମଲା, ୬ ଗୋଟି ଦେୱାନୀ ମାମଲା, ୧ ଗୋଟି ବୈବାହିକ ବିବାଦ ମାମଲା ଏବଂ ୧ ଗୋଟି ଅର୍ଥ ଆଦାୟ ମାମଲା ର ଫଇସଲା ହୋଇଥିଲା । ଏଥିରୁ ପାଖାପାଖି ୧୦ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା । ଉକ୍ତ ଲୋକ ଅଦାଲତରେ ବାଣପୁର ଓ ବାଲୁଗାଁର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଅନାଦେୟ ଋଣ ଆଦାୟ ଲାଗି ମାମଲା ପରିଚାଳନାରେ ସହଯୋଗ କରିଥିଲେ । ବାଣପୁର ଓକିଲ ସଂଘର ସମସ୍ତ ସଦସ୍ୟ ଏବଂ ଅଦାଲତ କର୍ମଚାରୀମାନେ ଲୋକ ଅଦାଲତ ପରିଚାଳନାରେ ସହାୟତା କରିଥିଲେ ।

# ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୧୪ା୯/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ନରେନ୍ଦ୍ରପୁର ପଞ୍ଚାୟତ ବେଣୀରାମପୁର ଗ୍ରାମର କୃଷ୍ଣଚନ୍ଦ୍ର ସାହୁ(୭୫) ନଦୀରେ ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ପାଣିରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି । ସଂପୃକ୍ତ ବୃଦ୍ଧ ଜଣକ ପ୍ରତ୍ୟେକ ଦିନ ଭଳି ରବିବାର ଦିନ ଗାଧୋଉଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ । ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରର ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଦମକଳ ବାହିନୀ କର୍ମଚାରୀମାନେ ସେଠାରେ ଦୁଇଘଣ୍ଟା ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହକୁ ନଦୀରୁ ଉଦ୍ଧାର କରିଥିଲେ ।

# ୨୪ତମ ସିନିୟର୍ ଆନ୍ତଃଜିଲ୍ଲା ସିପ୍‌କଟାକ୍ରୋ ଚାମ୍ପିଅନ୍‌ଶିପ୍



**ପୁରୀ,୧୪ା୯/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ସିପକଟାକ୍ରୋ ଆସୋସିଏସନ ତରଫରୁ ଅନ୍ତଃ ଜିଲ୍ଲା ପୁରୁଷ ଓ ମହିଳା ସିପ୍‌କଟାକ୍ରୋ ଚାମ୍ପିଅନ୍‌ଶିପ ୨୦୨୪ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ୨୪ତମ ସିନିଅର ଅନ୍ତ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପ ଓ ୨୩ତମ ସବ-ଜୁନିଅର ୨୦୨୪ ଅନୁଷ୍ଠିତ ହୋଇଛି । ୨୪ତମ ସିନିଅର ଅନ୍ତ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପ ରେ ଓଡିଶା ର ବିଭିନ୍ନ ଜିଲ୍ଲା ରୁ ପୁରୁଷ ୨୦ଟି ଓ ମହିଳା ୧୨ଟି ଟିମ ଅଂଶଗ୍ରହଣ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସଂମ୍ମାନୀତ ଅତିଥି ଭାବେ ସମୁଦ୍ରକୁଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ଓ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ ଉପସ୍ଥିତ ଥିଲେ । ଏହା ପରେ ମହାପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଖେଳ ଆରମ୍ଭ କରାଯାଇଥିଲା । ପୁରୁଷ ବିଭାଗ ରେ ୪ଟି ମ୍ୟାଚ ଓ ମହିଳା ବିଭାଗ ରେ ୨ଟି ମ୍ୟାଚ ଖେଳା ଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ଓଡିଶା ସିପକଟାକ୍ରୋ ଆସୋସିଏସନ ସମ୍ପାଦକ ପୃଥ୍ୱୀରାଜ ସାହୁ, ଓଡିଶା ସିପକଟାକ୍ରୋ ଆସୋସିଏସନ ଉପ ସଭାପତି ପ୍ରଭାସ ପ୍ରିୟଦର୍ଶନ ମହାନ୍ତି, ଅଲମ୍ପିକ ଆସୋସିଏସନ କୋଷାଧକ୍ଷ ରବିଶଙ୍କର ପ୍ରତିହାରୀ, ପୁରୀ ଜିଲ୍ଲା ସିପକଟାକ୍ରୋ ଆସୋସିଏସନ ଉପ ସଭାପତି ସୁଦର୍ଶନ ସାହୁ, ସାଧାରଣ ସମ୍ପାଦକ ରାମ ଚନ୍ଦ୍ର ବାରିକ ଓ ଯୁଗ୍ମ ସାଧାରଣ ସମ୍ପାଦକ ଅଶ୍ୱିନ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ନିତିଦିନ NITIDIN



# କର୍କଟ ପୀଡ଼ିତ ଶିକ୍ଷକଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୧୪।୯/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ଅଯୁରେଶ୍ୱର ପଞ୍ଚାୟତରେ ଥିବା କର୍ମବାର ଗୌରୀଶଙ୍କର ଘାସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଦେବିରାୀ ଶବରଙ୍କ ଅକାଳ ବିୟୋଗ ଘଟିଛି। ଗତ କିଛି ଦିନ ହେବ ସେ ପାକସ୍ଥଳୀ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ନୂଆପଡ଼ା ଜିଲ୍ଲା କୋମନାପୁର ଅଞ୍ଚଳରେ ତାଙ୍କର ଘର ହୋଇଥିଲେ ମଧ୍ୟ ସେ ୨୦୧୨ ମସିହାରୁ ଏହି ବ୍ଲକ ଅଧିନରେ ଶିକ୍ଷକ ଚାକିରୀରେ ଯୋଗଦାନ କରିଥିଲେ। ତାଙ୍କର ମୃତ୍ୟୁରେ ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର, ସିଆରସିସି କିଶୋର ଚନ୍ଦ୍ର ନାଥ, ଶିକ୍ଷୟିତ୍ରୀ ସୁଧାଂଶୁ ମାଳିନୀ ଓଝା, ଯୁଗଜ୍ୟୋତି ଖଟୁଆ, ଦମୟନ୍ତୀ ସ୍ୱାଇଁ ଗଭୀର ଶୋକବ୍ୟକ୍ତ କରିଥିଲା ବେଳେ ବ୍ଲକ ଅଞ୍ଚଳର ଶିକ୍ଷକ ସମାଜରେ ଶୋକର ଛାୟା ଖେଳିଯାଇଛି।

# ଅହମଦୀୟା ମୁସଲିମ ମହିଳା ସଂଗଠନ ପକ୍ଷରୁ ଖାଦ୍ୟ ବଣ୍ଟନ

**ଖୋର୍ଦ୍ଧା,୧୪।୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଇଲାହ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଜୀବନ ଜ୍ୟୋତି ଆଶ୍ରମ, କେରଙ୍ଗ ସରକାରୀ ଡାକ୍ତରଖାନା, କେରଙ୍ଗ ହରିଜନ ସାହି, ଦିବ୍ୟସିଂ ପ୍ରସାଦ ଏବଂ କୁମ୍ଭିଲୋ ଗ୍ରାମର ୨୫୦ରୁ ଉର୍ଦ୍ଧ୍ୱ ଗରିବ ଓ ଅସହାୟମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ରୁଟି, ଚିନି, ବିସ୍କୁଟ, ମିକଚର, କେକ୍, ପାଉରୁଟି, ସେଉ ଓ କଦଳୀ ବଣ୍ଟନ କରାଯାଇଛି। ଏହା ସହିତ ଆଦର୍ଶବାଦୀ ମହାପୁରୁଷ ମହମ୍ମଦଙ୍କ ସ୍ତୁତିଗାନ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ ଅହମଦୀୟା ମୁସଲିମ ମହିଳା ସଂଗଠନର ସଭାନେତ୍ରୀ ଅମତୁଲ ହଫିଜ ଯୋଗଦେଇଥିଲେ। କେରଙ୍ଗ ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଇଲାହର ସଭାନେତ୍ରୀ ଶାହେଦା ବେଗମ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ସୁଫିଆଙ୍କ ପବିତ୍ର କୋରାନ ପାଠ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ପବିତ୍ର କୋରାନ ପାଠ ସାହେଦା ଅଖତର କରିଥିବା ବେଳେ, ଫରିଦା ବେଗମ ଉର୍ଦ୍ଦୁ ଅନୁବାଦ କରିଥିଲେ। ସେଇଭଳି ମହିଳା ଓ ପିଲାମାନଙ୍କ ମଧ୍ୟରେ ଆଦର୍ଶବାଦୀ ମହାପୁରୁଷ ହଜରତ ମହମ୍ମଦଙ୍କ ଜୀବନୀ ଉପରେ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ତଥା ସଭାନେତ୍ରୀଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋକିଆବାନୁ, ଆଲିଆ ସବାହତ, ସରକିଆ ବେଗମ, ଜ୍ୟାସମିନ ବେଗମ, ଜୁବେଦା ଖାତୁନ, ସୁଲତାନା ରିହାନା, ଅମତୁସ ସମି, ମୋବାରକା ବେଗମ ଏବଂ ସେରାଜୁମ ମୁନିରା ସହଯୋଗ କରିଥିଲେ।

# ମିଳିତ ସ୍ୱଚ୍ଛ ଭାରତ ଅଭିଯାନ




**ସାକ୍ଷୀଗୋପାଳ,୧୪।୯/ଏନ୍ଏନ୍ଏସ୍:** ଓଡ଼ିଶା ଗ୍ରାମ୍ୟ ଉଦ୍ୟୋଗୀ ମହାସଂଘ ଓ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ମିଳିତ ଭାବରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଚନ୍ଦନପୁର ଅନ୍ତର୍ଗତ ବାବା ବୁଢା ଲିଙ୍ଗ ମନ୍ଦିର ପରିସର ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ପଦକ୍ଷେପ ସ୍ୱରୂପ ମନ୍ଦିର ପ୍ରାଙ୍ଗଣ କୁ ସମ୍ପୂର୍ଣ୍ଣ ଆବର୍ଜନା ମୁକ୍ତ କରାଯାଇଥିଲା। ଏଥି ସହ ପାଖପାଖି ଗ୍ରାମ ରେ ମଧ୍ୟ ସ୍ୱଚ୍ଛତା ଯାତ୍ରା ଆରମ୍ଭ କରାଯାଇଥିଲା। ଏହି କ୍ରଯ୍ୟକ୍ରମ ରେ ସାମିଲ ହୋଇଥିଲେ ପୁରୀ ଜିଲ୍ଲା ଗ୍ରାମ୍ୟ ଉଦ୍ୟୋଗୀ ମହାସଂଘ ର ସଦସ୍ୟ ବିଶ୍ୱଜିତ୍ ମେକାପ, ଓଡ଼ିଶା ଗ୍ରାମ୍ୟ ଉଦ୍ୟୋଗୀ ମହାସଂଘ ର ରାଜ୍ୟ ସମ୍ପାଦିକା ତଥା ସାଧନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ଅଧକ୍ଷା ସାଧନା ନାୟକ ଓ, ସମାଜସେବୀ ବାସନ୍ତୀ ବେହେରା ସମେତ ଗ୍ରାମ୍ୟ ଉଦ୍ୟୋଗୀର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ପୁରୀର ସମସ୍ତ ମନ୍ଦିର, ସମୁଦ୍ର କୂଳ, ବସ୍‌ଷ୍ଟାଣ୍ଡ ଏବଂ ରେଲଷ୍ଟେସନରେ ଏହି ସ୍ୱଚ୍ଛତା ଯାତ୍ରା ଚାଲୁ ରହିବ ବୋଲି ଓଡ଼ିଶା ଗ୍ରାମ୍ୟ ଉଦ୍ୟୋଗୀ ମହାସଂଘର ସଭାପତି ଗୌରୀଶଙ୍କର ମିଶ୍ର ସୂଚନା ଦେଇଥିଲେ।

# ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀ ସଂଘର ସଧାରଣ ବୈଠକ

**ମୁଣ୍ଡମୁହାଣ,୧୪।୯/ଏନ୍ଏନ୍ଏସ୍:** ଆଜି ଶ୍ରୀନୀଳକଣ୍ଠେଶ୍ୱର ଦେବ ଆଞ୍ଚଳିକ ଓଡ଼ିଶୀ ସଙ୍କୀର୍ତ୍ତନ ସଂଘ ବରମୁଣ୍ଡା, ତପୋବନ ଖଣ୍ଡଗିରି ଆନୁକୂଲ୍ୟରେ ଏକ ସାଧାରଣ ବୈଠକ ସାହାଣୀ କାଶିପୁର ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତମାଣ୍ଡୋ ଗ୍ରାମ ପଞ୍ଚାୟତର ସରପଞ୍ଚ ସନ୍ଧ୍ୟା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ସ୍ଥଳେ ମୁଖ୍ୟ ବକ୍ତା ଭାବେ ନିଖିଳ ଉତ୍କଳ ଖୋର୍ଦ୍ଧା ଜିଲ୍ଲା ସଙ୍କୀର୍ତ୍ତନ ସଂଘର ସଭାପତି ଜଗନ୍ନାଥ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ପରିଡା, ଦାମୋଦର ସାହୁ, ଆର୍ତ୍ତତ୍ରାଣ ବେହେରା, କୃଷ୍ଣ କହଲ୍ ସିଂହ, ଓ ପ୍ରଫୁଲ୍ଲ କୁମାର ମହାପାତ୍ର ଯୋଗ ଦେଇ ଓଡିଶୀ ସଂକୀର୍ତ୍ତନ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୪ଟି ସଙ୍କୀର୍ତ୍ତନ ମଣ୍ଡଳୀର ପ୍ରାୟ ୧୫୦ରୁ ଉର୍ଦ୍ଧ ସଭ୍ୟ ଉପସ୍ଥିତ ଥିଲେ। ସଂଘ ର ସଭାପତି ଜଗନ୍ନାଥ ବେହେରା ଶିଶୁ କଳାକାର ମାନଙ୍କୁ ପ୍ରୋତ୍ସାହନ କରିବା ନିମନ୍ତେ କଳାକାର ବୃତ୍ତି ପ୍ରଣୟନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ପରିପେଖୀ ରେ ୧୪ ଦଫା ଦାବି ପ୍ରସ୍ତୁତ କରାଯାଇଥିଲା ଓ ଆଗାମୀ ଦିନରେ ଏହି ଦାବିକୁ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମସ୍ତ ପ୍ରକାରର ପ୍ରଚେଷ୍ଟା କରାଯିବ ବୋଲି ମତପ୍ରକାଶ ପାଇଥିଲା। ସଙ୍ଗ ର କାର୍ଯ୍ୟ କାଳ ପୁରି ଯାଇ ଥିବାରୁ ଆଜି ନୂତନ କାର୍ଯ୍ୟ କାରିଣୀ କମିଟି ଗଠନ କରାଗଲା ଏହି କମିଟି ଆସନ୍ତା ୫ ବର୍ଷ ପାଇଁ କାର୍ଯ୍ୟ ସମ୍ପାଦନା କରିବ। ନୂତନ ସଭାପତି ଭାବେ ଜଗନ୍ନାଥ ବେହେରା, ଉପସଭାପତି ନୃସିଂହ ଚରଣ ରାଉତ ଓ ପୂର୍ଣ୍ଣ ଚନ୍ଦ୍ର ପରିଡା, ସମ୍ପାଦକ ଦୁର୍ଯ୍ୟୋଧନ ସ୍ୱାଇଁ, ସହସମ୍ପାଦକ ଭାବରେ କୁଶ ଡି ଆବାଘ, ସଂଗଠକ ଶରତ କୁମାର ସାମନ୍ତରାୟ, କୋଷାଧକ୍ଷ ଗୋପାଳ ଚନ୍ଦ୍ର ସାହୁ, ସମୀକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ବ୍ୟତୀତ ୫ଜଣ କାର୍ଯ୍ୟକାରିଣୀ ସଦସ୍ୟ ଲଳିତ କୁମାର ବେହେରା, ରାଜୀବ ବେହେରା, ଯୁଧିଷ୍ଠିର ପ୍ରଧାନ, ବୃନ୍ଦାବନ ମହାରଣା, ଓ ବିଷ୍ଣୁ ଚରଣ ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଆୟୋଜକ ଶ୍ରୀ ଭଗବତ ବାସୁଦେବ ସଙ୍କୀର୍ତ୍ତନ ମଣ୍ଡଳୀ ସାହାଣୀ କାଶିପୁରର ଆୟୋଜନକୁ ସମସ୍ତ ସଙ୍କୀର୍ତ୍ତନ ମଣ୍ଡଳୀ ଉଚ୍ଚ ପ୍ରଶଂସା କରିଥିଲେ।

### ଅଣ୍ଟା ସଳଖି ପାରୁନି ବୁଢ଼ାବୁଢ଼ିଆଣି ଜଳ ଭଣ୍ଡାର

# ମରୁଭୂମି ପାଲଟିବ ହଜାର ହଜାର ହେକ୍ଟର୍ ଚାଷଜମି

**ଓଡ଼ଗାଁ,୧୪।୯/ଏନ୍ଏନ୍ଏସ୍:** ହଜାର ହଜାର ଚାଷୀଙ୍କ ଜୀବନରେଖା ପାଲଟିଥିବା ବୁଢାବୁଢିଆଣି ଜଳଭଣ୍ଡାର ବର୍ଷାଦିନେ ପଡ଼ିଆ ପଡ଼ିଛି। ଗତବର୍ଷ ତୁଳନାରେ ଜଳଭଣ୍ଡାରରୁ ୨୦ ପ୍ରତିଶତ ଜଳସ୍ତର କମିଥିବା ଆକଳନ କରିଛି ଜଳସେଚନ ବିଭାଗ। ସେତିକି ନୁହଁ ଓଡ଼ଗାଁ ଏନ୍ଏସିକୁ ଶୋଷ ମେଣ୍ଟାଉଥିବା ଏହି ଜଳଭଣ୍ଡାର ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି। ଜଳସ୍ତର କମିବା ଯୋଗୁ ଚାଷଜମି ମରୁଭୂମି ପାଲଟିବ ଓ ଓଡ଼ଗାଁ ଏନ୍ଏସିକୁ ପିଇବାପାଣି

**ଗତବର୍ଷ ତୁଳନାରେ କମିଛି ୨୦ ପ୍ରତିଶତ ଜଳସ୍ତର**

**ଚାଷୀଙ୍କ ବେଉଷା ଉଜୁଡ଼ିବା ଆଶଙ୍କା ସୃଷ୍ଟି ହେବ**






ଯୋଗାଣରେ ବାଧାପ୍ରାପ୍ତ ହେବବୋଲି କୁହାଯାଉଛି। ପ୍ରତିବର୍ଷ ଜଳଭଣ୍ଡାରରେ ଜଳସଂକଟ ଦେଖାଦେଉଥିଲେ ମଧ୍ୟ ଅଣ୍ଟା ସଳଖି ପାରିନି ବୁଢାବୁଢିଆଣି ଜଳଭଣ୍ଡାର। ତେବେ ଚଳିତବର୍ଷ ଜଳଭଣ୍ଡାରରେ ପାଣିର ପରିମାଣ କମି ୫୦ ପ୍ରତିଶତରେ ପହଞ୍ଚିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ମିଳିଥିବା ଏକ ତଥ୍ୟରୁ ଜଣାପଡ଼ିଛି ନୟାଗଡ଼ ଜିଲ୍ଲା ଓଡ଼ଗାଁ ନିକଟସ୍ଥ ବୁଢାବୁଢିଆଣି ଜଳଭଣ୍ଡାର ୬୦ବର୍ଷ ତଳେ କାର୍ଯ୍ୟକାରୀ କରାଯାଇଥିଲା। ଜଳଭଣ୍ଡାରରେ ଶହେ ପ୍ରତିଶତ ପାଣି ରହିବାର କ୍ଷମତା ରହିଛି। ଯଦି ଅଧିକ ପାଣି ଗଚ୍ଛିତ ହୁଏ ତେବେ ପାଣି ବାହାରକୁ ଛାଡ଼ିବାପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି। ବର୍ଷାଦିନେ ଜଳଭଣ୍ଡାରରେ ୯୦ ପ୍ରତିଶତ ଜଳସ୍ତର ରହିଲେ ବର୍ଷସାରା ପାଣି ସମସ୍ୟାରୁ ତ୍ରାଣ ମିଳିଥାଏ। କିନ୍ତୁ ବର୍ଷାଦିନେ ଜଳସ୍ତର କମିବା ଫଳରେ ଚାଷୀଙ୍କ ବେଉଷା ଉଜୁଡ଼ିବବୋଲି ଆଶଙ୍କା ଦେଖାଦେଇଛି। ଆଗକୁ ଶୀତ ଓ ପ୍ରଚଣ୍ଡ ଖରା ଆସୁଥିବାରୁ ଜଳଭଣ୍ଡାରର ଜଳସ୍ତର କମି ୨୦ ପ୍ରତିଶତରେ ପହଞ୍ଚିବ ଓ ମରୁଡ଼ି ସୃଷ୍ଟି ହେବବୋଲି ଅନୁମାନ କରାଯାଉଛି। ଖରିଫ୍ ଚାଷପାଇଁ କେନାଲ ମାଧ୍ୟମରେ ଚାଷଜମିକୁ ପାଣି ଯୋଗାଇ ଦିଆଯାଇଥାଏ। ବ୍ଲକର ଶହଶହ ହେକ୍ଟର ଚାଷଜମି ବୁଢାବୁଢିଆଣି ଜଳଭଣ୍ଡାର ଉପରେ ନିର୍ଭରଶୀଳ। ୪ ମିଟର ୩୦ରୁ ଉର୍ଦ୍ଧ୍ୱ କିଲୋମିଟରେ ଦୂରତା ପର୍ଯ୍ୟନ୍ତ ଜଳଭଣ୍ଡାରରୁ ଚାଷଜମିକୁ କେନାଲ ମାଧ୍ୟମରେ ପାଣି ଛଡ଼ାଯାଇଥାଏ। କେବଳ ଚାଷଜମିକୁ ପାଣି ଦିଆଯାଉଛି ତାହା ନୁହଁ ଓଡ଼ଗାଁ ଏନ୍ଏସିକୁ ପିଇବାପାଣି ବୁଢାବୁଢିଆଣି ଜଳଭଣ୍ଡାରରୁ ଯୋଗାଣ ହୋଇଥାଏ। ପ୍ରତିଦିନ ଆବଶ୍ୟକତା ଅନୁଯାୟୀ ୧୨ ହଜାର ଲିଟର ପାଣି ପାଇପ୍ ଯୋଗେ ଦିଆଯାଉଥିବା ଜଳସେଚନ ଅଧିକାରୀ ତୃପ୍ତିମୟୀ ନାୟକ କହିଛନ୍ତି। କିନ୍ତୁ ଜଳଭଣ୍ଡାର ଶୁଖିବାରେ ଚାଷଜମି ଓ ପିଇବାପାଣି ସଙ୍କଟକୁ ଏଡ଼ାଇ ହେବନାହିଁ। ପିଇବାପାଣି ଯୋଗାଣ କରି ପିଏଚ୍ଡି ବିଭାଗ ଓଡ଼ଗାଁ ଏନ୍ଏସିର ୨୧ଶହ ଉପଭୋକ୍ତାଙ୍କ ଠାରୁ ଟିକସ ଆଦାୟ କରୁଛି। ପାଖାପାଖି ମାସକୁ ୧୦ ହଜାର ଟଙ୍କା ଆଦାୟ କରାଯାଉଥିବା ପିଏଚ୍ଡି ଯନ୍ତ୍ରୀ ବିନୋଦ ଜେନା କହିଛନ୍ତି। ଆଗକୁ ଚାଷୀ ଓ ଓଡ଼ଗାଁ ଏନ୍ଏସିବାସୀଙ୍କୁ ପାଣିର ଘୋର ଅଭାବ ଦେଖାଦେବବୋଲି କୁହାଯାଉଛି। ବୁଢାବୁଢିଆଣି ଜଳଭଣ୍ଡାରକୁ ପାଣି ଆସିବାର କୌଣସି ବାଟ ନଥିବାରୁ କେବଳ ବର୍ଷାପାଣି ଉପରେ ନିର୍ଭର କରିବାକୁ ପଡ଼ିଥାଏ ବୋଲି ଜଳସେଚନ ବିଭାଗ ଅଧିକାରୀ କହିଛନ୍ତି। ଏବେ ବୁଢାବୁଢିଆଣି ଜଳଭଣ୍ଡାରର ରକ୍ଷଣାବେକ୍ଷଣ କରିବା ଜରୁରୀ ହୋଇପଡ଼ିଛି। ଯଦି ଆଗକୁ ଜଳସଂକଟ ଦେଖାଦିଏ ତେବେ ଚାଷୀଙ୍କ ବେଉଷା ବୁଡ଼ିବ ଓ ଚାଷୀ ଦାଦନ ଖଟିବା କେବଳ ସାରହେବ ବୋଲି କହି ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛି ଚାଷୀ କହିଛନ୍ତି ଜଳଭଣ୍ଡାର ପୋତି ହେବାକୁ ବସିଛି କିନ୍ତୁ ଏହାର ରକ୍ଷଣାବେକ୍ଷଣ କରାଯାଉନାହିଁ। ଜଳଭଣ୍ଡାରରୁ କେବଳ ଚାଷୀ ଉପକୃତ ହେଉଛନ୍ତି ତାହା ନୁହେଁ ଏନ୍ଏସିକୁ ପାଣି ଯୋଗାଣ ଓ ମସଜୀବୀ ମଧ୍ୟ ଲାଭବାନ ହେଉଛନ୍ତି। ଏସବୁକୁ ଗୁରୁତ୍ୱଦେଇ ସରକାର ଜଳଭଣ୍ଡାରର ବିକାଶ ଉପରେ ଗୁରୁତ୍ୱ ନଦେଲେ ପରିସ୍ଥିତି ଅଣାୟତ ହେବବୋଲି କହିଛନ୍ତି। ଏ ସମ୍ପର୍କରେ ସରକାରଙ୍କୁ ଜଣାଇଛୁ ଅନୁଦାନ ଆସିଲେ ବୁଢାବୁଢିଆଣି ଜଳଭଣ୍ଡାର କାର୍ଯ୍ୟ କରାଯିବ ବୋଲି ଜଳସେଚନ ଅଧିକାରୀ ସୂଚନା ଦେଇଛନ୍ତି।

# ବୋଲଗଡ଼ରେ ମାଟ୍ରିକ୍ ମେଧା ସମ୍ବର୍ଦ୍ଧନା ସମାରୋହ

**ବୋଲଗଡ଼,୧୪।୯/ଏନ୍ଏନ୍ଏସ୍:** ବୋଲଗଡ଼ ସଦର ମୁଖ୍ୟାଳୟସ୍ଥିତ ଶ୍ରୀ ଶ୍ରୀ ତୃତୀୟାଦେବ ସ୍ମୃତି ପରିଷଦ ଆନୁକୂଲ୍ୟରେ ଓ ଏହାର ପ୍ରତିଷ୍ଠାତା ହରିହର ସାହୁଙ୍କର ଆବାହକତ୍ୱରେ ଏବଂ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ପରିଷଦର ଉପସଭାପତି ପଦ୍ମଚରଣ ବେହେରାଙ୍କ ସହଯୋଗରେ ଗତ ବର୍ଷ ମାଟ୍ରିକ ପରୀକ୍ଷାରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ୨୮ଟି ଉଚ୍ଚ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଏବଂ ଏ-୧ ଗ୍ରେଡ଼ ପାଇଥିବା ଛାତ୍ରଛାତ୍ରୀ ମାନଙ୍କର ସମ୍ବର୍ଦ୍ଧନା ଉତ୍ସବ ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାରଦିନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘ, ଓଡ଼ିଶା ସଙ୍ଗଠନ ସମ୍ପାଦକ ଡଃ ନିରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଖୋର୍ଦ୍ଧା ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଯାଜ୍ଞସେନୀ ସାହୁ, ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ଓଷ୍କାର ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ, ସମବାୟବିତ ଲଲାଟେନ୍ଦୁ କେଶରୀ ସିଂହ, ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୀତବାସ ଲେଙ୍କା, ମାଣିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମର କୁମାର ବେହେରା, ଅରଖପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧ୍ରୁବଚରଣ ତ୍ରିପାଠୀ, ସାଗରଗୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଗତବର୍ଷ ମାଟ୍ରିକ ପରୀକ୍ଷାରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ୨୮ଟି ଉଚ୍ଚ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଏବଂ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ମୋଟ ୩୧ଜଣ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବୋଲଗଡ଼ ବ୍ଲକର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ଶିକ୍ଷକ ସୁକାନ୍ତ କୁମାର ଜେନା, ମାନସ ରଞ୍ଜନ ବେହେରା, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସେଠୀଙ୍କୁ ଉତ୍ତରୀୟ ଓ ପଗଡ଼ି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନିରପେକ୍ଷ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖବରଦାତା ପ୍ରଫୁଲ୍ଲ କୁମାର ସିଂହ, କାଶୀନାଥ ହୋତା, ଦେବବ୍ରତ ହୋତା, ପାଣ୍ଡବ ସାହୁ ଓ ନିରଞ୍ଜନ ନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ପିତାମାତା, ସମସ୍ତ ସାଧନ କେନ୍ଦ୍ରର ସଂଯୋଜକ ଏବଂ ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ମନମୋହନ କହଲସିଂହ ସଂଯୋଜନା କରିଥିଲେ। ପରିଶେଷରେ ପ୍ରଧାନ ଶିକ୍ଷକ ଭିକାରି ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିବେକାନନ୍ଦ କେନ୍ଦ୍ର ତରଫରୁ ବିଶ୍ୱ ଭ୍ରାତୃତ୍ୱ ଦିବସ

**ଗୋପ,୧୪।୯/ଏନ୍ଏନ୍ଏସ୍:** ଭାରତୀୟ ସଂସ୍କୃତିର ମହାନାୟକ ଓ ସନାତନ ଧର୍ମର ଶ୍ରେଷ୍ଠ ପ୍ରଚାରକ ତଥା ପ୍ରତ୍ୟେକ ଯୁବ ଭାରତୀୟଙ୍କ ପ୍ରେରଣାର ଉତ୍ସ ହେଉଛନ୍ତି 'ସ୍ୱାମୀ ବିବେକାନନ୍ଦ'। ଚିକାଗୋ ଧର୍ମ ସମ୍ମିଳନୀରେ ଦେଇଥିବା ଉଜୟିନୀ ବକ୍ତୃତା ଦ୍ୱାରା ସାରା ବିଶ୍ୱକୁ ବିମୋହିତ କରିଦେଇଥିଲେ। ସେହି ସ୍ମୃତିକୁ ସ୍ମରଣୀୟ କରିବାପାଇଁ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ଶାଖା-କୁଶୁପୁର ତରଫରୁ 'ବିଶ୍ୱ ଭ୍ରାତୃତ୍ୱ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କୁଶୁପୁର ସ୍ଥିତ ଶ୍ରୀ ଶ୍ରୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ପୁରୀର ମହିପ୍ରକାଶ ମଠର ସ୍ୱାମୀ ରମେଶାନନ୍ଦ ସରସ୍ୱତୀ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ଶୁଭାନନ୍ଦ ମହାରାଜ, ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶ, ବାଣୀ ଓ ଜୀବନଶୈଳୀକୁ ପାଥେୟକରି ଆଜିର ଯୁବକମାନେ ଆଧୁନିକ ସମାଜକୁ ଜୟକରି ବିଶ୍ୱବିଜୟୀ ହୋଇ ପାରିବେ। ସେହିପରି ସମ୍ମାନିତ ଅତିଥି ଭାବେ ପୁରୀର ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ହରମୋହନ ମିଶ୍ର ଯୋଗଦେଇ ସ୍ୱାମିଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ବିବେକାନନ୍ଦ କେନ୍ଦ୍ର କୁଶୁପୁର ଶାଖାର ସଂଯୋଜକ ବେଣୁଧର ପାଇକରାୟଙ୍କ ସଭାପତିତ୍ୱ ଓ କୋଣାର୍କ ଭଗବତୀ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧକ୍ଷ ଅରବିନ୍ଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରବିନ୍ଦ୍ରନାଥ ପ୍ରଧାନ ଅତିଥି ପରିଚୟ ଓ ରଶ୍ମୀରଂଜନ ପଟ୍ଟନାୟକ ବିବେକାନନ୍ଦ କେନ୍ଦ୍ରର ପରିଚୟ ପ୍ରଦାନ କରିଥିଲେ। ଶତାଧିକ ଛାତ୍ରଛାତ୍ରୀଙ୍କୁ ସ୍ୱାଧ୍ୟାୟ ପ୍ରତିଯୋଗୀତାର କୃତିତ୍ୱ ପାଇଁ ପୁରସ୍କୃତ କରାଯାଇଥିଲା। ଆଶିଷ କୁମାର ସ୍ୱାଇଁ ଓ ଶାଶ୍ୱତ ରଂଜନ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଉପଚାର ଦିବସ

**ଖୋର୍ଦ୍ଧା,୧୪।୯/ଏନ୍ଏନ୍ଏସ୍:** ପ୍ରାଣନାଥ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ତରଫରୁ ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ଡଃ ବିନ୍ଦୁଶ୍ରୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସମାରୋହରେ ଅଧ୍ୟାପକ ସୁବୋଧ କୁମାର ଜଗଦେବ, ପ୍ରାଥମିକ ଚିକିତ୍ସା ଓ ତାହାର ଉପକାରିତା ସମ୍ବନ୍ଧରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ମହାବିଦ୍ୟାଳୟର କର୍ମଚାରୀମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। ଖୋର୍ଦ୍ଧା ଜିଲ୍ଲା ଯୁବ ରେଡକ୍ରସର ଆବାହକ ସମ୍ପାଦକ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ସମାରୋହରେ ଅହିଂସା ବିଚାର ଫାଉଣ୍ଡେସନ ଟ୍ରଷ୍ଟର ବିକ୍ରମ ମହାପାତ୍ର, ଶ୍ରୀ ସୋମ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ ରାଷ୍ଟ୍ର ଗଠନରେ ଯୁବ ପିଢୀର ଭୂମିକା ତଥା ନିଃସ୍ୱାର୍ଥପର ସେବାରେ ମତି ହେବାପାଇଁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ତଥା ଯୁବ ରେଡକ୍ରସର ପରାମର୍ଶ ଦାତା ଡଃ ପ୍ରାଚୀ ପ୍ରଭା ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଯୁବ ରେଡକ୍ରସର ଅନ୍ୟତମ ପରାମର୍ଶ ଦାତା ଅଧ୍ୟାପିକା ପୁଷ୍ପିତା ପ୍ରିୟମ୍ବଦା ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ସ୍ୱେଚ୍ଛାସେବୀ ଅବିନାଶ ଦଳାଇ ଓ ଶୁଭମ୍ ମହାପାତ୍ର ପୂର୍ଣ୍ଣ ରୂପରେ ସହଯୋଗ କରିଥିଲେ। ସର୍ବଶେଷରେ ପିଲାମାନଙ୍କୁ ପ୍ରାଥମିକ ଉପଚାରର ବିଭିନ୍ନ କୌଶଳ ତଥା ପଦ୍ଧତି ବିଷୟରେ ଅବଗତି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡଃ ସରୋଜ କୁମାର ମିଶ୍ର, ଅଧ୍ୟାପିକା ଅସିମା ଶତପଥୀ, ଅଲିଭା ବେହୁରା, ଅଧ୍ୟାପକ ରବିନାରାୟଣ ସ୍ୱାଇଁ, ଭଗବାନ ଖିଲାର, ଆଶିଷ କୁମାର ସାହୁ, ଉମାକାନ୍ତ ମାର୍ଥା, ଅଧ୍ୟାପିକା ଡଃ ମନୋଜା ମଞ୍ଜରି ସାହୁ, ମାନିନୀ ଜେନା ଉପସ୍ଥିତ ରହିଥିଲେ।

# ମଦ ପିଇ ଗାଡ଼ିଚଳାଉଥିବା ୧୦ରୁ ଉର୍ଦ୍ଧ୍ୱ ଗିରଫ

**ଗୋପ,୧୪।୯/ଏନ୍ଏନ୍ଏସ୍:** ଆକ୍ସନ ମୋଡ଼ରେ ଗୋପ ପୁଲିସ। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଗତକାଲି ପୁଲିସ ପକ୍ଷରୁ ଗୋପ ବଜାର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ମଦ୍ୟପାନ କରି ଗାଡି ଚାଳନା କରୁଥିବା ଜନୈକ ଜିଆର୍‌ଏସ୍, ଜଣେ ୱାର୍ଡସଭ୍ୟଙ୍କ ସହ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ପୁଲିସ ମାମଲା ରୁଜୁ କରିଥିବା ବେଳେ ଜରିମାନା ଆଦାୟ କରିଥିବା ଜଣାପଡ଼ିଛି।ଥାନା ଏସ ଆଇ ବୁଧରାୟ ମାଝିଙ୍କ ସମେତ ଏକ ଟିମି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ଆଗାମୀ ଦିନରେ ଚଢ଼ାଉକୁ ଜୋରଦାର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# କୋର୍ଟ ପ୍ରତିଷ୍ଠା ଦାବିରେ ଆଞ୍ଚଳିକ ବିକାଶ ପରିଷଦର ଧାରଣା ଚେତାବନୀ

**କଣ୍ଟାପଡ଼ା,୧୪।୯/ଏନ୍ଏନ୍ଏସ୍:** କଣ୍ଟାପଡ଼ାଠାରେ ପ୍ରସ୍ତାବିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଓ ଜୁନିୟର ଡିଭିଜନ ସିଭିଲ କୋର୍ଟ ସ୍ଥାପନ ପାଇଁ ଭିତ୍ତିଭୂମି ଯୋଗାଉନଥିବା ପ୍ରତିବାଦରେ ଆସନ୍ତା ୧୮ତାରିଖରେ କଣ୍ଟାପଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏ ନେଇ ଅଗ୍ରଣି ସାମାଜିକ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସରକାରଙ୍କୁ ଚେତାବନୀ ସ୍ୱରୂପ ଏକ ସ୍ମାରକପତ୍ର କଣ୍ଟାପଡ଼ା ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ, କଣ୍ଟାପଡ଼ାଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କମ ଜୁନିୟର ଡିଭିଜନ ସିଭିଲ କୋର୍ଟ ସ୍ଥାପନ କରିବାକୁ ମାନ୍ୟବର ହାଇକୋର୍ଟ ସିଦ୍ଧାନ୍ତ ନେଇଥିଲେ। କଣ୍ଟାପଡ଼ାଠାରେ ଥିବା ଜଳସମ୍ପଦ ବିଭାଗ ବିସ୍ତୃତ ସରକାରୀ ଜମି ଏଥିପାଇଁ ବେଶ ଉପଯୁକ୍ତ ବୋଲି ଚୟନ କରାଗଲା ଓ ତହସିଲ ପକ୍ଷରୁ ସମ୍ପୃକ୍ତ ଜମି ଆଇନ ବିଭାଗକୁ ହସ୍ତାନ୍ତର କାର୍ଯ୍ୟ ସମ୍ପନ୍ନ ହୋଇଛି। ପ୍ରଥମେ ଅସ୍ଥାୟୀ କୋର୍ଟ ପାଇଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଏଥିପାଇଁ ୫୦ଲକ୍ଷ ଟଙ୍କାର ବ୍ୟୟ ମଞ୍ଜୁରି ପାଇଁ ଆକଳନ କରିବା ସତ୍ତ୍ୱେ ସରକାର ଏ ବାବଦରେ ଆବଶ୍ୟକ ଅର୍ଥ ମଞ୍ଜୁର କରିନାହାନ୍ତି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିଆଳିରେ ଏ ଧରଣର ସ୍ଥାୟୀ କୋର୍ଟ ଖୋଲାସରିଥିଲେ ମଧ୍ୟ ଏଠାରେ ଏହାର ବିଳମ୍ବକୁ ନେଇ ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେବା ସହିତ ଏହା ସରକାରଙ୍କ ପକ୍ଷପାତମୂଳକ ମନୋଭାବବୋଲି ପରିଷଦ ସଭାପତି ତୃପ୍ତିରଂଜନ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି ଜନସାଧାରଣଙ୍କ ଦ୍ୱାରଦେଶରେ ନ୍ୟାୟ ପହଞ୍ଚାଇବା ନେଇ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରାଜ୍ୟରେ ୭୪ଟି ଜେଏମଏଫସି କୋର୍ଟ ସ୍ଥାପନ ନେଇ ନୀତିଗତ ନିଷ୍ପତ୍ତି ନେଇଥିଲେ ଏବଂ ତଦନୁଯାୟୀ କଣ୍ଟାପଡ଼ାକୁ ଏଥିରେ ସାମିଲ କରାଯାଇଥିଲା।

# ଟାଙ୍ଗିସାହିରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ବୋଲଗଡ଼,୧୪।୯/ଏନ୍ଏନ୍ଏସ୍:** ବୋଲଗଡ ଥାନା ଫାସିଓଦା ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗିସାହି ଗ୍ରାମସ୍ଥିତ ଶକ୍ତିମୟୀ ମା' ଶିଖର ବାସିନୀ ମନ୍ଦିର ପରିଚାଳନା କମିଟିର ସଭାପତି ଦୀନବନ୍ଧୁ ସାମନ୍ତରାୟଙ୍କ ସଭାପତିତ୍ୱ ଓ ଟାଙ୍ଗିସାହି ଗ୍ରାମବାସୀମାନଙ୍କ ମିଳିତ ଆବାହକତ୍ୱରେ ପବିତ୍ର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଶନିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଏହି ପ୍ରସ୍ତୁତି ବୈଠକରେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଟାଙ୍ଗିସାହି ଗ୍ରାମର ଶତାଧିକ ଗ୍ରାମବାସୀ, ଯୁବଗୋଷ୍ଠୀ ଏବଂ ସମାଜସେବୀ ପ୍ରମୁଖ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପବିତ୍ର ଦୁର୍ଗାପୂଜା ଉତ୍ସବ ଷଷ୍ଠୀ ତିଥି ଦିବସ ଠାରୁ ଆରମ୍ଭ ହୋଇ ଦଶମୀ ପର୍ବ ପର୍ଯ୍ୟନ୍ତ ମହାଆଡ଼ମ୍ବର ସହକାରେ ପାଳନ କରାଯିବାକୁ ନିଷ୍ପତି ନିଆଯାଇଛି। ଏହି ପବିତ୍ର ଦୁର୍ଗାପୂଜା ଉତ୍ସବକୁ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ, ସମାଜସେବୀ, ଯୁବଗୋଷ୍ଠି ଓ ଗ୍ରାମବାସୀମାନେ ମିଳିତ ଭାବେ ସହଯୋଗ କରି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପ୍ରସ୍ତୁତି ବୈଠକରେ ମତ ପ୍ରକାଶ ପାଇଥିଲା।ଏହି ପବିତ୍ର ଦୁର୍ଗାପୂଜା ଉତ୍ସବକୁ ଅତ୍ୟନ୍ତ ସରସ ସୁନ୍ଦର, ମନଲୋଭା ଓ ଆକର୍ଷଣୀୟ କରିବା ସହିତ ମା ଶିଖର ବାସିନୀ ମନ୍ଦିରକୁ ବିଭିନ୍ନ ରଙ୍ଗ ବେରଙ୍ଗ ଆଲୋକରେ ସୁସଜ୍ଜିତ କରାଯିବାକ୍ଷ ବିଭିନ୍ନ ପର୍ବ ଦିବସରେ ବରିଷ୍ଠ ପୂଜକମାନଙ୍କ ଦ୍ୱାରା ଦେବୀ ପୂଜା ହେବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାରର କଳାକାର ମାନଙ୍କ ଦ୍ୱାରା ପ୍ରତ୍ୟେହ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟମାନ ପାରମ୍ପରିକ ନୀତି ମୁତାବକ ଅନୁଷ୍ଠିତ ହେବ। ମନ୍ଦିର ପରିସରରେ ମହିଳା ଶ୍ରଦ୍ଧାଳୁ ମାନଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ବୋଲଗଡ ପୁଲିସ ଓ ଅଗ୍ନି ସୁରକ୍ଷାପାଇଁ ଅଗ୍ନିଶମ ସେବା ଆଗ୍ନିକ ମାନଙ୍କର ସାହାଯ୍ୟ ଲୋଡ଼ାଯିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଅଛି। ଏହି ପବିତ୍ର ଦୁର୍ଗାପୂଜା ବୈଠକରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଜନ୍ମେଜୟ ମାଝୀ ବାର୍ଷିକ ବିବରଣୀ ପଠନ କରିବା ସହ ସଭାପତି ଦୀନବନ୍ଧୁ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ପରିଶେଷରେ ମନ୍ଦିରର କୋଷାଧକ୍ଷ ସୁକାନ୍ତ କୁମାର ବେହେରା ଗତ ବର୍ଷର ଆୟ ବ୍ୟୟର ହିସାବ ପ୍ରଦାନ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିଲିକା-ବାଲୁଗାଁ ରୋଟାରୀ କ୍ଲବ୍‌ର ୧୦ମ ଅଧିଷ୍ଠାନ ସମାରୋହ

**ବାଲୁଗାଁ,୧୪।୯/ଏନ୍ଏନ୍ଏସ୍:** ଚିଲିକା-ବାଲୁଗାଁ ରୋଟାରୀ କ୍ଲବ୍ ର ଦଶମ ଅଧିଷ୍ଠାନ ଉତ୍ସବ ଓ ରାଷ୍ଟ୍ରନିର୍ମାତା ପୁରସ୍କାର ତଥା ସମ୍ବର୍ଦ୍ଧନା ସମାରୋହ ଆଜି ବାଲୁଗାଁ ଦିଗନ୍ତିକା ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଧିଷ୍ଠାନ ସମାରୋହରେ ରୋଟାରି ଜିଲ୍ଲାର ପୂର୍ବତନ ଡ଼ିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ଶିବବ୍ରତ ଦାଶ ମୁଖ୍ୟ ଅତିଥି, ରୋଟାରିଆନ ଆଶୁତୋଷ ସାମନ୍ତସିଂହାର ଓ ବିଶିଷ୍ଟ ଚିକିତ୍ସକ ଡାକ୍ତର ସୁରେନ୍ଦ୍ରନାଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ ଓ ରୋଟାରୀ ପ୍ରତିଷ୍ଠାତା ପଲ ହରିସ୍‌ଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରିବା ପରେ ସଭାପତି ରୋଟାରିଆନ ଗଜେନ୍ଦ୍ର ସେଠି ଅନୁଷ୍ଠାନିକ ଭାବେ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଜାତୀୟ ସଂଗୀତ ଗାନ ପରେ ବିଜୟଲକ୍ଷ୍ମୀ ପଣ୍ଡା ଓ ସୁପ୍ରଭା ବାରିକ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ରୋଟାରିଆନ ଜାନକୀ ବଲ୍ଲଭ ପଟ୍ଟନାୟକ। ଏହାପରେ ମୁଖ୍ୟ ଅତିଥି ଶିବବ୍ରତ ଦାଶ ଚଳିତବର୍ଷର ନୂତନ କ୍ଲବ ସଭାପତି ଗଜେନ୍ଦ୍ର ସେଠି ଓ ସମ୍ପାଦକ ଯଦୁମଣୀ ତରାଇଙ୍କୁ ସେମାନଙ୍କ ନୂତନ ପଦବୀରେ ଅଧିଷ୍ଠିତ କରାଇଥିଲେ। ଏଥିସହ ବୋର୍ଡ଼ ନିର୍ଦ୍ଦେଶକ ଭାବେ ଆଶୁତୋଷ ସାମନ୍ତସିଂହାର, ଜାନକୀବଲ୍ଲଭ ପଟ୍ଟନାୟକ, ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣା, ସତ୍ୟେନ୍ଦ୍ର ସ୍ୱାଇଁ, ନମିତା ଝା, ଅମୂଲ୍ୟ ମହାପାତ୍ର ଓ ରୋଟାରାକ୍ଟ ସଭପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ନୂତନ ସଭାପତି ଓ ନୂତନ ସମ୍ପାଦକ ଚଳିତ ବର୍ଷର ପ୍ରସ୍ତାବିତ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ପରେ କ୍ଲବରେ ନୂତନ ଭାବେ ଯୋଗଦେଇଥିବା ୧୪ଜଣ ସଦସ୍ୟଙ୍କୁ ମୁଖ୍ୟ ଅତିଥି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଚଳିତବର୍ଷର ରାଷ୍ଟ୍ର ନିର୍ମାତା ପୁରସ୍କାର କୃତୀ ଶିକ୍ଷୟିତ୍ରୀ ବିଶ୍ୱରଂଜିତା ପ୍ରଧାନ, ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, କୁମାର ଆଭାମୟ ରଥ, ପବିତ୍ର ବେହେରା ଓ ହାଡିବନ୍ଧୁ ବେହେରାଙ୍କୁ ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ଼କ୍ଟର କୈଳାଶ ଚନ୍ଦ୍ର ମହାରଣା ସଂଚାଳନ କରିଥିବାବେଳେ ବରିଷ୍ଠ ରୋଟାରିଆନ ପଞ୍ଚାନନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



**ନିତି ଭାରତୀ**

ଉତ୍ତମ ବନ୍ଧୁମାନେ ସଦାସର୍ବଦା ଆକାଶର ତାରକାମାନଙ୍କ ଭଳି। ସେମାନେ ସବୁବେଳେ ଦେଖା ଯାଆନ୍ତି ନାହିଁ, କିନ୍ତୁ ଆମେ ଜାଣୁ ଯେ ସେମାନେ ଅଛନ୍ତି। - ପ୍ରବାଦ

ନିତିଦିନ NITIDIN
ସୋମବାର, ୧୫ ସେପ୍ଟେମ୍ବର, ୨୦୨୫

# ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ସ୍ୱାଧୀନତାର ଆତ୍ମସମର୍ପଣ



ଡକ୍ଟର ଚିତ୍ତରଂଜନ ମିଶ୍ର

ଉଚ୍ଚଶିକ୍ଷା ସହ ଜଡ଼ିତ ବ୍ୟକ୍ତିବିଶେଷମାନେ ମୋ ସହ ନିଶ୍ଚିତ ରୂପେ ଏକମତ ହେବେ ଯେ ଶୈକ୍ଷିକ ସ୍ୱାଧୀନତା ହେଉଛି ଏକ ମୌଳିକ ଆବଶ୍ୟକତା, କାରଣ ବିଶ୍ୱବିଦ୍ୟାଳୟ ହେଉଛି ଏଭଳି ଏକ ସ୍ଥାନ, ଯେଉଁଠାରେ କି ସମସ୍ତେ ନିଜ ନିଜର ସନ୍ଦେହ ଉପସ୍ଥାପନ କରିବା ସହ ପ୍ରତ୍ୟେକ ବିଷୟରେ ଯେ କୌଣସି ପ୍ରଶ୍ନ ଉତ୍ଥାପନ କରି ପାରିବେ। ନୂତନ ବିଚାରର ଅନ୍ୱେଷଣ, ବିଭିନ୍ନ ମୁଦ୍ଦା ଉପରେ ଗଭୀର ତର୍କ ବିତର୍କ ଏବଂ ସ୍ୱତନ୍ତ୍ର ଭାବେ ଚିନ୍ତନ କରିବା ଉତ୍କୃଷ୍ଟତାର ସନ୍ଧାନ ପାଇଁ ଏକାନ୍ତ ଅପରିହାର୍ଯ୍ୟ।

ସବୁ କଥା ବିଚାର କଲା ପରେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଜ୍ଞାନର ବିକାଶ ସେତେବେଳେ ହୋଇଥାଏ, ଯେତେବେଳେ ଆମେ ସଂପ୍ରତିକ ଜ୍ଞାନ ଉପରେ ପ୍ରଶ୍ନ ଉଠାଇ ଥାଉ। ଏହାର ଅର୍ଥ ହେଲା ଯେ ପ୍ରଶ୍ନ ପଚାରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ପାଖରେ ପୂର୍ଣ୍ଣ ସ୍ୱାଧୀନତା ରହିବା ଏକାନ୍ତ ଆବଶ୍ୟକ, ଠିକ୍ ଯେପରି ଫାକଲ୍‌ଟିମାନେ ସେମାନଙ୍କର ନିଜ ନିଜର ପାଠ୍ୟ ବିଷୟବସ୍ତୁରୁ ଆହରଣ କରିଥିବା ପାଣ୍ଡିତ୍ୟ ବା ପ୍ରାଜ୍ଞତା ଉପରେ ପ୍ରଶ୍ନ ପଚାରିବାର ପୂର୍ଣ୍ଣ ଅଧିକାର ରହିଛି। ପ୍ରକୃତ ପକ୍ଷେ, ଇନ୍‌ଷ୍ଟିଚ୍ୟୁସନ୍ସ ପରି ବିଶ୍ୱବିଦ୍ୟାଳୟମାନଙ୍କ ପାଖରେ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରର ବ୍ୟାପକ ସନ୍ଦର୍ଭରେ ପ୍ରଶ୍ନ ପଚାରିବା, ନିଜର ସ୍ପଷ୍ଟ ମତ ପୋଷଣ କରିବା କିମ୍ବା ସମାଲୋଚନାକୁ ବ୍ୟକ୍ତ କରିବାର ପୂର୍ଣ୍ଣ ସ୍ୱାଧୀନତା ରହିବା ଏକାନ୍ତ ଆବଶ୍ୟକ।

ବାସ୍ତବରେ ବିଶ୍ୱବିଦ୍ୟାଳୟ ଶିକ୍ଷାର କେନ୍ଦ୍ରବିନ୍ଦୁ ହେଲା ଜ୍ଞାନର ବିକାଶ। ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ଦୁନିଆ ଭିତରକୁ ପ୍ରବେଶ କରିଥାନ୍ତି ଶିକ୍ଷାର ଆହରଣ ପାଇଁ। ପ୍ରଥମ ସୋପନାଟି ହେଲା, ବର୍ତ୍ତମାନର ଜ୍ଞାନକୁ ହୃଦୟଙ୍ଗମ କରିବା। ପ୍ରାସଙ୍ଗିକ ପ୍ରଶ୍ନ ବା ଉପଯୁକ୍ତ ପ୍ରଶ୍ନ ପଚାରିବାର ସାମର୍ଥ୍ୟ, ପାରମ୍ପରିକ ପ୍ରାଜ୍ଞତା ସମ୍ବନ୍ଧରେ ଆଲୋଚନା ବା ସମୀକ୍ଷାତ୍ମକ ମୂଲ୍ୟାଙ୍କନ କରିବାର କ୍ଷମତା ଏବଂ କଥିତ ଶବ୍ଦ ଏପରିକି ଛପା ଯାଇଥିବା ଶବ୍ଦର ପ୍ରାଧିକାରକୁ ଦୃଢ଼ ସ୍ୱରରେ ପ୍ରତିରୋଧ କରିବାର ଆତ୍ମବିଶ୍ୱାସ ହେଉଛି ଗୋଟିଏ ଗୋଟିଏ ପରବର୍ତ୍ତୀ ପଦକ୍ଷେପ। ଅବଶ୍ୟ ଶିକ୍ଷାଲାଭ, ଅଧ୍ୟୟନ, ବିଦ୍‌ବତ୍ତା ବା ପାଣ୍ଡିତ୍ୟ ହେଉଛି ଏକ ନିରନ୍ତର ପ୍ରକ୍ରିୟା, ଯାହାର କେବେ ବି ପରିସମାପ୍ତି ଘଟି ନଥାଏ। ଅତଏବ, ବିଶ୍ୱବିଦ୍ୟାଳୟମାନେ ଏହା ନିର୍ଣ୍ଣୟ ନେବେ ଯେ ଛାତ୍ରଛାତ୍ରୀମାନଙ୍କୁ କ'ଣ ଶିକ୍ଷା ଦିଆଯିବ, ଯାହାକି ଅନ୍ୟଆଡୁ କୌଣସି ପ୍ରକାରରେ ନିୟନ୍ତ୍ରିତ ହେବା ଆଦୌ ଉଚିତ୍ ନୁହେଁ।

ସଭା ସମିତିମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ପାଇଁ କାହାକୁ ନିମନ୍ତ୍ରଣ କରାଯାଉଛି ବା କାହାକୁ ନିମନ୍ତ୍ରଣ କରା ଯାଉନି, ସେ ନେଇ କୌଣସି ପ୍ରତିବନ୍ଧ ରହିବା ଆଦୌ ଉଚିତ ନୁହେଁ। ଏହି କାର୍ଯ୍ୟରେ ସର୍ତ୍ତ ଲଗାଇବା, କୌଣସି ପ୍ରକାରର ଘେରାବନ୍ଦୀ କରିବା ବା ସୀମିତ କରିବା ଆଦୌ ସମୀଚୀନ ନୁହେଁ, ଯାହାକି ଅଧ୍ୟାପନାର ଗଳା ଚିପି ହତ୍ୟା କରିବ ଏବଂ ଯାହାକି ପ୍ରକାରାନ୍ତରେ ଅର୍ଥନୈତିକ ଓ ସାମାଜିକ ପ୍ରଗତିରେ ବାଧକ ସାଜିବ।

ଗବେଷଣାର ଦୁନିଆ ମଧ୍ୟ ସମରୂପ ସ୍ୱାଧୀନତା ଆବଶ୍ୟକ କରିଥାଏ। ବିଶ୍ୱବିଦ୍ୟାଳୟମାନଙ୍କୁ ହିଁ ନିଜର ଗବେଷଣାର ପ୍ରାଥମିକତା ସ୍ଥିର କରିବାକୁ ପଡ଼ିବ। ଫାକଲ୍‌ଟି ମେମ୍ବରମାନଙ୍କୁ ହିଁ ନିଜସ୍ୱ 'ରିସର୍ଚ୍ଚ ଏଜେଣ୍ଡା' ବା ଗବେଷଣା କାର୍ଯ୍ୟର ଏକ ସୁନିୟୋଜିତ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ପଡ଼ିବ। ଅବଶ୍ୟ ଗବେଷଣା କାର୍ଯ୍ୟ ପାଇଁ ଆର୍ଥିକ ସହଯୋଗ 'ପିଅର ରିଭ୍ୟୁ' ବା ସହକର୍ମୀ ସମୀକ୍ଷା ବା ବିଦ୍‌ବତ୍ତା ସମୀକ୍ଷା ଭିତ୍ତିକ ହେବା ନିଶ୍ଚିତ ଆବଶ୍ୟକ, ଯାହାକି ପ୍ରାଥମିକତା ବା ପୂର୍ବାଗ୍ରହ ରହିତ ହେବା ଏକାନ୍ତ କାମ୍ୟ। ଅସହମତିପୂର୍ଣ୍ଣ ମତାମତ କିମ୍ବା ଅପରମ୍ପରାଗତ ଚିନ୍ତାଧାରାକୁ ଆଦର ଓ ସମ୍ମାନର ସହ ଗ୍ରହଣ କରିନେବା ସହ ଏହାକୁ ମଧ୍ୟ ଉପଯୁକ୍ତ ପ୍ରୋତ୍ସାହନ ପ୍ରଦାନ କରାଯିବା ଉଚିତ ଏବଂ ତାହା ହିଁ ହେଉଛି ଜ୍ଞାନ ବିକାଶର ଉଚିତ ମାର୍ଗ। ବାସ୍ତବରେ ମୌଳିକ ଗବେଷଣା କେବଳ ସ୍ୱାଧୀନତା ନୁହେଁ, ବରଂ ସମ୍ବଳ ଓ ବହୁମୂଲ୍ୟ ସମୟର ମଧ୍ୟ ଅତି ଆବଶ୍ୟକ କରିଥାଏ। ଏଭଳି ଏକ ବାତାବରଣ ଅତ୍ୟନ୍ତ ପ୍ରତିଭାଶାଳୀ ବିଦ୍ୱାନ କିମ୍ବା ଚିନ୍ତାନାୟକମାନଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ ଅଟେ, ଯେଉଁ ବାତାବରଣରେ ସେମାନେ ପ୍ରଫୁଲ୍ଲିତ, ପ୍ରସ୍ଫୁଟିତ ଓ ବିକଶିତ ହୋଇ ପାରିଥାନ୍ତି।

ଭାରତବର୍ଷରେ ଚିନ୍ତାଜନକ ବାସ୍ତବତା: ଭାରତବର୍ଷରେ ଦିନକୁ ଦିନ ଉନ୍ମୋଚିତ ହେଉଥିବା ବାସ୍ତବତା ଅତ୍ୟନ୍ତ ଚିନ୍ତାଜନକ ସ୍ଥିତି ଉଦ୍ରେକ କରୁଛି। ପାଠ୍ୟ ନିର୍ଘଣ୍ଟ ଅତ୍ୟନ୍ତ ନିୟନ୍ତ୍ରିତ ହେବା ସହ ବିକାଶରେ ବାଧା ସୃଷ୍ଟି କଲା ଭଳି ମଧ୍ୟ ପ୍ରତୀୟମାନ ହେଉଛି। କ'ଣ ପଢ଼ାଯିବ, ତାହା ଆଗକୁ ନିର୍ଦ୍ଧାରିତ ହେଉଛି। ବାସ୍ତବରେ ପାଠ୍ୟସୂଚୀରେ କ'ଣ ରହିବ ଆଉ କ'ଣ ନ ରହିବ, ତାହା ଶିକ୍ଷକମାନଙ୍କ ଦ୍ୱାରା ନୁହେଁ, ବରଂ ଅନ୍ୟ ସ୍ତରରେ ନିର୍ଦ୍ଧାରିତ ହେଉଛି। କେତେକ ପାଠ ବା ବିଷୟବସ୍ତୁକୁ ମଧ୍ୟ ସ୍ପଷ୍ଟ ରୂପରେ ଅନ୍ତର୍ଭୁକ୍ତ କରାଯାଉ ନାହିଁ। ସାମାଜିକ ବିଜ୍ଞାନ ଓ କଳା ପାଠ୍ୟକ୍ରମ କ୍ଷେତ୍ରରେ ମୁଖ୍ୟ ଧାରାରୁ ବିଚ୍ୟୁତ ଥିବା କେତେକ ମହତ୍ତ୍ୱପୂର୍ଣ୍ଣ ଗବେଷଣାର ଗଳା ଚିପି ଦିଆଯାଉଛି। କେନ୍ଦ୍ର ସରକାରଙ୍କ ରିସର୍ଚ୍ଚ କାଉନସିଲ ଓ ବିଭାଗ ଦ୍ୱାରା ଗବେଷଣା ଅନୁଦାନକୁ ନିୟନ୍ତ୍ରିତ କରାଯାଉଛି। ଏଭଳି ପରିବେଶ ପରିସ୍ଥିତି ଓ ବାତାବରଣ ମଧ୍ୟରେ ବିଶ୍ୱବିଦ୍ୟାଳୟମାନଙ୍କରେ ମୌଳିକ ଗବେଷଣା ଅସମ୍ଭବ ନହେଲେ ମଧ୍ୟ ବିରଳ ହେଉଛି। ଏହା କୌଣସି ଦୁର୍ଘଟଣା ନୁହେଁ ଯେ ଆମ ବିଶ୍ୱବିଦ୍ୟାଳୟମାନେ ଏ ପର୍ଯ୍ୟନ୍ତ କୌଣସି ନୋବେଲ ପୁରସ୍କାର ବିଜେତା ସୃଷ୍ଟି କରିପାରି ନାହାନ୍ତି। ଏହା ହେଉଛି ଏକ ମୁକ୍ତ ବୈଜ୍ଞାନିକ ଚିନ୍ତନ ଓ ଗଭୀର ମାନସ ମନ୍ଥନର ମିଠା ଫଳ, ଯେଉଁ ଫଳ ବୃକ୍ଷରେ ଫଳେନା, ବରଂ କଳ୍ପନା ପ୍ରସୂତ ଓ ଜ୍ଞାନ ବୈଭବର ଅମୂଲ୍ୟ ଯଜ୍ଞ ଚରୁ ହୋଇଥାଏ।

ଏକାଧିକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଯଦି କୌଣସି ଫାକଲ୍‌ଟି ମେମ୍ବର ବିଦେଶରେ କୌଣସି କନ୍‌ଫରେନ୍ସରେ ଯୋଗ ଦେବା ପାଇଁ 'ଡ୍ୟୁଟି ଲିଭ୍' ବା କର୍ତ୍ତବ୍ୟ ଅବକାଶ ପାଇଁ ଦରଖାସ୍ତ କରନ୍ତି, ତା'ହେଲେ ତାଙ୍କୁ ଏକ ଲିଖିତ ବଚନ ବା ଲିଖିତ ପ୍ରତିଜ୍ଞା ଦେବାକୁ ପଡ଼ିଥାଏ ଯେ- 'ସେ କୌଣସି ସରକାର ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ହେବେ ନାହିଁ, ସେ ବିଦେଶକୁ ବ୍ୟକ୍ତିଗତ ବା ସରକାରୀ ଯାତ୍ରାରେ ଯାଆନ୍ତୁ ନା କାହିଁକି, ସେ ସରକାରୀ କର୍ମଚାରୀ ଆଚରଣ ବିଧିର ପୂର୍ଣ୍ଣ ପାଳନ କରିବେ ଏବଂ ଗଣମାଧ୍ୟମ ଓ ସରକାରଙ୍କ ସମାଲୋଚନାରୁ ନିବୃତ୍ତ ରହିବେ। ଆଚରଣ ବିଧିର କୌଣସି ଉଲ୍ଲଙ୍ଘନ କଲେ ତାହା ଦେଶରେ ହେଉ ବା ବିଦେଶରେ, ସେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ।' ଏହା କ'ଣ ବିଶ୍ୱବିଦ୍ୟାଳୟ ସ୍ୱାତନ୍ତ୍ର୍ୟତାର ପ୍ରତିଛବି ? ବିଭିନ୍ନ ରୂପରେ ଏଭଳି ଅତିକ୍ରମଣ ବା ଅନାହୂତ ପ୍ରବେଶ ଏବେ ଘରୋଇ ବିଶ୍ୱବିଦ୍ୟାଳୟମାନଙ୍କରେ ନିଜର କାୟା ବେଶ୍ ବିସ୍ତାର କଲାଣି। ଛାତ୍ରଛାତ୍ରୀ ଓ ଫାକଲ୍‌ଟିମାନଙ୍କର ଅସହମତିପୂର୍ଣ୍ଣ ବା ଆଲୋଚନାତ୍ମକ ସ୍ୱରକୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଭୟରେ ଚାପି ଦିଆଯାଉଛି। ଘରୋଇ ବିଶ୍ୱବିଦ୍ୟାଳୟମାନଙ୍କର ସଂସ୍ଥାପକମାନେ କେନ୍ଦ୍ର ସରକାର କିମ୍ବା ସେମାନଙ୍କ ବିଶ୍ୱବିଦ୍ୟାଳୟ ରହିଥିବା ରାଜ୍ୟ ସରକାରମାନଙ୍କୁ କୌଣସି ମତେ ବି ଅସନ୍ତୁଷ୍ଟ ବା ଅପ୍ରିୟ କରିବାକୁ ଚାହିଁବେ ନାହିଁ ଏବଂ ସେମାନେ କୌଣସି ଆଶଙ୍କା ବା ବିପଦକୁ ନିଜ ଉପରକୁ ଆଣିବା ପାଇଁ ଆଦୌ ଆବାହନ କରିବେ ନାହିଁ।

ସ୍ୱାୟତ୍ତତା ଓ ଉତ୍ତରଦାୟିତ୍ୱ: ରାଜନୈତିକ ଲୋକତନ୍ତ୍ରର ବ୍ୟାପକ ସନ୍ଦର୍ଭରେ ଦେଖିଲେ ବିଶ୍ୱବିଦ୍ୟାଳୟମାନଙ୍କର ସ୍ୱାୟତ୍ତତା ପବିତ୍ର ବା ପୁଣ୍ୟମୟ ହୋଇଥାଏ, ଯେଉଁଠାରେ କି ବିଶ୍ୱବିଦ୍ୟାଳୟମାନେ ଉଚ୍ଚଶିକ୍ଷା ପ୍ରଦାନ କରିବା ସହ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟ ସଂପାଦନ କରିଥାନ୍ତି। ଅର୍ଥ ବ୍ୟବସ୍ଥାରେ ବିଶ୍ୱବିଦ୍ୟାଳୟମାନେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଗବେଷଣା ଓ ବିକାଶ, ନବସୃଜନ ଏବଂ ଅର୍ଥନୈତିକ କିମ୍ବା ସାମାଜିକ ପଲିସି କ୍ଷେତ୍ରରେ ବିଚାର ବା ଧାରଣାର ଉତ୍ସ ହୋଇଥାନ୍ତି। ଆମ ସମାଜ ବ୍ୟବସ୍ଥାରେ ବିଶ୍ୱବିଦ୍ୟାଳୟମାନେ ବୁଦ୍ଧିଜୀବୀ ବା ଜନହିତୈଷୀ ବିଚାରକମାନଙ୍କର ବିବେକ ରକ୍ଷକ ହୋଇଥାନ୍ତି ଯେଉଁମାନେ କି ସେମାନଙ୍କର ସ୍ତମ୍ଭ ଓ ଅଭିଭାଷଣ ମାଧ୍ୟମରେ ସାର୍ବଜନିକ କ୍ଷେତ୍ରରେ ଜଡ଼ିତ ହୋଇ ରହି ନାଗରିକମାନଙ୍କ ମଧ୍ୟରେ ନୂତନ ଜାଗରଣ ସୃଷ୍ଟି କରିଥାନ୍ତି। ରାଜ୍ୟ ଶାସନରେ ସରକାରଙ୍କ କାର୍ଯ୍ୟକଳାପର ମୂଲ୍ୟାଙ୍କନ ଓ ଆକଳନ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହନ ପ୍ରଦାନ କରିଥାଏ।

ନିଶ୍ଚିତ ରୂପେ ଏହି ସ୍ୱାୟତ୍ତତାର ଏକ ଅନୁରୂପ ଦାୟିତ୍ୱ ରହିବା ଆବଶ୍ୟକ। ପରନ୍ତୁ ଗବେଷଣା କାର୍ଯ୍ୟ ପାଇଁ ବିଶ୍ୱବିଦ୍ୟାଳୟମାନଙ୍କୁ ପ୍ରଦାନ କରାଯାଉଥିବା ଫଣ୍ଡିଂର ଅର୍ଥ ନୁହେଁ ଯେ ବିଶ୍ୱବିଦ୍ୟାଳୟମାନେ ସେହି ଅର୍ଥର ପରିଚାଳନାର ପୂର୍ଣ୍ଣ ଅଧିକାର ଲାଭ କରିଗଲେ ! ସରକାରଙ୍କ ଅଙ୍କୁଶ ଏଥିରେ ପୂର୍ଣ୍ଣ ମାତ୍ରାରେ ରହିବ। ରିସର୍ଚ୍ଚ ଫଣ୍ଡିଂ ହେଉଛି ସର୍ବସାଧାରଣଙ୍କ ଅର୍ଥ, ଯାହାକି ସର୍ବସାଧାରଣଙ୍କ ବିଶ୍ୱବିଦ୍ୟାଳୟରେ ବ୍ୟୟ ପାଇଁ ଉଦ୍ଦିଷ୍ଟ ଅଟେ, ଯାହାକି ଅନୁଷ୍ଠାନଭିତ୍ତିକ ପ୍ରକ୍ରିୟା ମାଧ୍ୟମରେ ଛାତ୍ରଛାତ୍ରୀ ଓ ସମାଜ ପାଇଁ ଉତ୍ତରଦାୟିତ୍ୱ ବହନ କରିବ। ଏହି ଉଦ୍ଦେଶ୍ୟ ସାଧନ ପାଇଁ ଏହା ଏକାନ୍ତ ଅପରିହାର୍ଯ୍ୟ ଯେ ବିଶ୍ୱବିଦ୍ୟାଳୟମାନଙ୍କରେ ଶାସନର ସଂରଚନା ଉତ୍ତରଦାୟିତ୍ୱ ପାଇଁ ଅତ୍ୟନ୍ତ ଉପଯୁକ୍ତ ଓ ଅନୁକୂଳ ହେବା ବିଧେୟ। ଉତ୍ତମ ଶାସନ ବ୍ୟବସ୍ଥା ଅତ୍ୟାବଶ୍ୟକ, କିନ୍ତୁ ଯଥେଷ୍ଟ ନୁହେଁ। ପବ୍ଲିକ୍ ଡୋମେନ୍‌ରେ ଉପଯୁକ୍ତ ନିୟନ୍ତ୍ରଣ ଓ ସନ୍ତୁଳନ ବଜାୟ ରଖିବା ଏକାନ୍ତ ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟମାନଙ୍କର ର୍‍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପାଦନ କରିଥାଏ। ସୀମାବଦ୍ଧତା ସତ୍ତ୍ୱେ ଏହି ର୍‍ୟାଙ୍କିଙ୍ଗ୍ ଛାତ୍ରଛାତ୍ରୀ, ସେମାନଙ୍କର ଅଭିଭାବକ ଏବଂ ସର୍ବୋପରି ଆମ ସମାଜ ବ୍ୟବସ୍ଥାକୁ ଉତ୍ତରଦାୟିତ୍ୱ ପାଇଁ ଏକ ସଂସ୍ଥାଗତ ପଦ୍ଧତି ପ୍ରଦାନ କରିଥାଏ। ଏହା ଏକାନ୍ତ ଆବଶ୍ୟକ ଯେ ନିୟାମକ ଢାଞ୍ଚା ବିଶ୍ୱବିଦ୍ୟାଳୟମାନଙ୍କୁ ସଂପୂର୍ଣ୍ଣ ସ୍ୱାୟତ୍ତତା ପ୍ରଦାନ କରିବା ଉଚିତ ତାହା ପ୍ରଶାସନିକ, ଆର୍ଥିକ ବା ଶୈକ୍ଷିକ ହେଉ ନା କାହିଁକି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ବନ୍ଧନରୁ ମୁକ୍ତ ହେବା ପାଇଁ ଏକ ଆବଶ୍ୟକ ସର୍ତ୍ତ ରହିବା ଦରକାର।

ସଂପ୍ରତି ପ୍ରଚଳିତ ଥିବା ସଂସଦୀୟ ଓ ବିଧାନ ଅଧିନିୟମ, ଯାହାକି ଆମ ବିଶ୍ୱବିଦ୍ୟାଳୟକୁ ସୃଷ୍ଟି କରିଥିଲେ, ତାହା ଆଜି ବହୁ ବାଧା ବନ୍ଧନ ମଧ୍ୟରେ ଗତି କରୁଛି। ଅତଏବ, ଏକ ଦୃଷ୍ଟିକୋଣ ରୂପରେ ଦେଖିଲେ, ନିୟାମକ ଢାଞ୍ଚାର ସଂସ୍କାର, ବିଶ୍ୱବିଦ୍ୟାଳୟମାନଙ୍କୁ ସ୍ୱାୟତ୍ତତା ପ୍ରଦାନ ଏବଂ ବ୍ୟବସ୍ଥା ମାଧ୍ୟମରେ ଉତ୍ତରଦାୟିତ୍ୱକୁ ନିଶ୍ଚିତ କରିବା ହସ୍ତକ୍ଷେପ ଓ ନିୟନ୍ତ୍ରଣ ଅପେକ୍ଷା ଖୁବ୍ ଭଲ ପଦକ୍ଷେପ ହେବ ବୋଲି ପ୍ରତୀୟମାନ ହେଉଛି ଯଦ୍ଦ୍ୱାରା ଏଭଳି ଏକ ପରିବେଶ ସୃଷ୍ଟି କରାଯାଇ ପାରିବ ଯାହାକି ବ୍ୟକ୍ତିର ଦୃଷ୍ଟିକୋଣ, ବିଚାର କିମ୍ବା ସ୍ୱାଧୀନ ଭାବରେ ବ୍ୟକ୍ତ କରିବାର ଅଧିକାରକୁ ପୂର୍ଣ୍ଣ ରୂପରେ ସାବ୍ୟସ୍ତ କରିବ ଏବଂ ଯାହାକି ଶିକ୍ଷଣ ପାଇଁ ଅତ୍ୟନ୍ତ ଅନୁକୂଳ, ସୁବିଧାଜନକ ଓ ସହାୟକ ହୋଇ ପାରିବ। ସମାନତା ପାଇଁ ଅନୁସନ୍ଧାନ, ଚିନ୍ତା, ସୃଜନଶୀଳତା, ବୁଝାମଣା ଓ ଜ୍ଞାନର ପରମ ଶତ୍ରୁ ହୋଇଥାଏ, ଯାହାକି କେବଳ ମୁକ୍ତ ସମାଜ ବ୍ୟବସ୍ଥାରେ ବିକଶିତ ହୋଇଥାଏ। ଗୋଟିଏ ସାଇଜର ପୋଷାକ ସମସ୍ତେ ପିନ୍ଧି ପାରିବା ଏକ ତ୍ରୁଟିପୂର୍ଣ୍ଣ ଅନୁମାନ ବା ପୂର୍ବ କଳ୍ପନା। ପ୍ରକୃତରେ ବିବିଧତା ଓ ଭିନ୍ନତା ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଅନୁସନ୍ଧାନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥାଏ।

ନିୟନ୍ତ୍ରଣକୁ ହାତ ମୁଠାରେ ରଖିବା ପାଇଁ ସରକାରଙ୍କ ନିରନ୍ତର ପ୍ରୟାସ: ବିଶ୍ୱବିଦ୍ୟାଳୟମାନଙ୍କରେ ଶୈକ୍ଷିକ ସ୍ୱାଧୀନତାକୁ ପରିସୀମିତ କରି ରଖିବା ପ୍ରକ୍ରିୟା କେବଳ ଭାରତରେ ନୁହେଁ, ବରଂ ଆର୍ଜେଣ୍ଟିନା, ହଙ୍ଗେରୀ ଓ ତୁର୍କୀରେ ମଧ୍ୟ ପରିଲକ୍ଷିତ ହୋଇଥାଏ, ଯେଉଁଠାରେ କି ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ହୋଇ ସରକାର କାର୍ଯ୍ୟ କରିଥାନ୍ତି। ଅବଶ୍ୟ ଆଫ୍ରିକା ଏବଂ ଏସୀୟ ରାଷ୍ଟ୍ରମାନଙ୍କରେ, ଯେଉଁଠାରେ କି ଏକଚ୍ଛତ୍ରବାଦୀ ଶାସନ ବ୍ୟବସ୍ଥା ପ୍ରଚଳନ ଅଛି, ସେଠାରେ ମଧ୍ୟ ଶୈକ୍ଷିକ ସ୍ୱାଧୀନତା ଅତ୍ୟନ୍ତ ସୀମିତ ହୋଇଥାଏ। ଚୀନ୍, ରୁଷିଆ ଓ ଭିଏତ୍‌ନାମ୍‌ରେ, ଯେଉଁଠାରେ କି ଏକ ପାର୍ଟି ଶାସନ ବ୍ୟବସ୍ଥା ପ୍ରଚଳିତ ଅଛି, ସେଠାରେ ମଧ୍ୟ ଶୈକ୍ଷିକ ସ୍ୱାଧୀନତା ସୀମିତ ରହିଥାଏ। ଚୀନ୍‌ରେ ସ୍ଥିତି ଟିକେ ଅଲଗା। ଯଦିଓ ଏକାଡେମିକ୍ସ ବା ଶିକ୍ଷାବିତ୍‌ମାନଙ୍କ ପାଇଁ ଚୀନ୍‌ରେ ସ୍ୱାଧୀନତା ରହିଛି, ବିଶେଷକରି ସାମାଜିକ ବିଜ୍ଞାନ ଏବଂ କଳା ବିଷୟରେ, ହେଲେ ପବ୍ଲିକ୍ ଡୋମେନ୍‌ରେ ଲେଖିବା ବା କହିବା ଉପରେ ପୂର୍ଣ୍ଣ ପ୍ରତିବନ୍ଧ ରହିଛି ଏବଂ ଏ ନେଇ କୌଣସି ସାଲିସ ଗ୍ରହଣଯୋଗ୍ୟ ହୋଇ ନଥାଏ। ଚୀନ୍‌ର ବିଖ୍ୟାତ ବିଶ୍ୱବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନମାନଙ୍କରେ ଶୈକ୍ଷିକ ନିଯୁକ୍ତି କ୍ଷେତ୍ରରେ କୌଣସି ପ୍ରାଥମିକତା ବା ପୂର୍ବାଗ୍ରହର ପ୍ରଶ୍ନ ଆଦୌ ଉଠି ନଥାଏ।

ପ୍ରକୃତ ଆଶ୍ଚର୍ଯ୍ୟଚକିତ କରିଥାଏ ଆମେରିକାର କାହାଣୀ ଯେଉଁଠାରେ କି ବିଶ୍ୱବିଦ୍ୟାଳୟମାନଙ୍କରେ ଶୈକ୍ଷିକ ସ୍ୱାଧୀନତା ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅତ୍ୟନ୍ତ ପବିତ୍ର, ପୁଣ୍ୟମୟ, ପରିପୂତ ଓ ଅଲଂଘନୀୟ ରହିଆସିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଂଘୀୟ ସରକାର ରିସର୍ଚ୍ଚ ଗ୍ରାଣ୍ଟରେ ଆଶାତୀତ ହ୍ରାସ କରିବା ସହ ଦେଶର ପବ୍ଲିକ ୟୁନିଭର୍ସିଟିମାନଙ୍କରେ କଠୋର ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ ଲାଗୁ କରିଛନ୍ତି। ଯଦି ଏଭଳି ବ୍ୟବସ୍ଥା ଆଗକୁ ଜାରି ରହେ, ଆମେରିକୀୟ ବିଶ୍ୱବିଦ୍ୟାଳୟମାନଙ୍କ ଶିକ୍ଷା, ଗବେଷଣା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ କ୍ଷେତ୍ରରେ ଅସାଧାରଣ ଯଶ, ଗୁଣ, ଗରିମା, ଅନନ୍ୟ ସଫଳତା ଓ ଅଗ୍ରଣୀପଣିଆର ଅବକ୍ଷୟ ହେବା ସୁନିଶ୍ଚିତ ଓ ସ୍ୱତଃସିଦ୍ଧ ଏବଂ ଏଭଳି ଅବକ୍ଷୟ ଓ ପତନକୁ କେହି ରୋକି ପାରିବେ ନାହିଁ।

ସରକାର ବିଶ୍ୱବିଦ୍ୟାଳୟମାନଙ୍କୁ ମୁଖ୍ୟତଃ ନିଜ ନିୟନ୍ତ୍ରଣରେ ନେବାକୁ ଚାହୁଁଛନ୍ତି ଏଇଥି ପାଇଁ ଯେ ସେମାନେ ସମାଲୋଚନା କିମ୍ବା ମତଭେଦ ପାଇଁ ଅତ୍ୟନ୍ତ ଚିନ୍ତିତ ଅଟନ୍ତି। କେହି ସରକାରଙ୍କୁ ସମାଲୋଚନା କରନ୍ତୁ, ଏହାକୁ ସେମାନେ ସହଜରେ ଗ୍ରହଣ କରିପାରି ନଥାନ୍ତି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ସରକାରଙ୍କୁ ଅସୁରକ୍ଷିତ ଅପେକ୍ଷା ପରାଜୟର ଭୟ ସଦାସର୍ବଦା ଅଧିକ ଗ୍ରାସ କରି ରଖିଥାଏ, କାରଣ ବିଶ୍ୱବିଦ୍ୟାଳୟମାନେ ଶୈକ୍ଷିକ ସ୍ୱାଧୀନତା ଦ୍ୱାରା ସଶକ୍ତିକରଣ ହୋଇ ପ୍ରଶ୍ନ ଉତ୍ଥାପନ କରିଥାନ୍ତି, ଯାହାକି ଅତ୍ୟନ୍ତ କଷ୍ଟସାଧ୍ୟ ବୋଲି ଧାରଣା ବଦ୍ଧପରିକର ହୋଇଥାଏ। ଅବଶ୍ୟ କେତେକ ରାଷ୍ଟ୍ରରେ ସରକାର ବୈଚାରିକ ଅନୁରୂପତା ଚାହିଁଥାନ୍ତି। ଅଧିକାଂଶ ବିଶ୍ୱବିଦ୍ୟାଳୟ ସେମାନଙ୍କର ସ୍ୱାୟତ୍ତତାକୁ ଆତ୍ମସମର୍ପଣ କରି ଦେଇଥାନ୍ତି, କାରଣ ସେମାନେ ସେମାନଙ୍କର ଅଧ୍ୟାପନା ଓ ଗବେଷଣା ପାଇଁ ବହୁଳ ଭାବେ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ହୋଇ ରହିଥାନ୍ତି। କାହିଁକି ଶିକ୍ଷାବିତ୍‌ମାନଙ୍କୁ ଜଣେ ଜଣେ ବ୍ୟକ୍ତିବିଶେଷ ଭାବେ ନିଜର ପାଟି ବନ୍ଦ ରଖିବାକୁ ବାଧ କରାଯାଇଥାଏ। ତାହାର କାରଣ ହେଲା ଭୟ ଅବା ସାଲିସ। ହେଲେ ତନ୍ମଧ୍ୟରୁ ଅଳ୍ପ କେତେକ ବ୍ୟକ୍ତିବିଶେଷ ନିଜର ବିଶ୍ୱାସକୁ ବେପାର ବଣିଜ କରି ପୁରସ୍କାର ପାଇଥାନ୍ତି।

କାହାଣୀର ନୀତିଶିକ୍ଷା ହେଲା ଅତ୍ୟନ୍ତ ସରଳ ଓ ସାବଲୀଳ। ବିଶ୍ୱବିଦ୍ୟାଳୟମାନଙ୍କର ଶୈକ୍ଷିକ ସ୍ୱାଧୀନତାର ଘୋର ଅଭାବ ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣ ପ୍ରକ୍ରିୟାକୁ ଅନିବାର୍ଯ୍ୟ ଭାବେ କ୍ଷତି ପହଞ୍ଚାଇବ ଯେପରିକି ଗବେଷଣା କ୍ଷେତ୍ରରେ ଏହା ଚିନ୍ତା-ଚେତନା ଓ ରଚନାତ୍ମକତାର ଗଳା ଚିପି ହତ୍ୟା କରିଥାଏ। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଶ୍ଚିତ ଭାବରେ ଭୀଷଣ ରୂପରେ କ୍ଷତିଗ୍ରସ୍ତ ହେବେ। ଅନ୍ତତୋଗତ୍ୱା, ରାଷ୍ଟ୍ରୀୟ ଅର୍ଥ ବ୍ୟବସ୍ଥା, ସମାଜ ବ୍ୟବସ୍ଥା ଓ ରାଜତନ୍ତ୍ରର ପରାଜୟ ବରଣ କରିବା ହିଁ ଶ୍ରେୟସ୍କର ହେବ।■

ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି
କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର
ମୋ: ୯୩୩୮୨୦୪୯୯୩
crmishra49@yahoo.in

## ଜିଏସ୍‌ଟି ଓ ଜନତା

ନିକଟରେ ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାରେ ଏକ ବଡ଼ ଧରଣର ସଂସ୍କାର ଆଣିଛନ୍ତି ଏଥିରେ ଟିକସ ହାରରେ ସଂଶୋଧନ କରି। ଏହି ସଂଶୋଧିତ ଖସଡ଼ା ବା ସ୍ଲାବ୍‌ଗୁଡ଼ିକ ଚଳିତ ମାସ ଅର୍ଥାତ୍ ସେପ୍ଟେମ୍ବର ୨୨ ତାରିଖରୁ ସାରା ଦେଶରେ ଲାଗୁ ହେବ, ଯାହାକୁ କଥା କହି ଜାଣିଲେ ସୁନ୍ଦର ନୀତିରେ ଦେଶର ସବୁ ପରିବାରଙ୍କ ପାଇଁ ସରକାରଙ୍କ ତରଫରୁ ପାର୍ବଣର ଉପହାର କୁହାଯାଇ ବହୁଳ ପ୍ରଚାର ପ୍ରସାର କରାଯାଉଛି। ଏହି ସଂଶୋଧିତ ଟିକସ ଖସଡ଼ା ହାରାହାରି ୪୦୦ ସାମଗ୍ରୀର ଦରକୁ ୧୦ ପ୍ରତିଶତ ପାଖାପାଖି ହ୍ରାସ କରିବ। ଯେଉଁ ସବୁ ସାମଗ୍ରୀଗୁଡ଼ିକରେ କମ୍ ପରିମାଣର ଟିକସ ଦେବାକୁ ପଡ଼ିବ, ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ହେଉଛି ସାଧାରଣ ଲୋକମାନଙ୍କ ଜୀବନର ଦୈନନ୍ଦିନ ଆବଶ୍ୟକତା ପାଇଁ ଜରୁରୀ ଏବଂ ଖାଉଟିମାନଙ୍କ ପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥାୟୀ ସାମଗ୍ରୀ ବା କଞ୍ଜ୍ୟୁମର ଡ୍ୟୁରେବ୍ଲସ୍। ଆଗାମୀ ପାର୍ବଣ ଋତୁରେ ଲୋକମାନଙ୍କୁ ଏଇ କଥା କାଗଜ କଲମରେ ତ ଢେର୍ ଆନନ୍ଦ ଆଣିଦେବ, କିନ୍ତୁ ପ୍ରକୃତ ପରୀକ୍ଷାଟି ନୀତି ତିଆରି କରିବାରେ ନୁହେଁ, ବରଂ ରହିଛି ବାସ୍ତବ କ୍ଷେତ୍ରରେ କାମରେ ଲାଗୁଥିବାର ଦେଖିବାରେ- ଏଇ ଲାଭଗୁଡ଼ିକ ସାଧାରଣ ନାଗରିକମାନଙ୍କ ନିକଟରେ ପହଞ୍ଚୁଛି ନା କର୍ପୋରେଟ୍ ସଂସ୍ଥାମାନଙ୍କ ଶରୀରକୁ ଅଧିକ ପୃଥୁଳ କରୁଛି। ଘରୋଇ ଉପଭୋଗ (କଞ୍ଜମ୍ପସନ୍)କୁ ପ୍ରୋତ୍ସାହନ ଯୋଗାଇବାକୁ ସରକାର ଜିଏସ୍‌ଟି ଖସଡ଼ାକୁ ଯୁକ୍ତିସଂଗତ କରିଛନ୍ତି, ଯାହାକି କେତେଗୁଡ଼ିଏ ଉତ୍ପାଦ ବର୍ଗରେ ଖୁବ୍ କମ୍ ରହୁଛି, ବିଶେଷକରି ଯେଉଁ ସାମଗ୍ରୀଗୁଡ଼ିକ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ଘରୋଇ ଉପଭୋଗ ବଢ଼ାଇବା ବର୍ତ୍ତମାନ ସମୟରେ ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି, ଯାହାର କାରଣ ହେଉଛି, ବିଶ୍ୱ ଶୃଙ୍ଖଳାରେ ଅନିଶ୍ଚିତତା ଲାଗି ରହିବା ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ସୁରକ୍ଷାବାଦୀ ପଦକ୍ଷେପଗୁଡ଼ିକ ଆପଣା ଯିବା, ଯିଏ ଭାରତୀୟ ରପ୍ତାନୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲାଗୁ କରିଛନ୍ତି।

ଜିଏସ୍‌ଟିରେ ସଂଶୋଧନ କରାଯିବା ପରେ କମ୍ପାନୀମାନେ ସେହି କମ୍ ଦରର ଲାଭକୁ ଖାଉଟିମାନଙ୍କୁ ପ୍ରଦାନ କରିବାକୁ ଆଇନଗତ ଭାବରେ ବାଧ୍ୟ। କିନ୍ତୁ, ଇତିହାସ ସାକ୍ଷୀ ଯେ ଏହି ବାଧ୍ୟବାଧକତାକୁ ଅନେକ କମ୍ପାନୀ ଟାଳି ଦେଇଥାନ୍ତି। ସାମଗ୍ରୀର ମୂଲ୍ୟକୁ ଅପରିବର୍ତ୍ତିତ ରଖିବା ପାଇଁ ଯୁକ୍ତିଯୁକ୍ତ କାରଣ ଭାବରେ ବ୍ୟବସାୟୀମାନେ ପ୍ରାୟତଃ ପରିଚାଳନାଜନିତ ମୂଲ୍ୟର ଦ୍ୱାହି ଦେଇଥାନ୍ତି। ଆଉ କେତେକ ବ୍ୟବସାୟୀ ପୁରୁଣା ଷ୍ଟକ୍ ବା ସାମଗ୍ରୀର ମୂଲ୍ୟ ଅଧିକ ଥିବା ସମୟରେ ଗଚ୍ଛିତ କରିଥିବାର ବାହାନା ଦେଖାଇ ଅଧିକ ମୂଲ୍ୟରେ ବିକ୍ରି କରିଥାନ୍ତି, ଯାହା ସଂଶୋଧନ ପୂର୍ବର ଟିକସକୁ ବହନ କରିଥାଏ। କେତେକ କମ୍ପାନୀ ଟିକସ ମୂଲ୍ୟରେ ହ୍ରାସ ଘଟାଇ ସାମଗ୍ରୀ ମୂଳ ମୂଲ୍ୟରେ ବୃଦ୍ଧି କରି ପାରନ୍ତି, ଯାହାକୁ ସେମାନେ ସରକାରଙ୍କ ଆଇନର ଯଥାଯଥ ଅନୁପାଳନ କରୁଥିବା ଭାବରେ ଦର୍ଶାଇବାର ଭ୍ରମ ସୃଷ୍ଟି କରନ୍ତି। ଜଣେ ସାଧାରଣ ଖାଉଟି ପକ୍ଷେ ଏସବୁ ନିରୂପଣ କରିବା ଢେର୍ କଷ୍ଟସାଧ୍ୟ। ନିଜ ପକ୍ଷରେ ନରେନ୍ଦ୍ର ମୋଦୀ ସରକାର ନିର୍ଦ୍ଦିଷ୍ଟ ଭାବରେ କମ୍ପାନୀମାନଙ୍କୁ ଜଣାଇ ଦେଇଛନ୍ତି ଯେ ଟିକସ ଲାଭ ଖାଉଟିମାନଙ୍କ ପାଖକୁ ଯିବା ଉଚିତ, ଯେହେତୁ ସାଧାରଣ ନାଗରିକମାନଙ୍କ ଜୀବନ ଧାରଣର ମାନକୁ ସହଜ କରିବା ଉଦ୍ଦେଶ୍ୟରେ ଏହା କରାଯାଇଛି। ସଙ୍ଗେ ସଙ୍ଗେ ଏହା ମଧ୍ୟ ଯେଉଁମାନେ ଆଇନର ଉପଯୁକ୍ତ ଭାବରେ ଅନୁପାଳନ ନ କରିବେ, ସେମାନଙ୍କ ପାଇଁ କଠୋର ଦଣ୍ଡ ବିଧାନ କରାଯିବାର ଧମକ ଦେଇ ସାରିଛନ୍ତି। ତେବେ, ବିପଦଟି ରହିଛି ଏଇ ଆଇନର କାର୍ଯ୍ୟାନ୍ୱୟନ ଉପରେ। ଦେଶରେ ହଜାର ହଜାର କମ୍ପାନୀ ରହିଛନ୍ତି ଏହିସବୁ ଟିକସ ହ୍ରାସ କରାଯାଇଥିବା ଉତ୍ପାଦଗୁଡ଼ିକୁ ବିକ୍ରି କରିବା ପାଇଁ, ଆଉ ବ୍ୟାପକ ପ୍ରବର୍ତ୍ତନ ବ୍ୟବସ୍ଥାର ଅଭାବରୁ ସେମାନଙ୍କ ଗତିବିଧିକୁ ନିରୀକ୍ଷଣ କରିବା ପ୍ରାୟତଃ ଅସମ୍ଭବ ବ୍ୟାପାର।

ତେଣୁ, ସରକାରଙ୍କ ଭିଜିଲାନ୍ସ ବିଭାଗ ଅବିଶ୍ରାନ୍ତ ଭାବରେ କାମ କରିବାର ଆବଶ୍ୟକତା ରହିଛି। ଚାରି ମାସର ଏକ ଅନ୍ତରୀଣ ଅବଧି ପାଇଁ ଏହା କମ୍ପାନୀମାନଙ୍କୁ ପ୍ରାକ୍-ସଂଶୋଧିତ ଜିଏସ୍‌ଟି ଏବଂ ସଂଶୋଧିତ ଜିଏସ୍‌ଟି-ପରବର୍ତ୍ତୀ ମୂଲ୍ୟକୁ ଖାଉଟିମାନଙ୍କ ସାମ୍ନାରେ ପ୍ରଦର୍ଶନ ସହିତ ଖାଉଟିମାନଙ୍କ ପାଇଁ ଉଚିତ ମୂଲ୍ୟ ଉଲ୍ଲେଖ କରିବାକୁ ବାଧ କରିବା ଉଚିତ। ବିଲ୍ ବା ଦେୟ ପ୍ରଦାନର ରସିଦଗୁଡ଼ିକର ଡିଜିଟାଲ ନିରୀକ୍ଷଣ, ବାସ୍ତବ ସମୟ ରିପୋର୍ଟିଂ ବା ଅବଗତ କରାଇବା ଏବଂ ଦର ପରିବର୍ତ୍ତନ ସମ୍ପର୍କିତ ଜନ ସଚେତନତା ପ୍ରଚାର ଆକ୍ରମଣାତ୍ମକ ଢଙ୍ଗରେ କରାଯିବା ଉଚିତ। ଅଧିକ ମୁନାଫା ଅର୍ଜନ କରିବା ଉପରେ ଲଗାମ୍ କଷିବା ପାଇଁ ଖାଉଟି ମଞ୍ଚଗୁଡ଼ିକ ମଧ୍ୟ ସେମାନଙ୍କର ଭୂମିକା ନିର୍ବାହ କରିବା ଉଚିତ। ଇତ୍ୟବସରରେ କମ୍ପାନୀମାନଙ୍କର ମଧ୍ୟ ସଂଚିତ ନିବେଶ ଟିକସ ବକେୟାକୁ ନେଇ କେତେକ ଯୁକ୍ତିଯୁକ୍ତ ଚିନ୍ତା ରହିଛି। ଯେତେବେଳେ କୌଣସି ସାମଗ୍ରୀର ଦର କମିଯାଏ, କମ୍ପାନୀମାନେ- ବିଶେଷକରି ରପ୍ତାନୀକାରୀମାନେ କିମ୍ବା ଯେଉଁମାନେ ପାଲଟା ଶୁଳ୍କ ସଂରଚନାକୁ ସାମ୍ନା କରୁଛନ୍ତି- ଟିକସ ଜମା ହୋଇ ରହିବାକୁ ପରିଲକ୍ଷିତ କରି ପାରନ୍ତି, ଯାହାକୁ ସେମାନେ ତୁରନ୍ତ ବ୍ୟବହାର କରି ପାରି ନଥାନ୍ତି। ସେମାନଙ୍କୁ ସେହି ଟଙ୍କା ଫେରସ୍ତ ଦିଆଯାଏ, କିନ୍ତୁ ପ୍ରାୟତଃ ତାହା ହେବାରେ ବିଳମ୍ବ ଘଟିଥାଏ, ଯେଉଁଥିପାଇଁ ସେମାନଙ୍କୁ ଟିକସ ଦର କମାଇବାକୁ ଏଡ଼ାଇ ଯିବାର ଏକ ବାହାନା ମିଳି ଯାଇଥାଏ। ସରକାର ତେଣୁ ଏହି ପ୍ରସଙ୍ଗର ଯଥା ଶୀଘ୍ର ସମାଧାନ କରିବାର ଆବଶ୍ୟକତା ରହିଛି, ଯେହେତୁ ନିର୍ମାତାମାନଙ୍କ କାର୍ଯ୍ୟକ୍ଷମ ପୁଞ୍ଜିକୁ ଅମଲାତାନ୍ତ୍ରିକ ବିଳମ୍ବ ଭିତରେ ଫସି ରହିବାରୁ ତୁରନ୍ତ ମୁକୁଳା ଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସେମାନଙ୍କ ବ୍ୟବସାୟ ପାଇଁ। ତେଣୁ ମୋଟାମୋଟି ଯଥେଷ୍ଟ କାମ ରହିଛି ସରକାରଙ୍କ ପାଇଁ ଲୋକମାନଙ୍କୁ ସଂଶୋଧିତ ଜିଏସ୍‌ଟିର ସୁଫଳ ପ୍ରଦାନ କରିବାକୁ। ବର୍ତ୍ତମାନ ସମୟରେ ଯେତେବେଳେ ପରିବାରର ବଜେଟ୍ ବେଶ୍ ବିସ୍ତାରିତ ହୋଇ ସାରିଛି, ସେତେବେଳେ ଗୋଟିଏ ଟଙ୍କାର ସଂଚୟ ମଧ୍ୟ ବେଶ୍ ଗୁରୁତ୍ୱ ରଖେ ସମସ୍ତଙ୍କ ପାଇଁ। ଯଦି ଜିଏସ୍‌ଟି ସଂସ୍କାର କେବଳ ହିସାବର ଖେଳ ହୁଏ, ତା'ହେଲେ ସରକାରଙ୍କ ଉପରେ ଲୋକମାନଙ୍କ ଆସ୍ଥା କମିବ। ଅନ୍ୟ ପକ୍ଷରେ, ଅତ୍ୟଧିକ ଅମଲାତାନ୍ତ୍ରିକ କଟକଣା ବ୍ୟବସାୟ କରିବାର ସହଜତା ପ୍ରତି ଆଘାତ ପହଞ୍ଚାଇବ, ଯାହାକୁ ଏଡ଼ାଯିବା ଉଚିତ। ତେଣୁ ସବୁ ଦିଗକୁ ଧ୍ୟାନ ଦେଇ ଏକ ସନ୍ତୁଳିତ ଆଭିମୁଖ୍ୟ ଆପଣା ଯିବା ସମସ୍ତଙ୍କ ପାଇଁ ମଙ୍ଗଳକାରକ ହେବ।■

# ଅନ୍ତରଙ୍ଗ ଦୁର୍ବଳତା ଓ ଆୟୁଷ୍ମାନ୍ ଭାବପ୍ରବଣତା



ରାଧାଶ୍ୟାମ ରାଉଳ

ଡାଏରୀ କଲମ ଧରି ମୋ ପଢ଼ାଘର ଟେବୁଲ୍ ପାଖରେ ମୁଁ ନିରବରେ ବସିଥିବାର ଲକ୍ଷ୍ୟ କରି ମୋର ଚାରୁହାସିନୀ, ମିଷ୍ଟଭାଷିନୀ, ଆଦରଣୀୟା ଫୁଲେଇରାଣୀ ପତ୍ନୀ, ଲବଙ୍ଗଲତା ଓରଫ୍ ବେବିରାଣୀ ମୋର ଅତି ପାଖକୁ ଆସି ଅତ୍ୟନ୍ତ ସରାଗରେ ମୋତେ କହିଲେ, 'ଆଗୋ ପ୍ରିୟତମ, ଲେଖକ ପୁଙ୍ଗବ ପତିଦେବ, ଏକା ଏକା ନିରବରେ ବସି ଏତେ କ'ଣ ଭାବୁଛ ? ଗଳ୍ପ ଲେଖା ପାଇଁ କିଛି ପ୍ଲଟ୍‌ର ସନ୍ଧାନରେ ଅଛ ନା ସ୍ତମ୍ଭ ରଚନା ପାଇଁ କିଛି ମସଲାଦାର ପ୍ରାମାଣିକ ତଥ୍ୟ ଖୋଜୁଛ ନା ରମ୍ୟ-ବ୍ୟଙ୍ଗ ପାଇଁ କିଛି ମଜାଦାର୍ ମାହୋଲ୍‌ର ପରିକଳ୍ପନା କରୁଛ ?'

କୌଣସି ଗୌରଚନ୍ଦ୍ରିକା ନରଖି ମୁଁ ସିଧାସଳଖ କହିଲି, 'ଆଗୋ ପ୍ରିୟତମା ପତ୍ନୀ ଶିରୋମଣି, ଏବେ କବିତାଟେ ଲେଖିବା ପାଇଁ କରୁଛି କିଛି କଳ୍ପନା। ଦୟାକରି ଏ କ୍ଷେତ୍ରରେ ମୋତେ ଆଦୌ ଡିଷ୍ଟର୍ବ କରନା।' ଫେଁକିନା ହସିଦେଇ ବେବିରାଣୀ ପ୍ରଶ୍ନ କଲେ, 'କ'ଣ ହେଲା, ପୁଣି କବିତାକୁ ପ୍ରତ୍ୟାବର୍ତ୍ତନ ତୁମର ? ଇଏ ତ କିଛି ନୁହଁଇ ଶୁଭ ଖବର ! ଆରେ, ପରିପୂର୍ଣ୍ଣ ସଂସାର ଭିତରେ ଥାଇ ପୁଣି କିଆଁ କବିତା ପ୍ରୀତି ତୁମର ? ପୁଣି କିଆଁ ଦୁଃଖ, ଯନ୍ତ୍ରଣା, ଅବସୋସ, ଅନ୍ତର୍ଦ୍ଦହନ, ନିଃସଙ୍ଗପଣ, ଭାବପ୍ରବଣତା ପ୍ରତି ତୁମର ଏତେ ସ୍ନେହ, ପ୍ରେମ, ଆଦର ଓ ନିଘା ନଜର ?'

ମନ୍ଦ ମନ୍ଦ ହସି ମୁଁ କହିଲି, 'ଆଲୋ ସଜନୀ, ରସରଙ୍ଗିନୀ, ଦିନ ଥିଲା, ତୁମେ ମୋ ପାଇଁ ଥିଲ ଅନିନ୍ଦିତା, ଅନୁପମା, ପ୍ରୀତିଦାୟିନୀ। ସ୍ନେହ, ପ୍ରେମ, ଆବେଗ, ଅନୁରାଗର କୁହୁକୁହୁ ସ୍ୱନ ଓ କୁଳୁକୁଳୁ ନିର୍ଝରିଣୀ। ଏବେ କିନ୍ତୁ ବଦଳି ଯାଇଛି ସମୟ, ବଦଳି ଯାଇଛି ମଧ୍ୟ ତୁମ ସ୍ୱଭାବ, ବ୍ୟବହାର ଓ ଆଚରଣ ! ଏବେ ତୁମ ହୃଦୟ ମୋ ପାଇଁ ନିର୍ମମ, କଠୋର- ସତେ ଅବା ମୁଗୁନି ପଥର। ସେଇଥିପାଇଁ ତ ଏବେ ମୋ ଭିତରେ ଏତେ ଆତୁରତା, ଏତେ ନିଃସଙ୍ଗତା, ଏତେ ଭାବପ୍ରବଣତା !'

ମାତ୍ରାଧିକ ଅଭିମାନରେ ମୁହଁ ଫୁଲେଇ ଫଁ ଫଁ ହୋଇ ପତ୍ନୀ କହିଲେ, 'ଏଁ, ଏତେ କଥା ? ଯା ଭିତରେ ତୁମେ ବଦଳେଇ ଦେଇଛ ତା'ହେଲେ ତୁମ ମାନସିକତା ? ନାଇଁ ମ, ସମ୍ପୂର୍ଣ୍ଣ ଅଲଗା କିନ୍ତୁ ଗୁମର କଥା ! ଯେଣୁ ତୁମକୁ ଏବେ ଛୁଇଁଲାଣି ବୟସ୍କତାର କୋହଲା ସ୍ପର୍ଶ, ଆବୋରି ବସିଲାଣି ବାର୍ଦ୍ଧକ୍ୟର ଅବସନ୍ନତା ଓ ଅବସୋସ, ତେଣୁ ନିଃସଙ୍ଗତା ତୁମକୁ କରୁଅଛି ଗୋଟାପଣେ ଗ୍ରାସ। ଅତଏବ, ଦୀର୍ଘ ଅଠେଇଶ, ତିରିଶ ବର୍ଷ ପରେ କବିତାକୁ ତୁମେ ପୁଣିଥରେ ଫେରିବାକୁ କରୁଛ ବୃଥା ପ୍ରୟାସ। ହଁ, କ'ଣ ଥରେ କବିତାକୁ ନେଇ ଲେଖିଥିଲ, ଯାହା ଏକ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା ଖୁସିରେ ମୋତେ କଟକ ସୁଇଟ୍ସରୁ ଛେନାପୋଡ଼ ଆଣି ଖୁଆଇ ଥିଲ; ହଁ, ମନେ ପଡୁଛି ସେଥିରୁ କେଇ ପଦ- 'କବିତା ମୋ ପ୍ରେମିକା, ମାନସକନ୍ୟା। କବିତା ମୋ ଜୀବନ, କବିତାକୁ ନେଇ ମୁଁ ଦେଖୁଛି ଯେତେସବୁ ସ୍ୱପ୍ନ ଆଉ ସମ୍ଭାବନା। କବିତା ସହ ମୋ ସମ୍ପର୍କ; ଅନ୍ତରଙ୍ଗ, ମଧୁମୟ, ଚିରନ୍ତନ। ଏଣୁ ମୁଁ କବିତାକୁ ଭଲ ପାଉଛି, ଭଲ ପାଇବି ମଧ୍ୟ ଅନ୍ତତଃ ଯେତେ ଦିନ ଯାଏଁ ପିଣ୍ଡରେ ରହିଥିବ ପ୍ରାଣ।' ହୁଁ, ଏବେ ତୁମର ସେ କବିତା ପାଇଁ କଳ୍ପନା ଖୋଜିବା ବନ୍ଦ କର। ହଁ ଶୁଣ, ଏବେ ତ ଚାରିଆଡ଼େ ପ୍ରଚଣ୍ଡ ଗ୍ରୀଷ୍ମର ତାତି ଉଠିଲାଣି ଭାରି। ମନ ଯେଣୁ ଭଲ ରହୁନାହିଁ ତୁମର ଆଜିକାଲି, ତେଣୁ ଚାଲ ବୁଲିଯିବା ଏଲଟିସିରେ ଦାର୍ଜିଲିଂ, ସିମ୍‌ଲା, ନୈନିତାଲ କି ମସୋରୀ।'



ବେବିରାଣୀଙ୍କ ପ୍ରସ୍ତାବ ଶୁଣି ଯଦିଓ ମୁଁ କିଛି ମାତ୍ରାରେ ହଡ଼ବଡ଼େଇ ଗଲି, ତଥାପି ସତ୍ୟକୁ ସାମ୍ନା କରିବା ଦାୟରେ ମୁଁ ଦୃଢ଼ ଓ ସ୍ଥିର ରହିବାକୁ ଚେଷ୍ଟା କରୁଥିଲି। 'ହେଇଟି, ଭାବି ଦେଖ, ମୋ ପ୍ରସ୍ତାବଟି ତୁମ ମନକୁ ପାଉଛି କି ନାହିଁ ?'- କହି ସେ ରୋଷେଇ ଘରକୁ ସତ୍ୱର ଚାଲିଗଲେ।

ସତକଥା କିନ୍ତୁ ଅଲଗା ହୋ ସୁଧୀଜନେ। କଥା ଥିଲା, ପ୍ରୀତିପ୍ରଦ ନିରବତା ଭିତରେ, ସୁଲଳିତ ସିମ୍ଫୋନୀର ତାନେତାନେ, ବସନ୍ତର ଏକ ମଧୁମୟ ସନ୍ଧ୍ୟାରେ, ମୋ ଜୀବନକୁ ଆସିବ କେହି ଜଣେ ! ସେଇଥିପାଇଁ ତ ବସନ୍ତର ପ୍ରତିଟି ମଧୁମୟ ସନ୍ଧ୍ୟାର ସମ୍ମୋହନରେ ମୁଁ ସମ୍ମୋହିତ ହୋଇ ପଡୁଛି। ପ୍ରତୀକ୍ଷା ଭିତରେ ସ୍ୱପ୍ନ ଆଉ ସମ୍ଭାବନାକୁ ନେଇ ମୁଁ ତମାମ୍ ଜୀବନ ଜିଉଁଛି। ଅବୁଝେଇ ପତ୍ନୀ ଅବା କାହୁଁ ବୁଝି ପାରିବ ମୋ ଅନ୍ତରର ମିଠା ଅନୁଭବକୁ, ମୋ କାବ୍ୟ ଚେତନାର କୋମଳ ଉଚ୍ଛ୍ୱାସକୁ, ପରିଣତ ବୟସରେ ମୋ ଭାବନାକୁ ଆବୋରି ବସିଥିବା, ମୋର ଅନ୍ତରଙ୍ଗ ଦୁର୍ବଳତା ଓ ଆୟୁଷ୍ମାନ୍ ଭାବପ୍ରବଣତାକୁ !■

ମର୍କତନଗର, ସେକ୍ଟର: ୬, କଟକ
ମୋ: ୯୪୩୭୦୯୦୯୮୫
rsroul1966@gmail.com

## ଭାସିଗଲା ବ୍ୟକ୍ତି, ଭାସିନାହିଁ କୀର୍ତ୍ତି

ମୈଶୁରରେ କାବେରୀ ନଦୀ ଉପରେ ସେତେବେଳେ ଗୋଟିଏ ବନ୍ଧ କାମ ଚାଲୁଥିଲା, ଯାହାର ନାମ ଥିଲା 'କୃଷ୍ଣରାଜ ସାଗର'। ଏହା ଥିଲା ୧୯୫୧ ମସିହା ଜୁନ୍ ମାସ ୨୭ ତାରିଖର ଘଟଣା। ନଦୀରେ ବନ୍ଧ ପକାଇ ଜଳପ୍ରପାତ କରିବାର ଯୋଜନା ଥିଲା। ବର୍ତ୍ତମାନ ଭଳି ସେ ସମୟରେ ମାଟି ଖୋଳି ବନ୍ଧ ବାନ୍ଧିବା ପାଇଁ କୌଣସି ମେସିନ୍ ଭାରତକୁ ଆସି ନଥିଲା। ଦଶ ହଜାର ଲୋକ କୋଦାଳ, ଝୁଡ଼ି ସାହାଯ୍ୟରେ ଦୂରରୁ ମାଟି ଆଣି ବନ୍ଧରେ ପକାଉ ଥାଆନ୍ତି। ଅକସ୍ମାତ୍ କାବେରୀ ନଦୀରେ ବଢ଼ି ଆସିଲା। କୂଳ ବୁଡ଼ି ଯିବାକୁ ବସିଲା। ଲୋକମାନଙ୍କ ଜୀବନ ସଂକଟାପନ୍ନ ହେଲା। ମାତ୍ର ଦୁଇ ଫୁଟ ଜଳ ବଢ଼ିଲେ ସବୁକିଛି ଶେଷ ହୋଇଯିବ। ଅନେକ ଗାଁ କ୍ଷତିଗ୍ରସ୍ତ ହେବ। ଏହି କାମର ଦାୟିତ୍ୱ ନେଇଥିଲେ ସେ ସମୟର ପ୍ରତିଷ୍ଠିତ ତଥା ନାମକରା ଇଞ୍ଜିନିୟର ଶ୍ରୀ ବିଶ୍ୱେଶ୍ୱରାୟା। ଇଞ୍ଜିନିୟରଙ୍କର ଜ୍ଞାନ ଥିଲା। କୌଶଳ ଜଣା ଥିଲା କିପରି ବିପଦରୁ ମୁକୁଳି ହେବ, ତଥାପି ତାଙ୍କର ସାହସ ପାଉ ନଥିଲା। ପାଣି ବଢ଼ିବାରେ ଲାଗିଥାଏ। ମାତ୍ର ଏକ ଫୁଟ ବଢ଼ିଲେ ବନ୍ଧ ଭାଙ୍ଗିଦେବ। କୋଟି କୋଟି ଟଙ୍କା ନଷ୍ଟ ହେବା ସହିତ ଅନେକ ଧନ ଜୀବନ ମଧ୍ୟ ଚାଲିଯିବ। ଶ୍ରମିକମାନେ ଅତି ଆଗ୍ରହ ଓ ଶ୍ରଦ୍ଧାର ସହିତ ନିଜ ପରିବାର ଓ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ଏହି କାର୍ଯ୍ୟ କରୁଥିଲେ। ହେଲେ ଆଜି ସବୁକିଛି କ୍ଷଣକରେ ନିଶ୍ଚିହ୍ନ ହୋଇଯିବ। କାହାରି ମୁହଁରେ କଥା ନାହିଁ। କେବଳ ଏକ ଭୟଙ୍କର ମହାପ୍ରଳୟକୁ ସ୍ୱାଗତ କରୁଥିଲେ ସମସ୍ତେ।

ଇଞ୍ଜିନିୟର ଶ୍ରୀ ବିଶ୍ୱେଶ୍ୱରାୟା ସମସ୍ତ ଶ୍ରମିକଙ୍କୁ ଅନୁରୋଧ କଲେ ତାଙ୍କ ସହିତ ଯିବା ପାଇଁ। ଇଞ୍ଜିନିୟର ବନ୍ଧ ଉପରେ ଚାଲିଲେ। ତାଙ୍କ ପଛରେ ଶ୍ରମିକମାନେ। ସେତେବେଳକୁ ରାତି ଆସି ଯାଇଥିଲା। ଗୋଟିଏ ସ୍ଥାନରେ ଛିଡ଼ା ହୋଇ ଶ୍ରମିକମାନଙ୍କୁ କହିଲେ, ଏବେ ତୁମେ ତୁମ ପରିବାରଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ନେଇଯିବା ଉଚିତ୍। କାରଣ ସମସ୍ତଙ୍କ ଜୀବନ ବିପଦରେ। ଏଥିରୁ ରକ୍ଷା ପାଇବା ପାଇଁ ମାତ୍ର ଗୋଟିଏ ଉପାୟ ଅଛି। ହେଲେ ସେ ସାହସିକତାର କାର୍ଯ୍ୟ କିଏ କରି ପାରିବ, ତାହା ଜଣା ଯାଉ ନାହିଁ। ସମସ୍ତେ ଚାହିଁଲେ ଇଞ୍ଜିନିୟରଙ୍କ ଆଡ଼କୁ। ଉଦ୍ଧାର ପାଇବାର ଉପାୟ କ'ଣ ଜାଣିବା ପାଇଁ। ଇଞ୍ଜିନିୟର କହିଲେ- ବନ୍ଧ ତଳେ ଥିବା ସେହି ଗେଟ୍‌ଟି ଖୋଲାଯାଇ ପାରିଲେ ଜଳ ସେହି ବାଟେ ନିଷ୍କାସିତ ହୋଇଯିବ। ହେଲେ ଏ ଉଚ୍ଛୁଳା ପାଣିରେ ସେ କାମ କିଏ କରି ପାରିବ ?

ଆଗେଇ ଆସିଲେ ଯୁବକ ମେକାନିକାଲ୍ ଇଞ୍ଜିନିୟର ଶ୍ରୀ ଭାଲଚନ୍ଦ୍ର କୋଟ୍‌କର। ନବବିବାହିତ ଭଳି ଲାଗୁଥିଲେ। ଶରୀରରୁ ଟ୍ରାଉଜର, ପଞ୍ଜାବୀ କାଢ଼ିଦେଲେ। ଲମ୍ଫ ପ୍ରଦାନ କଲେ ଜଳକୁ। କିଛି ସମୟ ପରେ ଫାଟକ ଦେଇ ଜଳ ତ ବହିଗଲା। କିନ୍ତୁ ପତ୍ତା ମିଳି ନଥିଲା ଶ୍ରୀ ଭାଲଚନ୍ଦ୍ରଙ୍କର। ଅନେକ ଜୀବନ ବଞ୍ଚି ଯାଇଥିଲା ସେଦିନ। ସବୁ ଦିନ ପାଇଁ କାବେରୀର ସ୍ରୋତ ସିନା ଭସାଇ ନେଲା ଭାଲଚନ୍ଦ୍ରଙ୍କୁ, କିନ୍ତୁ ସମୟର ସ୍ରୋତ ଏ ପର୍ଯ୍ୟନ୍ତ ଭାଲଚନ୍ଦ୍ରଙ୍କ ତ୍ୟାଗପୂତ କୀର୍ତ୍ତିକୁ ଭସାଇ ନେଇ ପାରିନାହିଁ।■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ପବନ ବାଜିଲେ ଭାଙ୍ଗି ଯାଉଛି ଆବର୍ଜନା ଉଠା ଗାଡ଼ି

# ୭୦ହଜାର ଟଙ୍କାର ଗାଡ଼ିକୁ ୨.୫ ଲକ୍ଷରେ କିଣିଲା କିଏ



**ଓଡ଼ଗାଁ,୧୪।୯/ଏନ୍‌ଏନ୍‌ଏସ୍:** ଆବର୍ଜନା ଉଠା ଗାଡ଼ି କିଣାରେ ଏକ ବଡ଼ ଧରଣର ଡ଼ିଲ ହୋଇଛି। ୭୦ହଜାର ଟଙ୍କା ଜାଗାରେ ୨ଲକ୍ଷ ୫୦ହଜାର ଟଙ୍କାରେ ବ୍ୟାଟେରୀଚାଳିତ (ବିଓଭି) ଗାଡ଼ି କିଣି ହରଡ଼ଗଣରେ ପଡ଼ିଛି ନୟାଗଡ଼ ଜିଲ୍ଲା ପ୍ରଶାସନ। ପବନ ବାଜିଲେ ଆବର୍ଜନା ଉଠା ଗାଡ଼ି ଭାଙ୍ଗି ପଡୁଥିବା ଜଣାପଡ଼ିଛି। ଏଭଳି ଘଟଣା ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଘଟଣାର ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଓଡ଼ଗାଁ ବ୍ଲକ୍ ର ୩୬ଟି ପଞ୍ଚାୟତକୁ ଆବର୍ଜନା ଉଠା ଗାଡ଼ି ଜିଲ୍ଲା ପ୍ରଶାସନ ଯୋଗାଇ ଦେଇଛି। ଘରୋଇ ସଂସ୍ଥା ରିୟା ଏଣ୍ଟରପ୍ରାଇଜେସ୍ ଏହିସବୁ ଗାଡ଼ି ଦେଇ ୭୦ହଜାର ଜାଗାରେ ୨ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରୁ ଜଣାପଡ଼ିଛି। ବ୍ୟାଟେରୀ ଚାଳିତ ଗାଡ଼ି ପ୍ରତି ପଞ୍ଚାୟତରେ ଘରକୁଘର ବୁଲି କଞ୍ଚା, ଓଦା, ଅଳିଆ, ଆବର୍ଜନା ସଂଗ୍ରହ କରିବ। ଏଥିପାଇଁ ଜଣେ ଗାଡ଼ିଚାଳକ ଓ ଅନ୍ୟଜଣେ ସହକାରୀ ଭାବେ କାମ କରିବେ। ସେମାନଙ୍କ ମାସିକ ୧୨ହଜାର ଟଙ୍କା ପଞ୍ଚାୟତ ଫଣ୍ଡରୁ ଭରଣା କରାଯିବ। ତେବେ ଏହି ଆବର୍ଜନା ଉଠାଗାଡ଼ି ରାସ୍ତାରେ ଚଳିବାକୁ ଅକ୍ଷମ ହୋଇଛି ତାହା ନୁହେଁ, ପବନ ବାଜିଲେ ଗାଡ଼ିର ଯନ୍ତ୍ରାଂଶ ସବୁ ଖସିପଡୁଥିବା ଦେଖିବାକୁ ମିଳିଛି। ଗାଡ଼ି କିଣାରେ କିଏ କରିତ୍‌କର୍ମା ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଆବର୍ଜନା ଉଠା ଗାଡ଼ିର ପ୍ରକୃତ ମୂଲ୍ୟ ବଜାରରେ ୭୦ହଜାର ଟଙ୍କା ରହିଥିବାବେଳେ ଅଢ଼େଇ ଲକ୍ଷ ଟଙ୍କା ଦେଇ କିଣିବା ପଛରେ କାହାର ହାତ ରହିଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତେବଡ଼ ଠକେଇ ପଛରେ ବିଡ଼ିଓ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପାଳ ଜାଣିପାରିଲେନି କେମିତି। ନା ଏଥିରେ ରାଜନେତାଙ୍କ ସଂପୃକ୍ତି ରହିଛି ତାକୁ ନେଇ ସବୁଠି ଚର୍ଚ୍ଚା ଆରମ୍ଭ ହୋଇଛି। ଓଡ଼ଗାଁ ବ୍ଲକର ଡ଼ିମିରିର ପଞ୍ଚାୟତକୁ ଦିଆଯାଇଥିବା ବ୍ୟାଟେରୀ ଚାଳିତ ଆବର୍ଜନା ଉଠାଗାଡ଼ି ଅଚଳ ହୋଇପଡ଼ିବାରୁ କଂପାନୀ କର୍ମଚାରୀମାନେ ଆସି ସଜାଡ଼ିଛନ୍ତି। ସେହିପରି ରଙ୍ଗଣିପାଟଣା ପଞ୍ଚାୟତରେ ଆବର୍ଜନା ଉଠାଗାଡ଼ି ଚାଲୁଥିବା ସମୟରେ ଗାଡ଼ିର ବିଭିନ୍ନ ଯନ୍ତ୍ରାଂଶ ଝଡ଼ି ପଡୁଥିବା ଅଭିଯୋଗ ହୋଇଛି। ଅନେକ ପଞ୍ଚାୟତ ଏହି ବ୍ୟାଟେରି ଗାଡ଼ି ନେଇଥିଲେ ମଧ ଚଲାଇବାକୁ ଭୟ କରୁଥିବା କିଛି ସରପଞ୍ଚ ପ୍ରକାଶ କରିଛନ୍ତି। ସେ କହିଛନ୍ତି ପଞ୍ଚାୟତରୁ ଗାଡ଼ି ଚଲାଇବା ପାଇଁ ଦୁଇଜଣଙ୍କୁ ପ୍ରତି ମାସରେ ଦରମା ଦେବା ଓ ଗାଡ଼ି ମରାମତି କରିବାପାଇଁ ଏତେ ଅର୍ଥ କେଉଁଠୁ ଆସିବ ବୋଲି ଉଦବେଗ ପ୍ରକାଶ କରିଛନ୍ତି। ଏହି ଆବର୍ଜନା ଉଠାଗାଡ଼ି କିଣାରେ ଏକ ବଡ଼ ଧରଣର ଘୋଟାଲା ହୋଇଥିବାର ଯୋଗ ପ୍ରମାଣ ମିଳିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବିହୋଇଛି।

# ଓଡ଼ିଶା ହାଇକୋର୍ଟର ମୁଖ୍ୟବିଚାରପତିଙ୍କ ସସ୍ତ୍ରୀକ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



**କୋଣାର୍କ,୧୪।୯/ଏନ୍‌ଏନ୍‌ଏସ୍:** ରବିବାର ମଧ୍ୟାହ୍ନରେ ଓଡ଼ିଶା ହାଇକୋର୍ଟର ମୁଖ୍ୟବିଚାରପତି ହରିସ ଟଣ୍ଡନ ଓ ସହଧର୍ମିଣୀ ନମିତା ଟଣ୍ଡନ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସି ପ୍ରଥମେ କୋଣାର୍କ ଯାତ୍ରୀନିବାସରେ ପହଞ୍ଚିଥିଲେ। ସେଠାରେ ପ୍ରଥେମ ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ପୂର୍ବରୁ ଉପସ୍ଥିତ ଥିବା କୋଣାର୍କ ଜେଏମଏଫେସି କୋର୍ଟ ର ବିଚାରପତି ଶିତେଶ କୁମାର ମହାନ୍ତି ଓ ପୁରୀ ଉପଜିଲ୍ଲାପାଳ ନୀଳମାଧବ ଭୋଇ ବୃକ୍ଷ ଚାର ଦେଇ ସ୍ୱାଗତ ଜଣାଇ ପାଛୋଟି ନେଇଥିଲେ।

ଏହି ସମୟରେ ନିମାପଡା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ଯାତ୍ରୀନିବାସ ପରିଚାଳକ ବାପିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। କିଛି ସମୟ ବିଶ୍ରାମ ନେଇ ମାନ୍ୟବର ମୁଖ୍ୟବିଚାରପତି ଓ ସହଧର୍ମିଣୀ ନମିତା ଟଣ୍ଡନ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବାପାଇଁ ଯାଇଥିଲେ। ପରେ ସୂର୍ଯ୍ୟମନ୍ଦିର ସମ୍ମୁଖ ରେ ଥିବା ବାଖ୍ୟାନ କେନ୍ଦ୍ର ବୁଲି ଦେଖି ପୁରୀ ଅଭିମୁଖେ ଫେରି ଯାଇଥିଲେ। କୋଣାର୍କ ପୁଲିସ ପକ୍ଷରୁ ଥାନା ଅଧିକାରୀ ପୂର୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ଫୋର୍ସ ସହ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ରାଷ୍ଟ୍ରୀୟ ଲୋକଅଦାଲତରେ ୫୭ମାମଲା ଫଏସଲା

**ନିଶ୍ଚିନ୍ତକୋଇଲି,୧୪।୯/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ତତ୍ତ୍ୱାବଧାନାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଅଦାଲତରେ ମୋଟ ୫୭ଟି ମାମଲାର ଫଇସାଲା କରାଯାଇଥିବା ବେଳେ ସେଥିମଧ୍ୟରୁ ଘରୋଇ ହିଂସା ମାମଲା ୧ଟି ଓ ସିସି କେସ୍ ୧ଟି ଅନ୍ତର୍ଭୁକ୍ତ ବୋଲି ଜଣାଯାଇଛି। ଏହିସବୁ ମାମଲା ଗୁଡିକୁ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ରୀତି ତ୍ରିପାଠୀଙ୍କ ଦ୍ୱାରା ଫଏସଲାର ଶୁଣାଣି କରାଯାଇଥିଲା। ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ଜିତେନ୍ଦ୍ରନାଥ ସ୍ୱାଇଁ, ଜିତେନ୍ଦ୍ର କୁମାର ମିଶ୍ର, ଅନିରୁଦ୍ଧ ସାମଲ, ନୃସିଂହ ଚରଣ ସ୍ୱାଇଁ, ତପନ କୁମାର ଦାସ ପ୍ରମୁଖ ମାମଲା ଗୁଡିକୁ ପରିଚାଳନା କରିଥିଲେ। ସହକାରୀ ସରକାରୀ ଓକିଲ ଜୟନ୍ତ ସାମନ୍ତରାୟଙ୍କ ସଂଯୋଜନାରେ ତପସ୍ମିତା ସୂତାର, ଚିତ୍ତରଞ୍ଜନ ଜେନା, ଶଙ୍କରନାରାୟଣ ସାହୁ, ସନ୍ତୋଷ ବେହେରା, ଶ୍ରୀକାନ୍ତ ସାମଲ, ଭାଗବତ ଦେହୁରୀ ପରିଚାଳନାରେ ସହଯୋଗ କରିଥିଲେ।

## ୩ ପଞ୍ଚାୟତରେ ବିଧାୟକଙ୍କ ଜନଶୁଣାଣି



**ଖଣ୍ଡପଡ଼ା,୧୪।୯/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ପଞ୍ଚାୟତ ପରିସରରେ ଶୁକ୍ରବାର ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଶିଖରପୁର ରାଣୀପଡ଼ା ଓ ଯୋଗିଆପଲ୍ଲୀ ପଞ୍ଚାୟତରେ ଜନଶୁଣାଣି ଓ ସାମାଜିକ ସୁରକ୍ଷା ଗ୍ରାମସଭା କାର୍ଯ୍ୟକର୍ମ କରିଛନ୍ତି। ଶିଖରପୁର ପଞ୍ଚାୟତର ସରପଞ୍ଚ କିରଣବାଳା ସାହୁଙ୍କ ତତ୍ତ୍ୱାବଧାନେର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ, ତହସିଲଦାର ବିଶ୍ୱ ବସ୍ତୃତ ତ୍ରିପାଠୀ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ସମ୍ପ୍ରସାରଣ ଅଧିକାରୀ ଅନିତ୍ କୁମାର ବଡ଼େସଟ୍ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ୩ଟି ପଞ୍ଚାୟତରୁ ଆସିଥିବା ଜନସାଧାରଣ ୧୦୦ ଗୋଟି ଦରଖାସ୍ତ ବିଧାୟକଙ୍କୁ ଦେଇଥିଲେ। ସେଥିରୁ ୫୬ ଗୋଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବାକି ଭତା, ଖାଉଟିକାଡ଼ ପାଇଁ ଦେଇଥିବାର ଦେଖିବାକୁ ମିଳିଥିଲା। ଏଠାରେ ଉପସ୍ଥିତ ଶିଖରପୁର ପୂର୍ବତନ ସରପଞ୍ଚ ନବକିଶୋର ସାହୁ, ସମିତିସଭ୍ୟ ନିମର୍ଳ ତ୍ରିପାଠୀ କାର୍ଯ୍ୟକ୍ରମେର ଭାଗ ନେଇଥିବା ଜଣାପଡ଼ିଛି। ସମସ୍ତ ପଞ୍ଚାୟତର ସାମାଜିକ ସୁରକ୍ଷା ଓ ଗ୍ରାମସଭା ଠିକ୍ ଭାବେର ନିୟମିତ ଭଗବ ଚାଲୁରହିଥିବା ଦେଖିବାକୁ ମିଳିଛି।

## ପ୍ରତାପଙ୍କ ପାଇଁ ସରକାରୀ ଯୋଜନା ସାତସପନ



**କାକଟପୁର,୧୪।୯/ଏନ୍‌ଏନ୍‌ଏସ୍:** ପଞ୍ଚାୟତ ଅନ୍ତର୍ଗତ ହାଟସାହି ଗ୍ରାମର ଉପେନ୍ଦ୍ର ଚାନ୍ଦଙ୍କ ପୁଅ ପ୍ରତାପ ଚାନ୍ଦଙ୍କ କ୍ଷେତ୍ରରେ ଘଟିଛି ଏକ ଅଭାବନୀୟ ଘଟଣା। ଗତ ୭ମାସ ଭିତରେ ବାପା ଏବଂ ବୋଉଙ୍କୁ ହରାଇ ଅନାଥ ହୋଇପଡିଛନ୍ତି ପ୍ରତାପ। ମୃତ୍ୟୁ ପରେ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ମିଳିନି। ତା' ସହିତ କୌଣସି ସରକାରୀ ସୁବିଧା ମିଳିବା ପ୍ରତାପଙ୍କ ପାଇଁ ପାଲଟିଛି ସାତସପନ। ପ୍ରତାପ କାକଟପୁର ବଜାରରେ ଜରିପାଲ ପକାଇ ଏକ ପାନଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ବେଳେ ସରକାରଙ୍କ ପକ୍ଷରୁ ଅଦ୍ୟାବଧି ବିଜୁ କୁଡ଼ିଆ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ଯୋଗ୍ୟ ହୋଇନାହାନ୍ତି। ନିର୍ବାଚନ ଆସିଲେ ସ୍ଥାନୀୟ ନେତାମାନେ ପ୍ରତାପଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପ୍ରତିଶ୍ରୁତି ଦେଇଚାଲିଥିବା ବେଳେ ସେ ଆଜିପର୍ଯ୍ୟନ୍ତ ସରକାରଙ୍କର କୌଣସି ଯୋଜନାରେ ସାମିଲ ହୋଇପାରି ନଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ କାକଟପୁର ସରପଞ୍ଚ ଅଭୟ ସେଠୀଙ୍କୁ ପଚାରିବାରେ ସେ କହିଥିଲେ ଯେ, ହରିଶ୍ଚନ୍ଦ୍ର ପଇସା ଆସିବାରେ ଡେରି ହେବାରେ ମୁଁ ମୋ ପକେଟରୁ ସହାୟତା କରିଥିଲି। ଯଦି ପ୍ରତାପଙ୍କ ଉପରେ ସରକାରଙ୍କ ଦୃଷ୍ଟି ପଡ଼େ ତେବେ ପ୍ରତାପ ନିଜକୁ ଏବଂ ନିଜ ପରିବାରକୁ ସ୍ୱଚ୍ଛଳ କରିପାରନ୍ତେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ମହାସଭାର ଦିନଧାର୍ଯ୍ୟ ପ୍ରସ୍ତୁତି ବୈଠକ



**କଣ୍ଟିଲୋ,୧୪।୯/ଏନ୍‌ଏନ୍‌ଏସ୍:** ଦୀର୍ଘ ୬ବର୍ଷ ପରେ କଂସାରୀ ସମାଜ କେନ୍ଦ୍ରାଞ୍ଚଳ ଶାଖାର ଆଗାମୀ ବାର୍ଷିକ ମହାସଭା ପାଇଁ କଂସାରୀ ସମାଜ କଲ୍ୟାଣ ସଦନର ଅସ୍ଥାୟୀ ସଭାପତି ପବିତ୍ର କୁମାର ମହାରଣାଙ୍କ ଆବାହକତ୍ୱରେ ୨୦୨୫ ଜୁନ ୮ ତାରିଖରେ ଅନୁଷ୍ଠିତ ହୋଇଥିବା ବୈଠକରେ 'ଖ' ଗ୍ରୁପ ବେଲପଡା ଅଞ୍ଚଳର ପୂର୍ବତନ କର୍ମକର୍ତ୍ତା, ଥାନପତି ଓ ବରିଷ୍ଠ ଥାନ ଗୋସାଇଁ ମାନଙ୍କର ପ୍ରସ୍ତାବକୁ ସମ୍ମାନ ଜଣେଇ ସର୍ବ ସମ୍ମତ ସହମତିରେ ଆସନ୍ତା ଗୋଟିଏ ମାସ ମଧ୍ୟରେ ବାର୍ଷିକ ମହାସଭା ବେଲପଡାରେ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ କୌଣସି କାରଣ ନ ଥାଇ ଜୁନ ୦୮ ତାରିଖ କଣ୍ଟିଲୋ ସଭାର ନିଷ୍ପତିକୁ 'ଖ' ଗ୍ରୁପ ଅଞ୍ଚଳର କର୍ମକର୍ତ୍ତା, ଥାନପତି ଓ ବରିଷ୍ଠ ପୂର୍ବତନ କର୍ମକର୍ତ୍ତା ଗଣ ବାର୍ଷିକ ମହାସଭା ବୈଠକ ନ କରିବାରୁ ପୁନର୍ବାର ଆଜି ରବିବାର କଲ୍ୟାଣ ସଦନ ଗୃହର ଅସ୍ଥାୟୀ ସଭାପତି ପବିତ୍ର କୁମାର ମହାରଣା ୬୦ରୁ ଊର୍ଦ୍ଧ୍ୱ ଜାତି ଭାଇ ଯଥା - ଥାନପତି, ପୂର୍ବତନ କର୍ମକର୍ତ୍ତା, ଥାନ ପ୍ରତିନିଧି, ନିମନ୍ତ୍ରିତ ଅତିଥିମାନଙ୍କ ଉପସ୍ଥିତିରେ ବିଭିନ୍ନ ଦିଗରୁ ଆଲୋଚନା ଓ ପର୍ଯ୍ୟା ଲୋଚନ କରିବା ସହିତ ଉପସ୍ଥିତ ଭାଇମାନଙ୍କର ଉଦ୍‌ବେଗତା ଓ ଆଗ୍ରହକୁ ଅଗ୍ରାଧିକାର ଦେଇ ବାର୍ଷିକ ମହାସଭା ନିଶ୍ଚିତ ଭାବେ ଅନୁଷ୍ଠିତ କରିବା ସକାଶେ ସର୍ବସମ୍ମତ ସହମତି ଅନୁସାରେ ବାର୍ଷିକ ଅଧିବେଶନ ପାଇଁ ଦିନ ଧାର୍ଯ୍ୟ କରିବା ନିମନ୍ତେ ଆସନ୍ତା ଅକ୍ଟୋବର ୧୨ ତାରିଖ ଦିନ କଲ୍ୟାଣ ସଦନ ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

## ଓଡ଼ିଶା ପ୍ରୋ ଟି-୨୦ ଲିଗ୍ କ୍ରିକେଟ୍: ଖୋର୍ଦ୍ଧାର ୭ ଖେଳାଳି ସମ୍ବର୍ଦ୍ଧିତ

**ଖୋର୍ଦ୍ଧା,୧୪।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତା ସେପ୍ଟେମ୍ବର ୧୭ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ କ୍ରିକେଟ ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରୁଥିବା ୬ ଗୋଟି ଦଳରେ ଖେଳିବାକୁ ଥିବା ଖେଳାଳି ମାନଙ୍କ ନିଲାମ ପ୍ରକ୍ରିୟାରେ ଖୋର୍ଦ୍ଧା ଜିଲ୍ଲାରୁ ସାତଜଣ ଖେଳାଳି ନିଲାମରେ ବିକ୍ରି ହୋଇ ବିଭିନ୍ନ ଫ୍ରାଞ୍ଚାଇଜ ପାଇଁ ମନୋନୀତ ହୋଇଛନ୍ତି। ଆର୍ଯ୍ୟଶ୍ରୀ ଦେବାଶିଷ ଭଞ୍ଜ ଭୁବନେଶ୍ୱର ଟାଇଗର୍ସ, ଦେବବ୍ରତ ପ୍ରଧାନ ଏବଂ ବିଶ୍ୱଭୂଷଣ ବିହାରୀ କେଉଁଝର ମାଇନର୍ସ, ରୁଦ୍ର ପ୍ରାସାଦ ମଲ୍ଲିକ ଏବଂ ଆଦିତ୍ୟ ଜୟସିଂ ପୁରୀ ଟାଇଟନ୍ସ, ରାକେଶ ପଟ୍ଟନାୟକ ଏବଂ ହେମନ୍ତ ରଥ ସମ୍ବଲପୁର ୱାରିୟର୍ସ ପାଇଁ ଖେଳିବେ। ଏହି ପରିପେକ୍ଷୀରେ ଜିଲ୍ଲା କ୍ରିକେଟ ସଙ୍ଘ ସମସ୍ତ ଖେଳାଳି ମାନଙ୍କୁ ଖୋର୍ଦ୍ଧା ମିନି ଷ୍ଟାଡିୟମ ଠାର ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇ ପୁଷ୍ପ ଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ଜିଲ୍ଲା କ୍ରିକେଟ ସଙ୍ଘ ସଭାପତି ରାଜେନ୍ଦ୍ର କୁମାର ସାହୁ, ଓସିଏ କୋଷାଧକ୍ଷ ବିକାଶ ପ୍ରଧାନ, ସଂଯୋଜକ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, କାଜଲ ବଳିୟାର ସିଂ, ବ୍ରିଜେଶ ପ୍ରଧାନ, ଦେବୀ ଶଙ୍କର ପଣ୍ଡା, ବିବେକାନନ୍ଦ ବୋଷ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା, କୋଚ ସୌମେନ୍ଦ୍ର ମହାନ୍ତି, ରୋହିତ ରଞ୍ଜନ ରାୟ, କିରଣ ଶତପଥି, ସୁଧୀର ସାହୁ, ହାପି ଲାଲା, ବିଶ୍ୱନାଥ ପାତ୍ର ପ୍ରମୁଖ କ୍ରିକେଟ କର୍ମକର୍ତା ମାନେ ଉପସ୍ଥିତ ଥିଲେ। ଖେଳାଳିମାନେ ଭଲ ପ୍ରଦର୍ଶନ କରି ଖୋର୍ଦ୍ଧା ମାଟିର ଟେକ ରଖିବାକୁ ରାଜେନ୍ଦ୍ର ସାହୁ ସମସ୍ତ ଖେଳାଳିମାନଙ୍କୁ ଆହ୍ୱାନ ଦେଇଥିଲାବେଳେ ସମ୍ପାଦକ ବିକାଶ ପ୍ରଧାନ ଖୋର୍ଦ୍ଧା ତଥା ଓଡିଶାର ଯୁବ କ୍ରିକେଟ ଏହି ଲିଗ ଦ୍ୱାରା ପ୍ରୋତ୍ସାହିତ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ।

## ୪୨ ମୌଜାର ବିଭିନ୍ନ ସମସ୍ୟାକୁ ନେଇ ବୈଠକ

**ବୟାଳିଶମୌଜା,୧୪।୯/ଏନ୍‌ଏନ୍‌ଏସ୍:** ୪୨ ମୌଜା ବ୍ରହ୍ମପୁର ପଞ୍ଚାୟତ ସ୍ଥିତ ଶ୍ରୀରାମ ବଜାର ନିକଟରେ ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୨ ମୌଜା ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଦ୍ୟୁତ, ସକାଳ ଓ ସଂଧ୍ୟା ସମୟରେ ମୁଖ୍ୟ ରାସ୍ତା ଉପରେ ଗୋରୁ ପଲ ମାଳ ମାଳ ହୋଇ ବୁଲୁଥିବାରୁ ବାରମ୍ବାର ଘଟୁଥିବା ଦୁର୍ଘଟଣା ଦୂର କରିବା ପାଇଁ ରାସ୍ତାରୁ ଗୋରୁ ଗାଈମାନଙ୍କୁ ଅନ୍ୟତ୍ର ଜାଗାକୁ ସ୍ଥାନାନ୍ତରିତ କରିବା ପ୍ରଭୃତି ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଏହି ସଂଗଠନର ସଭାପତି ମନୋଜ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ବିଭିନ୍ନ ସମସ୍ୟା କିପରି ପ୍ରତିକାର କରାଯିବ ଏ ନେଇ ଅଞ୍ଚଳର ଅଧିବାସୀ ମାନେ ଓ ୩୦ରୁ ଉର୍ଦ୍ଧ୍ୱ ମହିଳା ନିଜର ମତାମତ ଦେଇଥିଲେ। ୬୦ରୁ ଅଧିକ କର୍ମୀଙ୍କ ସମେତ ବିଶିଷ୍ଟ ଉପଦେଷ୍ଟା ବିଜୟ କୁମାର ନାୟକ, ଚନ୍ଦନ ପରିଡ଼ା, ପ୍ରକାଶ ମାଝୀ ଓ ଶରତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ପଦ୍ମଜା ସାହିତ୍ୟ ସଂସଦର ଦଶମ ବାର୍ଷିକ ଉତ୍ସବ



**କୁଆଁପାଳ,୧୪।୯/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅର୍ନ୍ତଗତ ଗୋପାଳପୁର ପଞ୍ଚାୟତ ସ୍ଥିତ ଗୋପାଳପୁର ଠାରେ ପଦ୍ମଜା ସାହିତ୍ୟ ସଂସଦ ଗୋପାଳପୁରର ଦଶମ ବାର୍ଷିକ ଉତ୍ସବ ଓ ମୁଖପତ୍ର 'ପଦ୍ମଜା'ର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଭଦ୍ରେଶ୍ୱର ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ସିଂହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାରସ୍ୱତ ସମାରୋହ ଓ କବିତା ପାଠ ଉତ୍ସବ ସାହିତ୍ୟିକ ଶ୍ରୀ ନ୍ନିବାସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଅତିଥିମାନେ ମା'ଲକ୍ଷ୍ମୀଙ୍କ ଫଟୋଚିତ୍ର ଏବଂ ସ୍ୱର୍ଗତ ଇଂ. ଆହବାନନ୍ଦ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଶରତକର ଓ ଅନିମାକର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ପ୍ରାକ୍ତନ ଆୟକର କମିଶନର ଶୋଭନ କର ଯୋଗଦେଇ ପଦ୍ମଜା ପତ୍ରିକା ବାହାରିବାରେ ତାଙ୍କର କୌଣସି ଭୂମିକା ନାହିଁ, ଶରତକର ଓ ଅନିମାକର ଫାଉଣ୍ଡେସନ୍ ମୋ ସଂସ୍ଥା ନୁହେଁ, ଏହା ସାରା ଓଡ଼ିଶାର ସଂସ୍ଥା, ମାହାଙ୍ଗା ତଥା ଓଡ଼ିଶାର ପ୍ରତ୍ୟେକ ନାଗରିକ ଏହି ସଂସ୍ଥାର ସଦସ୍ୟ ଓ ଭାଷା ସାହିତ୍ୟର ପ୍ରସାର ପ୍ରଚାର ଉପରେ ସେ ଗୁରୁତ୍ୱରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ନିର୍ଭିକ ପତ୍ରିକାର ସଂପାଦକ ଅବନି ଚନ୍ଦ୍ର ଦାସ ଯୋଗଦେଇ ପଦ୍ମଜା ନାମକରଣ ସଂପର୍କରେ ଆଲୋକପାତ କରିବା ସହ ପୁସ୍ତକ ପ୍ରକାଶନ ସମୟରେ ବିଭିନ୍ନ ତ୍ରୁଟିକୁ ସଂଶୋଧନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ ଯୋଗଦେଇ ସାହିତ୍ୟ ହେଉଛି ଜୀବନର ପ୍ରତିବିମ୍ବ, ସମାଜର ଦର୍ପଣ, ହୃଦୟର ପରିଭାଷା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବେ ମହିମା ଧର୍ମ ଗବେଷକ ତଥା ସ୍ତମ୍ଭକାର ଡଃ. ଏକାଦଶୀ ପ୍ରଧାନ, ସାହିତ୍ୟିକ ଗୌତମ ଚରଣ ଜେନା, ପଦ୍ମଜାର ମୁଖ୍ୟ ସଂପାଦିକା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ମହାନ୍ତି, ମାହାଙ୍ଗା କୃଷକ ବିକାଶମଞ୍ଚର ସଭାପତି ରାମଚନ୍ଦ୍ର ସ୍ୱାଇଁ, କବି ସଚ୍ଚିଦାନନ୍ଦ ମିଶ୍ର, ବିଶ୍ୱଭୂଷଣ ପ୍ରଧାନ, ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ସଂପାଦିକା ଜୟନ୍ତୀ ରଥ, ଉତ୍କଳିକା ପତ୍ରିକାର ସଂପାଦିକା ଲକ୍ଷ୍ମୀପ୍ରିୟା ଓଝା ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମାଜରେ ଓଡ଼ିଆ ସାହିତ୍ୟର ସ୍ଥିତି ସଂପର୍କରେ ଆଲୋକପାତ କରିବା ସହ ସାହିତ୍ୟପ୍ରତି ସମର୍ପିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କବୟିତ୍ରୀ ସସ୍ମିତା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ କବି ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ସିଂ, ସତ୍ୟାନନ୍ଦ ଦାଶ, ବିଜୟ କୁଅଁର, ଆଦିତ୍ୟ ପ୍ରସାଦ ଧଳ, ବଟକୃଷ୍ଣ ସ୍ୱାଇଁ, ବହୁ କବି ଓ କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ପଦ୍ମଜାର ସାହିତ୍ୟ ସଂସଦର ମୁଖ୍ୟପତ୍ର 'ପଦ୍ମଜା'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସାହିତ୍ୟ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ବ୍ୟକ୍ତିତ୍ୱ ଅନନ୍ତ କିଶୋର ଭୂୟାଁ, କବି ସଚ୍ଚିଦାନନ୍ଦ ମିଶ୍ର, କଳ୍ପିକା ମନୋରମା ଶତପଥୀଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ପଦ୍ମଜାର କାର୍ଯ୍ୟକାରୀ ସଂପାଦକ ଗାଳ୍ପିକ ପ୍ରକାଶ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଶିକ୍ଷାବିତ୍ କଳ୍ପତରୁ ଦାଶ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ କବି ରାଜକିଶୋର ମିଶ୍ର, କଲ୍ଲୋଳ ଚନ୍ଦ୍ର ମହାନ୍ତି, ଉତ୍କଳ ସାହିତ୍ୟ ସମାଜର ସଭାପତି ଡଃ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସରୋଜିନୀ ମିଶ୍ର, ଯୁବ ପ୍ରବଚକ ସୁଶାନ୍ତ କୁମାର ନାୟକ, ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟିକମାନେ ଯୋଗଦେଇଥିଲେ। ଜ୍ଞାନେନ୍ଦ୍ର ବିଶ୍ୱାଳ, ସାରଦା ପ୍ରସାଦ ମହାନ୍ତି, ପ୍ରଜ୍ଞାନନ୍ଦ ମହାନ୍ତି, ନରହରି ପାଣି, ଆକାଶ ଚନ୍ଦ୍ର ପ୍ରଧାନ, ରଶ୍ମିକାନ୍ତ ପ୍ରଧାନ, ସୁଷମା ସାହୁ, ରଶ୍ମିତା ରଣା, ରିନା ସାହୁ ପ୍ରମୁଖ ସହଯୋଗ କରିଥିଲେ ଓ ସଂସଦର ସଭାପତି ସୁବାଷ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅନନ୍ତପୁର ବିଶ୍ୱଶାନ୍ତି ସରୋବରରେ ପ୍ରାକୃତିକ ଶାଶ୍ୱତ ଯୌଗିକ କୃଷି ପ୍ରଶିକ୍ଷଣ

**ବାଲିଅନ୍ତା,୧୪।୯/ଏନ୍‌ଏନ୍‌ଏସ୍:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଟକର କୃଷି ଓ ଗ୍ରାମ ବିକାସ ପ୍ରଭାଗ ତରଫରୁ ୬୦ ନମ୍ବର ରାଜ୍ୟରାଜପଥ (ଫୁଲନଖରା -ନିଆଳି ରୋଡ୍) ଅନନ୍ତପୁର ସ୍ତିତ ବିଶ୍ୱଶାନ୍ତି ସରୋବରରେ ପ୍ରାକୃତିକ ଶାଶ୍ୱତ ଯୌଗିକ କୃଷୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଠାରେ ପ୍ରାୟ ୨୦୦ ଜଣ ଚାଷୀଙ୍କର ସମାଗମ ହୋଇଥିଲା। ପ୍ରଶିକ୍ଷକ କୃଷିଭୂଷଣ ବ୍ରହ୍ମକୁମାର ଭଗବାନ ଭାଇ ଇଁଗୋଲେ, ମହାରାଷ୍ଟ୍ର ରୁ ଆସି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦେଶୀ ଗାଈ ପାଳନ, ମାଟି ମାଆ ର ସୁରକ୍ଷା ଓ ପୂଜନ, ଜିବାମୃତ୍ ଓ ଦଶପର୍ଣୀ ଅର୍କ ର ପ୍ରସ୍ତୁତି ଓ ବ୍ୟବହାର ଜଣାଇଥିଲେ , ଏବଂ ଓ ସକାରାତ୍ମକ ଯୋଗର ପ୍ରୟୋଗ ବିଷୟରେ ଜଣାଇଥିଲେ ଏବଂ କିଭଳି ବୃକ୍ଷର ବିକାସ ହେବା ଜଣାଇ ଥିଲେ। ଏଥିରେ କୃଷି ଓ ଗ୍ରାମ ବିକାସ ପ୍ରଭାଗର ଜୋନାଲ ରାଜଯୋଗିନୀ ବ୍ରହ୍ମକୁମାରୀ ଶାରଳା ଦିଦି ନିଜ ତ୍ୟାଗ ଓ ତପସ୍ୟା ବଳରେ କିଭ୍ଳି ଯୌଗିକ କୃଷୀ ସଫଳ ହେବ ବିଷୟରେ ଆଲୋକପାତ କରିଥିଲେ। ଓମଫେଡ ମ୍ୟାନେଜର ହରପ୍ରିୟା ଭଉଣୀ ନିଜର ଅଭିଭାଷଣ ରଖିଥିଲେ। ବ୍ରହ୍ମକୁମାର ଗୋପାଳ ଭାଇ ନିଜର ଅନୁଭୂତି ବିତରଣ କରିଥଲେ, ବ୍ରହ୍ମକୁମାରି ଦେବସ୍ମିତା ଭଉଣୀ ରାଜଯୋଗର ଅଭ୍ୟାସ କରାଇଥିଲେ। ପ୍ରଭାଗାର ଓଡ଼ିଶା ଜୋନାଲ କୋ-ଅର୍ଡିନେଟର ବ୍ରହ୍ମାକୁମାରି ସୁଲୋଚନା ଜି ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ସତ୍ୟମେବ ଜୟତେ ପରିବାରର ୧୫ତମ ପ୍ରତିଷ୍ଠା ଦିବସ

# 'ଯୁବସମାଜର ଇଚ୍ଛାଶକ୍ତି ଓ ଅଧ୍ୟବସାୟ ବଳରେ ସବୁକିଛି ସମ୍ଭବ'



**ସାଲେପୁର,୧୪।୯/ଏନ୍‌ଏନ୍‌ଏସ୍:** ସାଲେପୁର ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସତ୍ୟମେବ ଜୟତେ ପରିବାରର ସ୍ୱନକ୍ଷତ୍ର ଦିବସ ଓ ବର୍ଷା ଉତ୍ସବ ପିଏମ୍‌ଶ୍ରୀ ସାଲେପୁର ଉଚ୍ଚ ବିଦ୍ୟାଳୟ ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜସେବୀ ଶଶଧର ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସାମାଜସେବୀ ରଶ୍ମିରଞ୍ଜନ କାନୁନଗୋ ଉଦଘାଟକ ଭାବେ ଯୋଗଦେଇ ଉଦଘାଟନ କରିବା ସହ ସଂଗଠନର ସଭ୍ୟସଭ୍ୟା ମାନେ ଶୃଙ୍ଖଳିତ ହୋଇ କାର୍ଯ୍ୟକଲେ ସଂଗଠନର ଉନ୍ନତି ହେବ ବୋଲି ପରାମର୍ଶ ଦେଇଥିଲେ ମୁଖ୍ୟ ଅତିଥି ଭାବରେ ହାଇଟେକ୍ ହସ୍ପିଟାଲର ହୃଦରୋଗ ଶଲ୍ୟ ବିଶେଷଜ୍ଞ ଡ଼ ଶ୍ୱେତାଙ୍କ ଦାସ ଯୋଗଦେଇ ମନୁଷ୍ୟ ଶରୀରରେ ହେଉଥିବା ବିଭିନ୍ନ ରୋଗକୁ କିପରି ନିରାକରଣ କରାଯାଇପାରିବ ସେ ବିଷୟରେ ପରାମର୍ଶ ଦେଇଥିଲେ। ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ଆକାଶବାଣୀ କଟକ ଓ ବରିଷ୍ଠ ସାହିତ୍ୟିକ ଡ଼ କୃତ୍ତିବାସ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଯୁବସମାଜର ଇଚ୍ଛାଶକ୍ତି ଓ ଅଧ୍ୟବସାୟ ବଳରେ ସବୁକିଛି ସମ୍ଭବ ବୋଲି ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସଭାପତି ପଣ୍ଡିତ ବିନୟ ଭୂଷଣ ମିଶ୍ର ବେଦମନ୍ତ୍ର ପାଠକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ସମ୍ପାଦକ ମାନସ ରଞ୍ଜନ ଦାଶ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱରଂଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସତ୍ୟମେବ ଜୟତେ ଆଦର୍ଶ ଶିକ୍ଷକ ସମ୍ମାନ ଗୋବିନ୍ଦ ଚନ୍ଦ୍ର ପତିଙ୍କୁ, ନେତ୍ରାନନ୍ଦ ସ୍ମାରକୀ ସମାଜସେବା ସମ୍ମାନ ବିପିନ୍ ବିହାରୀ ଦାସଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିବା ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଓ ସାଲେପୁର ଅଂଚଳର ୨୦ଟି ଉଚ୍ଚ ବିଦ୍ୟାଳୟର ଦଶମ ମେଧାବୀ ଛାତ୍ରଛାତ୍ରୀଙ୍କୁ ଟେଷ୍ଟ ପେପର ବଣ୍ଟନ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ପ୍ରିୟଦର୍ଶିନୀ ପ୍ରଧାନ, ପ୍ରଶାନ୍ତ ମହାନ୍ତି, ଚଞ୍ଚଳାରାଣୀ ବେହୁରା, ଦେବବ୍ରତ ସ୍ୱାଇଁ, ଶର୍ମିଳି ସାହୁ, ସୁନିତା ସାମଲ, ସୁଜାତା କର, ଆନନ୍ଦ ସେଠୀ, ଅର୍ଚ୍ଚନା ସେଠୀ, ସୁନିର୍ମଳ ସେଠୀ, ବିଭୂତି ବେହେରା, ମମତା ପଣ୍ଡା, ସଞ୍ଜୟ ଦାଶ, ପ୍ରବୀର ଦାସ, ଭୁବନ ମୋହନ କର, ମୃତ୍ୟୁଞ୍ଜୟ ନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ନିତିଦିନ NITIDIN

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ




**ଟାନ୍ଦୋଲ,୧୪।୯/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥିତ ଡେରାବିଶ୍ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଦେବାଶିଷ ସାହୁ ଯୋଗଦେଇ ରୋଗ ନିରାକରଣ କ୍ଷେତ୍ରରେ ପ୍ରାଥମିକ ଚିକିତ୍ସାର ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ କହିଥିଲେ। ଡ. ସାହୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ବ୍ୟକ୍ତି ଜୀବନରେ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ ଓ ସୁଖନିଦ୍ରାର ଆବଶ୍ୟକତା ରହିଛି ବୋଲି ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ନଗେନ୍ଦ୍ରନାଥ ପାଣି, ବିଶ୍ୱଜିତ କୁମାର ସାହୁ, ସଞ୍ଜୟ କୁମାର ମିଶ୍ର, ମହାବିଦ୍ୟାଳୟର ଜାତୀୟ ସେବାଯୋଜନା ପିଓ ରଘୁନାଥ ସାହୁ, ଷ୍ଟାଲିନ୍ ଦିଗଲ ଓ ଅଧ୍ୟାପିକା ଶୁଭଶ୍ରୀ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଆକାଂକ୍ଷା ଦାସ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ମହାବିଦ୍ୟାଳୟ ଯୁବ ରେଡକ୍ରସ୍ କାଉନସେଲର୍ ଡଃ ଶଶିକାନ୍ତ ମଲ୍ଲିକା ଧନ୍ୟବାଦ ଦେଇଥିଲେ।

### ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ହିନ୍ଦୀ ଦିବସ

## 'ଭାରତବର୍ଷଙ୍କୁ ବାନ୍ଧି ରଖିବାରେ ହିନ୍ଦୀ ହେଉଛି ଏକମାତ୍ର ଭାଷା'




**କେନ୍ଦ୍ରାପଡ଼ା,୧୪।୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ଏବଂ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘର ସଭାପତି ଅକ୍ଷୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ମୁଖ୍ୟବକ୍ତା ଭାବେ ହାଇଦ୍ରାବାଦସ୍ଥିତ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନର ପ୍ରଫେସର୍ ଚନ୍ଦ୍ର ପ୍ରତାପ ସିଂ, ସମ୍ମାନିତ ଅତିଥିଭାବେ ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରାଧୀକରଣର ଉପନିର୍ଦ୍ଦେଶକ ତନ୍ମୟ କୁମାର ବେହେରା, କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟାପକ ଚିନ୍ମୟ କୁମାର ଦାସ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ହିନ୍ଦୀ ବିଭାଗର ଅଧ୍ୟାପିକା ଡ. ପ୍ରିତିରେଖା ସ୍ୱାଇଁ, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦାଶ, ରାଜ୍ୟ ହିନ୍ଦୀ ଶିକ୍ଷକ ସଂଘର ସାଂଗଠନିକ ସମ୍ପାଦକ ବଙ୍କିମ ବିହାରୀ ମହାନ୍ତି ଓ କଥାକାର ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ ହିନ୍ଦୀ ଭାଷାର ପ୍ରଚାର ପ୍ରସାରରେ ନିୟୋଜିତ ଥିବା ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷିକାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭାରତବର୍ଷକୁ ବାନ୍ଧି ରଖିବାରେ ହିନ୍ଦୀ ହେଉଛି ଏକମାତ୍ର ଭାଷା। ୧୯୪୯ ମସିହାରୁ ସାମ୍ବିଧାନିକ ମର୍ଯ୍ୟାଦା ପାଇ ସାରିଥିଲେ ମଧ୍ୟ ଦେଶର ସବୁଠାରୁ ଅଧିକ ସଂଖ୍ୟକ ଜନସାଧାରଣ ହିନ୍ଦୀ ବୁଝିବା, କହିବା ଓ ଲେଖିବା ସତ୍ତ୍ୱେ ଆଜି ମଧ୍ୟ ରାଷ୍ଟ୍ର ଭାଷାକୁ ଅନ୍ୟ ଭାଷା ସହ ସଂଘର୍ଷ କରିବାକୁ ପଡୁଛି। ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ଏବଂ ବୌଦ୍ଧିକ ଅଭିବ୍ୟକ୍ତିକୁ ସମୃଦ୍ଧ କରିବାକୁ ହିନ୍ଦୀକୁ ଉପଯୁକ୍ତ ମର୍ଯ୍ୟାଦା ଦେବା ଦେଶ ଓ ପ୍ରଶାସନର ଦାୟିତ୍ୱ ବୋଲି ଉପସ୍ଥିତ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବହୁ ବରିଷ୍ଠ ତଥା ଅବସରଗ୍ରହଣ କରିଥିବା ହିନ୍ଦୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ହିନ୍ଦୀ ଶିକ୍ଷକ ମହେଶ୍ୱର ସାହୁ, ରାଜଲକ୍ଷ୍ମୀ ମହାରଣା ଓ ନିର୍ମଳ କୁମାର ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତୋରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ନବନିଯୁକ୍ତ ହିନ୍ଦୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କ ସମେତ ଚଳିତ ବର୍ଷ ହିନ୍ଦୀରେ ଶତକଡ଼ା ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୮୦ଜଣ ଛାତ୍ରଛାତ୍ରୀଙ୍କୁ ସହାୟତା ରାଶି ସହ ପୁରସ୍କୃତ କରାଯାଇଥିଲା। ସଂଘର ଜିଲ୍ଲା ସମ୍ପାଦକ ମହେଶ୍ୱର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ନିର୍ଝରିଣୀ ପଣ୍ଡା ଓ ଅନ୍ନପୂର୍ଣ୍ଣା ଚୂଳି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସଂଘର ବରିଷ୍ଠ ସଦସ୍ୟ ମହେନ୍ଦ୍ର ମଲ୍ଲିକ, ଗଜେନ୍ଦ୍ର ପ୍ରସାଦ ସେଠୀ, ସପନ ବେହେରା, ଅଭୟ କୁମାର ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ନାୟକ, ଲାଲବାବୁ ଖାନ୍, ଅନିତା ନାୟକ, ତପେଶ୍ୱରୀ ତ୍ରିପାଠୀ ଓ ହିନ୍ଦୀ ବିଭାଗର ସମସ୍ତ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସବ୍‌ନମ୍ ଆରା ଧନ୍ୟବାଦ ଦେଇଥିଲେ।

### ବିଜେଡିର ବୈଠକ

## ଆଗାମୀ ପଞ୍ଚାୟତ ଓ ଏନ୍ଏସି ନିର୍ବାଚନ ଉପରେ ଗୁରୁତ୍ୱ



**କାମାକ୍ଷାନଗର,୧୪।୯/ଏନ୍ଏନ୍ଏସ୍:** ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ବିଜେଡି ସାଂସଦ ପାର୍ଥୀ ଡ଼ା. ଅଭିନାଶ ସାମଲଙ୍କ ନେତୃତ୍ୱ ଓ ଜିଲ୍ଲା ଯୁବ ବିଜେଡି ସଭାପତ ଧର୍ମାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସର୍ବପ୍ରଥମେ ନୂତନ ଭାବେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରି ଦେଇ ଶ୍ରୀ ପରିଡ଼ା ସମ୍ବର୍ଦ୍ଧିତ କରାଯାଇଥିଲ। ପରେ ଦଳୀୟ ପଦାଧିକରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଆଗାମୀ ପଞ୍ଚାୟତ ଓ ଏନ୍ଏସି ନିର୍ବାଚନକୁ ଦୃଷ୍ଟିରେ ରଖି ତଥା ଦଳକୁ କିପରି ଆହୁରି ସୁଦୃଢ଼ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। କାମାକ୍ଷାନଗରର ୨ଟି ଯାକ ଏନ୍ଏସି ଏବଂ ସମସ୍ତ ପଞ୍ଚାୟତର ପ୍ରତ୍ୟେକ କର୍ମୀ ଓ ସାଧାରଣ ଜନତାଙ୍କ ନିକଟରେ ଦଳ ପହଞ୍ଚି ଆଗାମୀ ଦିନରେ କିପରି ସରକାରକୁ ଫେରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହାସହ କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଦଳରୁ ନିଲମ୍ବନ କରାଯିବାର ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସମସ୍ତ ନେତୃବୃନ୍ଦ ସ୍ୱାଗତ କରିଥିଲେ। ଏହି ବୈଠକରେ କାମାକ୍ଷାନଗର ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ଏନ୍ଏସିର ପୂର୍ବତନ ନଗରପାଳ ଶୁଭେନ୍ଦୁ ସାହୁ, ଭୁବନର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, କାମାକ୍ଷାନଗର ଉପନଗରପାଳ ଶକୁନ୍ତଳା ସେଠୀ, ବ୍ଲକ୍ ସଭାପତି ପ୍ରଭାସ ମିଶ୍ର, ନଗର ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଜିଲ୍ଲା ବିଜେଡି ଯୁବ ସମ୍ପାଦକ ଶ୍ରୁତିପଦ ନନ୍ଦ, ନାରୀ ନେତ୍ରୀ ରଞ୍ଜିତା ବେହେରା, କାଉନସିଲର ବନମାଳୀ ରାଉଳ, ସଞ୍ଜୟ କୁମାର ପରିଡ଼ା, ଅଭିମନ୍ୟୁ ପରିଡ଼ା, ପ୍ରମୋଦ କୁମାର ଷେଣ୍ଟ, ଭୁବନ ବ୍ଲକ୍ ସଭାପତି ରମେଶ ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ଷେଣ୍ଟ, ହିମାଂଶୁ ଶେଖର ମହାପାତ୍ର, ବିନୋଦ ବିହାରୀ ସେଠୀ ଓ ରବିନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ



**କାମାକ୍ଷାନଗର,୧୪।୯/ଏନ୍ଏନ୍ଏସ୍:** ତାଲୁକ ଆଇନ ସେବା କମିଟି କାମାକ୍ଷାନଗର ଆନୁକୂଲ୍ୟରେ ସ୍ଥାନୀୟ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଇତିଶ୍ରୀ ମାଳବିକା ଭୂୟାଁ, ବରିଷ୍ଠ ସିଭିଲ୍ ଜଜ୍ ମାମି ବେହେରା ଓ କାମାକ୍ଷାନଗର ଏସ୍‌ଡିଜେଏମ୍ ନିଲୋଫର୍ ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ଲୋକ ଅଦାଲତରେ ଆସିଥିବା ବିଭିନ୍ନ ମାମଲାର ଶୁଣାଣି କରିଥିଲେ। ଏଥିରେ ଗୋଟିଏ ମନି ରିକୋଭରି, ୨ଟି ସିଭିଲ୍ ସୁଟ୍, ୪ଟି କ୍ରିମିନାଲ୍ ଓ ୫୦ଟି ଏଫ୍‌ଆର୍‌ଟି ମାମଲାର ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୪୦, ୬୦, ୦୦୦ ଟଙ୍କାର ସେଟଲ୍‌ମେଣ୍ଟ ଆମାଉଣ୍ଟ ସହ ୫ଟି ଏମ୍‌ଏସିଟି ମାମଲାର ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗରର ବହୁ ବରିଷ୍ଠ ଓକିଲ ଯୋଗ ଦେଇଥିବାବେଳେ କୋର୍ଟ କର୍ମଚାରୀମାନେ ସହଯୋଗ କରିଥିଲେ।

## ବଲଣ୍ଡାରେ ସିଟ୍ରସ୍‌ର ନୂତନ ଶୋ'ରୁମ୍ ଉଦ୍‌ଘାଟିତ

**ତାଳଚେର,୧୪।୯/ଏନ୍ଏନ୍ଏସ୍:** ଓଡ଼ିଶାର ପ୍ରିୟ ପୁରୁଷ ବ୍ରାଣ୍ଡ ସିଟ୍ରସ୍ କ୍ଲୋଦିଙ୍ଗ ଷ୍ଟୋର୍‌ର ନୂତନ ଶୋ'ରୁମ୍ ସାଉଥ୍‌ବଲଣ୍ଡାରେ ଉଦ୍‌ଘାଟିତ ହୋଇଯାଇଛି। ଚଳିତ ବର୍ଷ ଫେବୃଆରୀରେ ଭୁବନେଶ୍ୱର, ପୁରୀ ଓ ଅନୁଗୋଳରେ ମାତ୍ର ୪୮ ଘଣ୍ଟା ବ୍ୟବଧାନରେ ସିଟ୍ରସ୍‌ର ୩ଟି ନୂତନ ଷ୍ଟୋର୍ ଆରମ୍ଭ କରାଯାଇ ରେକର୍ଡ ସୃଷ୍ଟି ହୋଇପାରିଥିଲା ଏବଂ ଗ୍ରାହକଙ୍କଠାରୁ ପ୍ରତିକ୍ରିୟା ମିଳିପାରିଥିଲା। ଷ୍ଟୋର୍‌କୁ ଆହୁରି ବିସ୍ତାର କରିବା ପ୍ରତିଶ୍ରୁତିକୁ ପୂରଣ କରି ସିଟ୍ରସ୍ ପକ୍ଷରୁ ବଲଣ୍ଡାରେ ୮ ବର୍ଗଫୁଟ୍‌ର ଏକ ନୂତନ ଆଉଟ୍ ପ୍ଲଟ ଖୋଲିଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ଅଭିନେତା ସବ୍ୟସାଚୀ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସିଟ୍ରସ୍ ପରିଚାଳନାର ନିର୍ଦ୍ଦେଶକ ହିତେଶ ଜୈନ ଏବଂ ସିଏମ୍‌ଓ ତଥା ରିଟେଲ୍ ମୁଖ୍ୟ ସ୍ୱୟଂମ ସିଙ୍ଘବିଙ୍ଗଙ୍କ ସହ ଅନ୍ୟାନ୍ୟ ମାନ୍ୟଗନ୍ୟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ଫ୍ରାଞ୍ଚାଇଜ୍ ଡିଷ୍ଟ୍ରିବ୍ୟୁଟର୍ ଶ୍ରାମସୁନ୍ଦର ସନ୍ଥଲିଆ, ଉମେଶ ଅଗ୍ରୱାଲ ଓ ମାଲିକ ରାମଚନ୍ଦ୍ର ଅଗ୍ରୱାଲ ଯୋଗ ଦେଇଥିଲେ। ଏହି ଅବସରରେ ସିଟ୍ରସ୍ ଏହାର ଅଫର୍ ମଧ୍ୟ ଘୋଷଣା କରିଥିଲା। ଯେଉଁ ଗ୍ରାହକମାନେ ୪ହଜାର ୯ଶହ ୯୯ ମୂଲ୍ୟର ପୋଷାକ କିଣିବେ ସେମାନେ ଏକ ଆକର୍ଷଣୀୟ ଲକି ଡ୍ର ପାଇଁ ଯୋଗ୍ୟ ବିବେଚିତ ହେବେ। ପ୍ରତ୍ୟେକ ଷ୍ଟୋର୍‌ରେ ଜଣେ ଗ୍ରାହକଙ୍କୁ ୩୨ ଇଞ୍ଚର ଏଲ୍‌ଇଡି ଟିଭି ପ୍ରଦାନ କରାଯିବ ଏବଂ ୫ଟି ସିଟ୍ରସ୍‌ରେ ଜଣେ ମହାପୁରସ୍କାର ବିଜେତାଙ୍କୁ ଏକ ରୟାଲ୍ ଏନଫିଲଡ୍ ବାଇକ୍ ପ୍ରଦାନ କରାଯିବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କୁହାଯାଇଛି।

## ସ୍କର୍ପିଓ ସହ ଦେଶୀମଦ ଜବତ, ଜଣେ ଗିରଫ



**ପରଜଙ୍ଗ,୧୪।୯/ଏନ୍ଏନ୍ଏସ୍:** ବଡ଼ଝରା ରେଙ୍ଗାଳି କଲୋନୀ ନିକଟ ରାଜରାସ୍ତାରେ ପରଜଙ୍ଗ ପୁଲିସ ପାଟ୍ରୋଲିଂ ସମୟରେ ସ୍କର୍ପିଓ ସହ ଦେଶୀମଦ ଓ ଗଞ୍ଜେଇ ଜବତ କରିଛି। ଏହାସହ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଜମୁନାଳି ଗ୍ରାମର ଗୁଲାମ କୁଲ୍ଲି। ପରଜଙ୍ଗ ଥାନାଧିକାରୀ ଧୀରେନ୍ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଦେବଗ୍ରାହି ମହାନ୍ତି ଓ ପୁଲିସ ଫୋର୍ସ ପାଟ୍ରୋଲିଂ ବେଳେ ବଡ଼ଝରା ରେଙ୍ଗାଳି କଲୋନୀ ନିକଟ ରାଜରାସ୍ତାରେ ଏକ ସ୍କର୍ପିଓ ସହ ୧୮ଟି ୫୦ ଲିଟର୍ ଜାର୍କିନ୍, ୯୦୦ ଶହ ଲିଟର୍ ଦେଶୀମଦ ଓ ୨୪ କେଜି ଗଞ୍ଜେଇ ଭର୍ତ୍ତି ବସ୍ତା ଜବତ କରିଛନ୍ତି। ଜବତ ସ୍କର୍ପିଓରେ ୩ ଜଣ ମାଫିଆଙ୍କ ମଧ୍ୟରୁ ୨ ଜଣ ଖସି ପଳାଇଥିବା ବେଳେ ପୁଲିସ ଜଣଙ୍କୁ କାବୁ କରିବାରେ ସଫଳ ହୋଇଛି।

## ଚିଦାନନ୍ଦ ଯୋଗ ସଂସ୍କୃତି ସଂସଦର ବାର୍ଷିକ ଉତ୍ସବ




**କୁଆଖିଆ,୧୪।୯/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ବଡ଼କଇଁଚି ପଞ୍ଚାୟତ ଗରୁଆଳ ଚିଦାନନ୍ଦ ଯୋଗ ସଂସ୍କୃତି ସଂସଦର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ନିର୍ଦ୍ଦେଶକ ଡ ବନମାଳୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଯାଜପୁର ସାଂସଦ ଡ. ରବିନାରାୟଣ ବେହେରା ମୁଖ୍ୟଅତିଥି, ଭୁବନେଶ୍ୱର ବିକାଶ ମଞ୍ଚର ଅଧ୍ୟକ୍ଷ ଡ. ବିଜୟ କୁମାର ମହାନ୍ତି ମୁଖ୍ୟବକ୍ତା, ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘର ଅଧ୍ୟକ୍ଷ ତଥା ହିମ୍ମତ ଖବରକାଗଜର ବ୍ୟୁରୋ ଚିଫ୍ ରଜନୀକାନ୍ତ ସାମନ୍ତରାୟ ସମ୍ମାନିତ ଅତିଥି ଓ ଅନ୍ୟତମ ଅତିଥି ଭାବେ ସମ୍ପାଦକ ଡ. ଅୟସକାନ୍ତ ଦାସ ଓ ହିନ୍ଦୁ ଏକତା ମଞ୍ଚର ସଭାପତି ପ୍ରଦୀପ୍ତ କୁମାର ଜେନା, ସରୋଜିନୀ ପତି ପ୍ରମୁଖ ଯୋଗ ଦେଇ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା, ଉପାଦେୟତା ଉପରେ ଆଲୋକପାତ କରିଥିଲେ। ମଣିଷ ସୁସ୍ଥ ରହିବା ପାଇଁ ଯୋଗ କରିବା ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପରବର୍ତ୍ତୀ ସମୟରେ ଯାଜପୁର ସାଂସଦଙ୍କ କରକମଳରେ ଏହି ଯୋଗ ଶିକ୍ଷା ସଂସ୍ଥାନ ପରିସରରେ ଏକ ଫିଜିଓଥେରାପି ସେଣ୍ଟର୍‌ର ଉଦ୍‌ଘାଟନ କରାଯିବା ସହିତ ବିଶୁଦ୍ଧ ପାନୀୟ ଜଳ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ ଓ ପ୍ରଧାନଶିକ୍ଷୟିତ୍ରୀ ମନ୍ଦାକିନୀ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଏକ ସୁନ୍ଦର ଯୋଗାସନ ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅତୁଲ୍ୟ କୁମାର ମଲ୍ଲିକ ଧନ୍ୟବାଦ୍ ଦେଇଥିଲେ। ଚିଦାନନ୍ଦ ଫିଜିଓ ଥେରାପି ପରିଚାଳନା ନିର୍ଦ୍ଦେଶିକା ମିନତୀ ବେହେରା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ୫୦ବର୍ଷରେ ଖୁଦୁରୁକୁଣୀ ଓଷା



**ଯାଜପୁର,୧୪।୯/ଏନ୍ଏନ୍ଏସ୍:** ଯାଜପୁର ବ୍ଲକ ଅନ୍ତର୍ଗତ ଉପର ବରୁଆଁ ପଞ୍ଚାୟତର କୁସୁନପୁର ଗାଁରେ ୫୦ତମ ଖୁଦୁରୁକୁଣୀ ଓଷା ବେଶ୍ ଧୁମଧାମରେ ପାଳିତ ହୋଇଯାଇଛି। ସୂଚନା ଯୋଗ୍ୟ ଯେ ଆଜିକୁ ୫୦ ବର୍ଷ ତଳେ ଗ୍ରାମର କିଛି ଯୁବତୀ କେତେକ ମହିଳାଙ୍କ ସହଯୋଗରେ ଓଷା ଆରମ୍ଭ କରିଥିଲେ। ସେତେବେଳେ ବିଭିନ୍ନ କଟକଣା ସତ୍ତ୍ୱେ ପୂଜା କରିଥିଲେ। ଖୁବ୍ ଅଳ୍ପ ସଂଖ୍ୟକ ଝିଅ ବା ଯୁବତୀ ଏଥିରେ ଅଂଶ ଗ୍ରହଣ କରିଥିଲେ। କେବଳ ନିଷ୍ଠାପର ଭାବରେ ପୂଜାକାର୍ଯ୍ୟ କରାଯାଉଥିଲା। କାଳକ୍ରମେ ତାହା ଆଜି ୫୦ ବର୍ଷରେ ପହଞ୍ଚିବା ସହ ଯୁବପିଢ଼ିମାନଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି। ବିଶେଷତଃ ଗାଁର ୫୦ ଜଣରୁ ଊର୍ଦ୍ଧ୍ୱ ଯୁବତୀ ଓଷା ପାଳନ କରି ଠାକୁରାଣୀଙ୍କ ପୂଜା କରିଥିଲେ। ଶେଷ ପାଳିରେ ପୂଜା ସହ ଭସାଣି କାର୍ଯ୍ୟକୁ ଜାକଜମକରେ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିଥିଲେ। ଗ୍ରାମର ମୁରବୀ ଓ ଯୁବକମାନେ ସହଯୋଗ କରିଥିଲେ।

**AFFIDAVIT**

By virtue of an affidavit sworn before Notary Public, Balliguda dated **08.09.2025**, I **Salali Digal**, aged about 53 years, Wife of Sikandra Digal of Village-Palunkia, P.O- Pusangia, P.S-Balliguda, Dist-Kandhamal, PIN-762109, Odisha have changed my name from "**SALALI DIGAL**" to "**KEMA DIGAL**", and henceforth I shall be known as "**KEMA DIGAL**" for all purpose.

## ଶଯ୍ୟାଶାୟୀ ରୋଗୀଙ୍କୁ ସାହାଯ୍ୟର ହାତ ବଢ଼ାଇଲେ ସମାଜସେବୀ



**ତାଳଚେର,୧୪।୯/ଏନ୍ଏନ୍ଏସ୍:** ଏମ୍‌ସିଏଲ୍‌ର ଡିଏଭି ସ୍କୁଲ୍‌ରେ କୁମୁଦ ଚନ୍ଦ୍ର ଗୋଛାୟତ ଦୀର୍ଘ ବର୍ଷ ଚାକିରି କରି ଏବେ ବିଭିନ୍ନ ମାରାତ୍ମକ ରୋଗରେ ପିଡ଼ୀତ ହୋଇ ବଡ଼ ଦୟନୀୟ ଅବସ୍ଥାରେ ଜୀବନ ସହ ସଂଗ୍ରାମ କରିବା ଘଟଣା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ଜଗନ୍ନାଥ ଡିଏଭି ସ୍କୁଲ୍‌ର କୁମୁଦ୨୦ ବର୍ଷ ଚାକିରି କରିବା ପରେ ହଠାତ୍ ମଧୁମେୟ ଭଳି ମାରାତ୍ମକ ରୋଗ ସହ ଆହୁରି ଅନ୍ୟାନ୍ୟ ରୋଗରେ ପିଡ଼ୀତ ଥିବାରୁ ଚାକିରିକୁ ଯାଇନପାରି ଘରେ ଶଯ୍ୟାଶାୟୀ ହୋଇ ପଡ଼ି ରହିଛନ୍ତି। ପରିବାର ପକ୍ଷରୁ ତାଙ୍କୁ ବିଭିନ୍ନ ଚିକିତ୍ସାଳୟକୁ ନେଇ ଯାହା ବି ଅର୍ଥ ଥିଲା ଚିକିତ୍ସାରେ ସମସ୍ତ ଅର୍ଥ ଖର୍ଚ୍ଚ ହେବାପରେ ସେ ବର୍ତ୍ତମାନ ଘରକୋଣରେ ଭାଗ୍ୟକୁ ଆଦରି ଖଟିଆରେ ପଡ଼ି ରହିଛନ୍ତି। ତାଙ୍କର ୨ଟି ଝିଅ ଓ ଗୋଟିଏ ପୁଅ ଥିବା ବେଳେ ବଡ଼ ଝିଅ ଅର୍ଥାଭାବରୁ ପାଠପଢ଼ି ପରିବାର ବୋଝ ଲଦି ହେବାରୁ ବାଧହୋଇ ଗୋଟିଏ ସପିଙ୍ଗ ମଲ୍‌ରେ ସ୍ୱଳ୍ପ ବେତନରେ ଘର ଖର୍ଚ୍ଚ ତୁଲାଉଛନ୍ତି। ସେହିପରି ଏକମାତ୍ର ପୁଅ ପ୍ରଦ୍ୟୁମ୍ନ ଗୋଛାୟତ (୨୬) ମଧ୍ୟ ଥାଏରୋଏଡ୍ ଭଳି ମାରାତ୍ମକ ରୋଗର ଶିକାର ହୋଇ ଘରେ ପଡ଼ି ରହିଥିବା ତାଙ୍କ ମାଆ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ଡିଏଭିରେ ଦୀର୍ଘ ବର୍ଷ କାର୍ଯ୍ୟ କରି ସ୍କୁଲ୍ ପକ୍ଷରୁ ଏକ ଟଙ୍କା ସହାୟତା ମିଳିନଥିବା ବେଳେ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଅର୍ଥ ରାଶି ମିଳିନାହିଁ ବୋଲି ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଏହାସହ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଯଦି ଦୃଷ୍ଟି ନଦିଅନ୍ତି ତେବେ ଅକାଳରେ ଦୁଇ ଦୁଇଟି ଜୀବନ ଚାଲିଯାଇପାରେ ବୋଲି ଆଶଙ୍କା କରାଯାଉଛି। ଏହି ଖବରପାଇ ଅଲ୍ ଓଡ଼ିଶା ହ୍ୟୁମାନ୍ ରାଇଟସ୍ ସଭାପତି ଡ଼ଃ ଦେବେନ୍ଦ୍ର ସିଂହ, ସମାଜସେବୀ ରାଜିଆ ଖାତୁନ୍, ପ୍ରତିନ ଚୌଧୁରୀ, ରଞ୍ଜିତା ସାମଲ ଓ ମୀରା ଲାଲ ସେଠାରେ ପହଞ୍ଚି ସାହାଯ୍ୟର ହାତ ବଢ଼ାଇବା ସହ ତୁରନ୍ତ ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

### ଖବର ପ୍ରସାରଣ ପରେ ଚେତିଲା ପୁଲିସ

## ୩ ବାଲି ଟ୍ରାକ୍ଟର୍ ଜବତ



**ନାଉଗାଁ,୧୪।୯/ଏନ୍ଏନ୍ଏସ୍:** ଜଗତସିଂହପୁର ପୁଲିସ ୩ ବାଲି ଚାଲାଣ ଟ୍ରାକ୍ଟର୍ ଜବତ କରିଛି। ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ନାଉଗାଁ ଥାନା ଅଞ୍ଚଳରେ ଦୀର୍ଘ ଦିନ ଧରି ବାଲି ଚୋରା ଚାଲାଣ ହେଉଥିବା ନେଇ ଖବର ପ୍ରସାରଣ ହୋଇଆସୁଥିଲା। ତେବେ ରବିବାର ଜଗତସିଂହପୁର ପୁଲିସ ଆକ୍ସନ ମୋଡ଼ରେ ଆସି ଭୋର୍ ସମୟରେ ଯୁବ ଆଇପିଏସ୍ ତଥା ଜଗତସିଂହପୁର ଏସ୍‌ଡିପିଓ ଆଞ୍ଜିକେ ମାନେ ବଛାଳ ପଞ୍ଚାୟତ ପାଳନ୍ଦୀ ବାଲିଘାଟ ନିକଟରେ ଟ୍ରାକ୍ଟର୍ ଯୋଗେ ବାଲି ଚୋରାଚାଲାଣ ହେଉଥିବା ସମୟରେ ଅତର୍କିତ ଚଢ଼ଉ କରିଥିଲା। ଏହି ସମୟରେ ୩ଟି ଗାଡ଼ିକୁ ଜବତ କରି ନାଉଗାଁ ଥାନାକୁ ଆଣି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ୩ଟି ଟ୍ରାକ୍ଟର୍ ଖଣି ଅଧିକାରୀଙ୍କୁ ହସ୍ତାନ୍ତର କରାଯିବା ନେଇ ଏସ୍‌ଡିପିଓ ସୂଚନା ଦେଇଛନ୍ତି।

**HDFC BANK**
We understand your world

**Registered Office:** HDFC Bank House, Senapati Bapat Marg, Lower Parel (West), Mumbai - 400 013 and having one of its office as Retail Portfolio Management at HDFC Bank Ltd, 1st Floor, I-Think Techno Campus, Kanjurmarg (East),Mumbai – 400042.

**ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ନିକଟରେ ବନ୍ଧକ ଥିବା ସମ୍ପତ୍ତି (ପ୍ରତିବଦ୍ଧ ସିକ୍ୟୁରିଟିଜ୍) ବିକ୍ରୟ ପାଇଁ ବିକ୍ରୟ ସୂଚନା ଏବଂ ସାର୍ବଜନୀନ ନୋଟିସ୍**

ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ('ବ୍ୟାଙ୍କ')ର ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ୍‌କୁ ପ୍ରତିବଦ୍ଧ ସିକ୍ୟୁରିଟି ବିକ୍ରୟ ବିଷୟରେ ସୂଚୀତ କରାଯାଉଅଛି, ଯାହାଦ୍ୱାରା ସିକ୍ୟୁରିଟିଜ୍ ବିରୁଦ୍ଧରେ ଋଣ/ଓଭରଡ୍ରାଫ୍ଟ ପ୍ରକାରର କ୍ରେଡିଟ୍ ସୁବିଧା ଉପଲବ୍ଧ ହେବ।

ସହମତ ଋଣ ସର୍ତ୍ତାବଳୀ ଅନୁଯାୟୀ ଋଣଗ୍ରହୀତାଙ୍କ ଦ୍ୱାରା ବାରମ୍ବାର ବକେୟା ଦେୟ ପରିଶୋଧ କରିବାରେ ଖିଲାପ ହେଉଥିବା ସ୍ଥଳେ, ନିମ୍ନଲିଖିତ ଋଣ ଆକାଉଣ୍ଟଗୁଡ଼ିକ ଅଚଳ ଅବସ୍ଥାରେ ଅଛି। ବ୍ୟାଙ୍କ୍ ଏହି ଋଣଗ୍ରହୀତାମାନଙ୍କୁ ଏହାପୂର୍ବରୁ ଏକାଧିକ ଥର ନୋଟିସ୍ ଜାରି କରିଅଛି, ଯେଉଁଥିରେ ନିମ୍ନଲିଖିତ ତାରିଖରେ ବୃତ୍ତାନ୍ତ ବିକ୍ରୟ ନୋଟିସ୍ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିରେ ବ୍ୟାଙ୍କ ପ୍ରତିବଦ୍ଧତା ଆବେଦନ ମଧ୍ୟ କରିଥିଲା ଏବଂ ନିମ୍ନଲିଖିତ ଆକାଉଣ୍ଟଗୁଡ଼ିକରେ ସମ୍ପୂର୍ଣ୍ଣ ବକେୟା ଦେୟ ପରିଶୋଧ କରିବା ପାଇଁ ଋଣଗ୍ରହୀତାଙ୍କୁ ୭ ଦିନର ସମୟ ପ୍ରଦାନ କରିଥିଲା ଏବଂ ସ୍ପଷ୍ଟ କରିଥିଲା ଯେ, ଋଣ ପରିଶୋଧରେ ପରବର୍ତ୍ତୀ ବିଫଳତା କ୍ଷେତ୍ରରେ ବ୍ୟାଙ୍କ୍ ଏହି ସମ୍ପର୍କରେ ଆଉ କୌଣସି ନୋଟିସ୍ ଜାରି ନକରି ପ୍ରତିବଦ୍ଧ ସିକ୍ୟୁରିଟି ବିକ୍ରୟ କରିବାକୁ ସମ୍ପୂର୍ଣ୍ଣ ସ୍ୱାଧୀନ ଅଧିକାର ହାସଲ କରିବ।

ଋଣଗ୍ରହୀତାମାନେ ଅବହେଳା କରିଛନ୍ତି ଏବଂ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ, ଋଣ ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ୍ ଏକ ପ୍ରତିବନ୍ଧକ ଭାବରେ ନିଜର ଅଧିକାର ବ୍ୟବହାର କରି ଋଣଗ୍ରହୀତାମାନଙ୍କ ଦ୍ୱାରା ବ୍ୟାଙ୍କ୍‌କୁ ଦିଆଯାଇଥିବା ପ୍ରାପ୍ୟ ଆଦାୟ ପାଇଁ ୨୨ ସେପ୍ଟେମ୍ବର ୨୦୨୫ରେ କିମ୍ବା ତା'ପରେ ସିକ୍ୟୁରିଟିଗୁଡ଼ିକୁ ବିକ୍ରୟ/ବିନିଯୋଗ କରିବାକୁ ନିଷ୍ପତ୍ତି ନେଇଛି। ଋଣଗ୍ରହୀତାମାନଙ୍କୁ ଏହା ମଧ୍ୟ ସୂଚୀତ କରାଯାଇଛି ଯେ, ଯଦି ଯେକୌଣସି ସମୟରେ, ଷ୍ଟକ୍ ବଜାରରେ ଅସ୍ଥିରତା ଯୋଗୁଁ ପ୍ରତିବଦ୍ଧ ସିକ୍ୟୁରିଟିର ମୂଲ୍ୟ ଆହୁରି ହ୍ରାସ ପାଏ ଯାହା ମାର୍ଜିନ୍ ଆବଶ୍ୟକତାରେ ଆହୁରି ଅଭାବ ସୃଷ୍ଟି କରେ, ତେବେ ବ୍ୟାଙ୍କ ନିଜ ବିବେଚନା ଅନୁଯାୟୀ ଏହି ସମ୍ପର୍କରେ କୌଣସି ସୂଚନା ବିନା ଗୋଟିଏ (୧) କ୍ୟାଲେଣ୍ଡର ଦିନ ମଧ୍ୟରେ ପ୍ରତିବଦ୍ଧ ସିକ୍ୟୁରିଟି ବିକ୍ରୟ କରିବ। ଋଣଗ୍ରହୀତା(ମାନେ) ପ୍ରତିବଦ୍ଧ ସିକ୍ୟୁରିଟି ବିକ୍ରୟରୁ ପ୍ରାପ୍ତ ଆୟର ସମାଯୋଜନ ପରେ, ଯେକୌଣସି ବାକି ଥିବା ବକେୟା ପରିମାଣର ପରିଶୋଧ ପାଇଁ ବ୍ୟାଙ୍କ ନିକଟରେ ଦାୟୀ ରହିବେ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣଗ୍ରହୀତାଙ୍କ ନାମ | ୧୧ ସେପ୍ଟେମ୍ବର ୨୦୨୫ ସୁଦ୍ଧା ମୋଟ୍ ବକେୟା ରାଶି | ବିକ୍ରୟ ନୋଟିସ୍ ତାରିଖ |
|---|---|---|---|---|
| 1 | XXXXXXXXXX9382 | DIPTIRANJAN MOHANTY | 59,654.03 | 12-Sep-25 |
| 2 | XXXXXXXXXX7289 | LIPI PRADHAN | 1,868.77 | 12-Sep-25 |

ତାରିଖ: ୧୫.୦୯.୨୦୨୫ । ସ୍ଥାନ: ଓଡ଼ିଶା

ସ୍ୱାକ୍ଷର/-ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ସୁସ୍ଥ ନାରୀ, ସଶକ୍ତି ପରିବାର ...

ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟ, ରକ୍ତହୀନତା, ଟିବି, ସିକିଲସେଲ୍ ରୋଗ, ମାତୃ ସ୍ୱାସ୍ଥ୍ୟ ଏବଂ ଏନ୍‌ସିଡି ପାଇଁ ସ୍କ୍ରିନିଂ କରିବା ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖାଯାଇଛି । ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପିଏଚ୍‌ସି, ୟୁପିଏଚସି, ସିଏଚ୍‌ସି, ୟୁସିଏଚ୍‌ସି ଏବଂ ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ଏହି ଶିବିର ଆୟୋଜନ କରାଯିବ। ଏହି ଅଭିଯାନ ସମୟରେ, ସମସ୍ତ ଗର୍ଭବତୀ ମହିଳାଙ୍କ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସବ ପୂର୍ବ ପରୀକ୍ଷା ସୁନିଶ୍ଚିତ କରାଯିବ। ଟୀକାକରଣ ହୋଇନଥିବା ଝିଅମାନଙ୍କୁ ନିୟମିତ ଟିକାକରଣରେ ଅନ୍ତର୍ଭୁକ୍ତ କରାଯିବ ଏବଂ ରକ୍ତହୀନତାଗ୍ରସ୍ତ ମହିଳା ଏବଂ ଝିଅମାନେ ମାଗଣା ଚିକିତ୍ସା ପାଇବେ। ଏହା ସହିତ, ୧ ଅକ୍ଟୋବର ୨୦୨୫ରେ ରାଜ୍ୟ ସାରା ଏକାଧିକ ରକ୍ତଦାନ ଶିବିର ଆୟୋଜନ କରାଯିବ, ଯାହା ଜାତୀୟ ରକ୍ତଦାନ ଦିବସ ସହିତ ସମନ୍ୱିତ ହେବ। ମହିଳା ହିତାଧିକାରୀମାନଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ପଞ୍ଜୀକରଣ ପାଇଁ ସେମାନଙ୍କର ଆଧାର କାର୍ଡ, ଆଭା ପରିଚୟପତ୍ର କିମ୍ବା ଆୟୁଷ୍ମାନ କାର୍ଡ ଆଣିବାକୁ ପରାମର୍ଶ ଦିଆଯାଇଛି। ବ୍ୟାପକ ସାମୁଦାୟିକ ସଚେତନତା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାଗୁଡ଼ିକ ସହିତ ଆଇଇସି ସାମଗ୍ରୀ ସେୟାର କରାଯାଇଛି ବୋଲି ଜଣାପଡ଼ିଛି।

### ଏକତରଫା ମ୍ୟାଚ୍ ୭ ୱିକେଟ୍‌ରେ ...

ସହିତ ହାତ ମିଳାଇନଥିଲେ। ଏହା ପୂର୍ବରୁ ଟସ୍ ପରେ ମଧ୍ୟ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନ କ୍ୟାପ୍ଟେନ୍ ସଲମାନ୍ ଅଲୀ ଆଗାଙ୍କ ସହିତ ହାତ ମିଳାଇନଥିଲେ। ୧୨୮ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ଭାରତ ପ୍ରଥମରୁ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ତେବେ ଦ୍ୱିତୀୟ ଓଭର୍‌ରେ ଟିମ୍ ଓପ୍ନର୍ ଶୁଭମନ୍ ଗିଲ୍‌ଙ୍କ ୱିକେଟ୍ ହରାଇଥିଲା। ୭ ବଲ୍‌ରେ ଦୁଇ ଚୌକା ସହାୟତାରେ ବ୍ୟକ୍ତିଗତ ୧୦ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ ସଇମ୍ ଅୟୁବ୍‌ଙ୍କ ବଲ୍‌ରେ ଗିଲ୍ ଷ୍ଟମ୍ପ ଆଉଟ୍ ହୋଇଥିଲେ। ଏହାପରେ ଅଭିଷେକ କେତେକ ଉନ୍ନତ ଶଟ୍ ଖେଳିଥିଲେ। ମାତ୍ର ଚତୁର୍ଥ ଓଭରରେ ସଇମ୍ ଅୟୁବ୍ ତାଙ୍କୁ ଫହିମ୍ ଅଶରଫ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଅଭିଷେକ ୧୩ ବଲ୍‌ରେ ଚାରି ଚୌକା ଓ ଦୁଇ ଛକା ସହାୟତାରେ ୩୧ ରନ୍ କରିଥିଲେ। ୪୧ ରନ୍‌ରେ ୨ ୱିକେଟ୍ ହରାଇବା ପରେ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମା ଇନିଂସ୍ ଆଗେଇ ନେଇ ତୃତୀୟ ୱିକେଟ୍ ପାଇଁ ୫୬ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ୧୩ଶ ଓଭରରେ ତିଳକ ବର୍ମାଙ୍କୁ ବ୍ୟକ୍ତିଗତ ତୃତୀୟ ଶିକାର କରି ଅୟୁବ୍ ଭାରତକୁ ତୃତୀୟ ଝଟ୍‌କା ଦେଇଥିଲେ। ତିଳକ ୩୧ ବଲ୍‌ରେ ଦୁଇ ଚୌକା ଓ ଗୋଟିଏ ଛକା ସହାୟତାରେ ୩୧ ରନ୍ କରିଥିଲେ। ତିଳକ ବର୍ମାଙ୍କ ଆଉଟ୍ ବେଳକୁ ଭାରତର ସ୍କୋର୍ ୯୭ ରନ୍ ଥିଲା। ତେବେ ଗୋଟିଏ ପଟେ ସୂର୍ଯ୍ୟକୁମାର ତିଷ୍ଠି ରହି ୪୭ ରନ୍ କରିବା ସହିତ ଛକା ମାରି ଟିମ୍‌କୁ ବିଜୟ ଦେଇଥିଲେ। ସୂର୍ଯ୍ୟା ୩୭ ବଲ୍‌ର ଇନିଂସ୍‌ରେ ୫ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ସେହିପରି ଶିଭମ୍ ଦୁବେ ୭ ବଲ୍‌ରୁ ଗୋଟିଏ ଛକା ସହାୟତାରେ ୧୦ ରନ୍ କରି ଅପରାଜିତ ଫେରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ତାନ ପ୍ରଥମ ବଲ୍‌ରେ ହିଁ ହାର୍ଦ୍ଦିକ ପାଣ୍ଡ୍ୟା ଓପ୍ନର୍ ସଇମ୍ ଅୟୁବ୍‌ଙ୍କ ୱିକେଟ୍ ନେଇଥିଲେ। ପରବର୍ତ୍ତୀ ଓଭର୍‌ରେ ମହମ୍ମଦ ହାରିସ୍ (୩)ଙ୍କୁ ହାର୍ଦ୍ଦିକଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇ ଜସ୍‌ପ୍ରୀତ୍ ବୁମ୍ରା ଦ୍ୱିତୀୟ ଝଟ୍‌କା ଦେଇଥିଲେ। ୬ ରନ୍‌ର ସ୍କୋର୍‌ରେ ପାକିସ୍ତାନ ୨ ୱିକେଟ୍ ହରାଇବା ପରେ ସାହିବଜାଦା ଫରହାନ୍ ଓ ଫଖର୍ ଜର୍ମାନ୍ ଇନିଂସ୍ ସମ୍ଭାଳି ୩୯ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ଅଷ୍ଟମ୍ ଓଭର୍‌ରେ ଫଖର ଜମାନ୍‌ଙ୍କୁ ତିଳକ ବର୍ମାଙ୍କ ହାତରେ କ୍ୟାଚ୍ କରାଇ ଅକ୍ଷର ପଟେଲ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ଫଖର ଜମାନ୍ ୧୫ ବଲ୍‌ରେ ୩ ଚୌକା ସହାୟତାରେ ୧୭ ରନ୍ କରିଥିଲେ। ଏହାପରେ ଦଶମ ଓଭର୍‌ରେ ଅକ୍ଷର ଆଉ ଏକ ଝଟ୍‌କା ଦେଇ କ୍ୟାପ୍ଟେନ୍ ସଲମାନ୍ ଅଲୀ ଆଗାଙ୍କୁ ଅଭିଷେକ ଶର୍ମାଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ସଲମାନ୍ ଆଗା ମାତ୍ର ୩ ରନ୍ କରିଥିଲେ। ୧୩ଶ ଓଭର୍‌ରେ କୁଲଦୀପ୍ ଯାଦବ ପାକିସ୍ତାନର ଦୁଇଟି ୱିକେଟ୍ ଅକ୍ତିଆର କରିଥିଲେ। ସେ ଓଭର୍‌ର ଚତୁର୍ଥ ବଲ୍‌ରେ ପ୍ରଥମେ ହସନ୍ ନୱାଜ (୫) ଏବଂ ପରବର୍ତ୍ତୀ ବଲରେ ମହମ୍ମଦ ନୱାଜଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏହାପରେ ୧୭ତମ ଓଭରରେ କୁଲଦୀପ ଅନ୍ୟତମ ଓପନର ସାହିବଜାଦା ଫରହାନଙ୍କ ୱିକେଟ୍ ନେଇଥିଲେ। ଫରହାନ୍ ୪୪ ବଲରେ ଗୋଟିଏ ଚୌକା ଓ ତିନିଟି ଛକା ସହାୟତାରେ ସର୍ବାଧିକ ୪୦ ରନ୍ କରିଥିଲେ। ପରେ ବରୁଣ ଚକ୍ରବର୍ତ୍ତୀ ଫହିମ୍ ଅଶରଫ୍ (୧୧)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଏବଂ ଜସପ୍ରୀତ୍ ବୁମ୍ରା ସୁଫିୟାନ୍ ମୁକିମ୍ (୧୦)ଙ୍କୁ ବୋଲ୍ଡ କରିଥିଲେ। ଶେଷରେ ଶାହିନ୍ ଆଫ୍ରିଦି ଦ୍ରୁତ ବ୍ୟାଟିଂ କରି ୧୬ ବଲରେ ୪ ଛକା ସହାୟତାରେ ଅପରାଜିତ ୩୩ ରନ୍ କରି ପାକିସ୍ତାନକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ୩ଟି ୱିକେଟ୍ ନେଇଥିବା ବେଳେ ଜସପ୍ରୀତ୍ ବୁମ୍ରା ଓ ଅକ୍ଷର ପଟେଲଙ୍କୁ ୨-୨ ସଫଳତା ମିଳିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

### ସର୍କିଟ୍ ହାଉସ୍‌ରେ ଅଭିଯୋଗ ...

ଡିଏସ୍ପି ଏବଂ ଧନରାଜ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ କେନ୍ଦୁଝରଠାରେ ପ୍ରତିଷ୍ଠା କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ମୁଖ୍ୟ ଅଭିଯୋଗ ଶୁଣାଣି ଅଧିକାରୀ ହିମାଂଶୁ ଶେଖର ସାହୁ ମଧ୍ୟ ଉପସ୍ଥିତ ଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ହେଲିକପ୍ଟରରେ ଭୁବନେଶ୍ୱର ଫେରିଯାଇଥିଲେ। କେନ୍ଦୁଝର ଷ୍ଟାଡିୟମରେ ନିର୍ମିତ ହୋଇଥିବା ସ୍ୱତନ୍ତ୍ର ହେଲିପ୍ୟାଡରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ଦଳୀୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ବିଦାୟ ଜଣାଇଥିଲେ।

### ଆଶାୟୀ ପ୍ରାର୍ଥୀଙ୍କ ମୃତ୍ୟୁ ...

ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଉତ୍ତମ ସେବା ଯୋଗାଇଦେବା ନେଇ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ପରେ [illegible] ଆଶାୟୀ ପରୀକ୍ଷାର୍ଥୀମାନେ ନିଜ ନିଜ ଘରକୁ ଫେରି ଯାଇଥିବା ବେଳେ ପରବର୍ତ୍ତୀ ନିର୍ଦ୍ଦେଶ ପରେ ପୁଣି ଇଣ୍ଟରଭ୍ୟୁ କରାଯିବ ବୋଲି ସୂଚନା ମିଳିଛି।

### ଆପାର୍ଟମେଣ୍ଟ ନିର୍ମାଣରେ ...

ଏଥିରେ ଅଗ୍ନି ନିରାପତ୍ତା ଓ ଯାନବାହାନ ପାର୍କିଂ ପ୍ରତି ଆଦୌ ଦୃଷ୍ଟି ଦିଆଯାଉନି। ଯଦି ଏଭଳି ଆପାର୍ଟମେଣ୍ଟରେ କୌଣସି ଅଗ୍ନି ଦୁର୍ଘଟଣା ଘଟେ ତେବେ ଅଗ୍ନିଶମ ବାହିନୀର ଯାନ ସେଠାରେ ସହଜରେ ପହଞ୍ଚିପାରିବେ ନାହିଁ। ସେହିଭଳି ଏହି ଆପାର୍ଟମେଣ୍ଟରେ ରହୁଥିବା ଲୋକେ କେଉଁଠାରେ ନିଜ ନିଜର ଯାନବାହାନ ରଖିବେ ତାହା ବି ବ୍ୟବସ୍ଥା ହେଉ ନାହିଁ। ଜିଏ ପ୍ଲଟ୍ ପ୍ରକୃତ ମାଲିକ ଆପାର୍ଟମେଣ୍ଟର ମାଗଣାରେ ନିଜର ଭାଗ ପାଇବା ଆଶାରେ ସରକାରଙ୍କ ଠାରୁ ରିହାତି ଦରରେ ପାଇଥିବା ଜମିକୁ ବିଲଡରଙ୍କ ହାତରେ ଟେକି ଦେଉଛନ୍ତି। ଫଳରେ ଯେଉଁ ଜମି ଉପରେ ଗୋଟିଏ କିମ୍ବା ଦୁଇଟି ପରିବାର ବସବାସ କରିବା କଥା ସେଠାରେ ୨୦/୨୫ ପରିବାର ବସବାସ ପାଇଁ ସୁଉଚ୍ଚ କୋଠା ଛିଡ଼ା ହେଉଛି। ଏତେ ସଂଖ୍ୟକ ପରିବାର ପାଇଁ ଜଳ ଯୋଗାଣ କିମ୍ବା ସ୍ୱରେଜ୍ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ କରାଯାଉ ନାହିଁ। ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ବି ଅନୁରୂପ। ସବୁଠାରୁ ବିଡ଼ମ୍ବନାର କଥା ହେଉଛି ଯେ ଯେଉଁଠାରେ ଜିଏ ପ୍ଲଟ୍ ଉପରେ ଆପାର୍ଟମେଣ୍ଟ ଛିଡ଼ା ହେଉଛି ସେହି ପ୍ଲଟ୍‌ର ଚାରିପଟେ ଥିବା ଲୋକେ ସୂର୍ଯ୍ୟକିରଣ କିମ୍ବା ପବନ ଟିକେ ପାଇପାରୁ ନାହାନ୍ତି। ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହିଁ। ରାଜଧାନୀର ପ୍ରମୁଖ ଆବାସିକ ଅଞ୍ଚଳରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ପାର୍କିଂ ସ୍ଥାନାଭାବରୁ ରାସ୍ତା ଉପରେ ଦିନରାତି ଶହ ଶହ ଗାଡ଼ିମୋଟର ଛିଡ଼ାହୋଇ ରହୁଛି। କେତେକ ସ୍ଥାନରେ ଏଭଳି ଆପାର୍ଟମେଣ୍ଟରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ଲଜିଂ ଆଦି ଗଢ଼ି ଉଠିବା ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ଦୁର୍ବିସହ ହେବାରେ ଲାଗିଛି। ସଡ଼କଠାରୁ ପାଣି ଓ ସ୍ୱରେଜ୍‌ର ବିଭିନ୍ନ ସମସ୍ୟା ଉପୁଜିବାରେ ଲାଗିଛି। ବିଲଡର୍ ଘର ବିକ୍ରି କରିବା ପରେ ଆଉ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଆପାର୍ଟମେଣ୍ଟ ପାଇଁ ଅନୁମତି ପ୍ରଦାନ କରିଥିବା ବିଡିଏ କିମ୍ବା ବିଏମ୍‌ସି ଏଥିପ୍ରତି ଏକ ପ୍ରକାର ଆଖିବୁଜି ଦେଉଛନ୍ତି। ବର୍ତ୍ତମାନ ସର୍ବୋଚ୍ଚ ନ୍ୟାୟାଳୟ ଆପାର୍ଟମେଣ୍ଟ ନିର୍ମାଣ ଉପରେ ନଜର ରଖିବା ସହିତ ନିୟମିତ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ଫେରୁଛି ମୌସୁମୀ, ଆହୁରି ...

ଅନୁଗୁଳ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ବରଗଡ଼ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାସହ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ୧୬ ତାରିଖରେ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ଢେଙ୍କାନାଳ, ଅନୁଗୁଳ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ବରଗଡ଼ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହିସବୁ ଜିଲ୍ଲାରେ ୩୦-୪୦ କିମି କିମି ପବନ ବହିବାର ସମ୍ଭାବନା ରହିଛି ।

# ଶ୍ରୀକ୍ଷେତ୍ରରେ ଶାରଦୀୟ ପାର୍ବଣର ଷୋଳପୂଜା ଆରମ୍ଭ



**ପୁରୀ,୧୪।୯/ଏନ୍‌ଏନ୍‌ଏସ୍:** ଶ୍ରୀକ୍ଷେତ୍ରରେ ଆଜିଠାରୁ ଆରମ୍ଭ ହୋଇଛି ଶାରଦୀୟ ପାର୍ବଣର ଶୋଳପୂଜା। ଗଜପତିଙ୍କ ଶ୍ରୀନହରରେ ଗଜପତିଙ୍କ ରାଜଗୁରୁ ବ୍ରାହ୍ମଣମାନଙ୍କୁ ବରଣ କରି ଦୁର୍ଗାପୂଜାର ଶୁଭାରମ୍ଭ କରିଛନ୍ତି। ୧୬ ଦିନ ଧରି ଏହି ପୂଜା ଅନୁଷ୍ଠିତ ହେଉଥିବା ବେଳେ ରାଜଗୁରୁ ପୁରୋହିତଙ୍କୁ ଗଜପତି ମହାରାଜାଙ୍କ ଶ୍ରୀହସ୍ତ ଛୁଆଁ ଗୁଆ ନଡ଼ିଆ ପ୍ରଦାନ କରିଥିଲେ। ସେପଟେ ଶ୍ରୀମନ୍ଦିରରେ ଆଜି ମୂଳାଷ୍ଟମୀ ସହ ସହସ୍ର କୁମ୍ଭାଭିଷେକ ନୀତି ଅନୁଷ୍ଠିତ ହେଉଥିବା ବେଳେ ଦୁର୍ଗାମାଧବ ଉପାସନା ପାଳିତ ହେଉଛି। ଶାରଦୀୟ ଦୁର୍ଗାପୂଜା ପାଇଁ ଆଜିଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ପାରମ୍ପରିକ ପ୍ରସ୍ତୁତି। ପରମ୍ପରା ଅନୁଯାୟୀ ଆଜି ମୂଳାଷ୍ଟମୀ ଅବସରରେ ଷୋଳପୂଜାର ବିଧି ଆରମ୍ଭ ହୋଇଛି ଗଜପତିଙ୍କ ଶ୍ରୀନଅରରୁ। ଶ୍ରୀକ୍ଷେତ୍ରରେ ଥିବା ସମସ୍ତ ଶକ୍ତି ପୀଠ ଗୁଡ଼ିକରେ ଏହି ଶୋଳପୂଜା ପାଇଁ ଆଚାର୍ଯ୍ୟ ବରଣ କାର୍ଯ୍ୟ କରାଯାଇଛି। ଗଜପତିଙ୍କ ନିର୍ଦ୍ଦେଶ କ୍ରମେ ରାଜଗୁରୁ ଆଜି ଶ୍ରୋତ୍ରୀୟ ବ୍ରାହ୍ମଣ, ମୁକ୍ତିମଣ୍ଡପ ବ୍ରାହ୍ମଣ ଓ ଶାସନ ବ୍ରାହ୍ମଣଙ୍କୁ ଡ଼ାକି ବରଣ କରିବା ସହ ବସ୍ତ୍ର ଦାନ କରି ବିଭିନ୍ନ ପୀଠରେ ନିଯୁକ୍ତି କରିଛନ୍ତି। ଏହି ଆଚାର୍ଯ୍ୟ ମାନେ ଆଜିଠାରୁ ଷୋଳପୂଜାର ବିଧି ଅନୁଯାୟୀ ପୁରୀରେ ଥିବା ଶକ୍ତିପୀଠ ଗୁଡ଼ିକରେ ଚଣ୍ଡୀପାଠ, ଦୁର୍ଗା ଆରାଧନା ପ୍ରଭୃତି କରିବେ। ତେବେ ଆଶ୍ୱିନ ମାସ କୃଷ୍ଣପକ୍ଷ ଅର୍ଥାତ୍ ଆଜିଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପୀ ଏହି ପୂଜାର୍ଚ୍ଚନା କରାଯିବ। ଶ୍ରୀକ୍ଷେତ୍ରର କ୍ଷେତ୍ରାଶ୍ୱରୀ ଭାବେ ମା ବିମଳାଙ୍କ ପୀଠରେ ଷୋଡ଼ଶ ପୂଜାବିଧି ଏହି ଶ୍ରୋତୀୟ ବ୍ରାହ୍ମଣଙ୍କ ଦ୍ୱାରା ଆରମ୍ଭ ହୋଇଛି। ସେହିପରି ଶ୍ରୀମନ୍ଦିର ପରିସରରେ ଥିବା ମା ଭୂବନେଶ୍ୱରୀ, ବାଟମଙ୍ଗଳା, ଉତ୍ତରାୟଣୀ ପୀଠ ସହ ଦକ୍ଷିଣ କାଳୀ, ଅଲାମଚଣ୍ଡୀ ଓ ପଞ୍ଚମୁଖୀ ପୀଠରେ ମଧ୍ୟ ଶୋଳପୂଜା ଆରମ୍ଭ କରାଯାଇଛି। ମା'ଙ୍କର ଏହି ପାର୍ବଣ ପୂଜାକୁ ନିଷ୍ଠାର ସହ ପାଳନ କରିବାକୁ ନିବେଦନ କରାଯାଇଛି। ସେପଟେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ବଢ଼ିବା ପରେ ଭଣ୍ଡାର ଘରୁ ମା ଦୁର୍ଗାଙ୍କ ସ୍ୱର୍ଣ୍ଣ ପ୍ରତିମା ରନ୍ ସିଂହାସନରେ ବିଜେ ହୋଇଥିଲେ। ପରେ ମା ସୁଭଦ୍ରାଙ୍କ ଆଜ୍ଞାମାଳ ଦୁର୍ଗାଙ୍କୁ ଲାଗି କରାଯିବା ପରେ ମାଜଣା ମଣ୍ଡପରେ ଠାକୁରାଣୀଙ୍କ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହୋଇଥିଲା। ସୂଚନା ଥାଉ ଯେ ଶାରଦୀୟ ପୂଜାପାଇଁ ଶ୍ରୀକ୍ଷେତ୍ରରେ ଏବେ ଠାରୁ ପୂଜାବିଧି ଆରମ୍ଭ ହୋଇଥିବା ବେଳେ ଶ୍ରୀମନ୍ଦିରରେ ବିଶେଷ କରି ଏହି ସମୟରେ ଦୁର୍ଗା ମାଧବ ଉପାସନା ସହ ଗୁପ୍ତ ଗୁଣ୍ଡିଚାର ବିଧି ମଧ୍ୟ ଆରମ୍ଭ କରାଯିବ।

## ମା' ମଙ୍ଗଳା ପୀଠରେ ପୂଜା ନୀତି



**କାକଟପୁର,୧୪।୯/ଏନ୍‌ଏନ୍‌ଏସ୍:** ପବିତ୍ର ମୂଳାଷ୍ଟମୀ ତିଥିରୁ ମା'ଙ୍କର ଷୋଡ଼ଶ ଉପଚାର ପୂଜନୀତି ଆରମ୍ଭ ହୋଇଥିବାବେଳେ ମା' ମଙ୍ଗଳାଙ୍କୁ ୧୨.୫୭ମିନିଟ୍‌ରୁ ସହସ୍ରା କୁମ୍ଭାଭିଷେକ ନୀତି ଅନୁଷ୍ଠିତ ହୋଇଥିଲା। ପାଳିଆ ସେବକ ଓ ପୂଜାପଣ୍ଡା ସେବକ ମାନଙ୍କ ଦ୍ୱାରା ୧୦୮ ଗରା ଜଳରେ ଅଗରୁ, ଚନ୍ଦନ, କର୍ପୁର, ମହୁ, କ୍ଷୀର, ଲହୁଣୀ ଓ ଘିଅ ଆଦି ମିଶ୍ରଣ କରାଯାଇ ସୁବାସିତ ଜଳ ପ୍ରସ୍ତୁତ କରାଯାଇ ବେଦମନ୍ତ୍ର ଧ୍ୱନୀରେ ମା' ମଙ୍ଗଳାଙ୍କୁ ସ୍ନାନ କରାଯାଇଥିଲା। ବର୍ଷକରେ ଏହି ଦିନରେ ମା ଙ୍କର ସ୍ନାନ ନୀତି ଦର୍ଶନ କରିବା ପାଇଁ ଅନୁମତି ଥାଏ। ଦେବୀ ଉତ୍ଥାପନ, ଘଟସ୍ଥାପନ, ଅଖଣ୍ଡଳ ସ୍ଥାପନ ପରେ ମା'ଙ୍କ ନୀତି ଆରମ୍ଭ କରାଯାଇଥିଲା କ୍ଷ ଆଜି ଠାରୁ ପ୍ରତ୍ୟେହ ଚଣ୍ଡୀପୂଜା, ହୋମଯଜ୍ଞ, ଦ୍ୱାରପାଳ ପୂଜା, ସିଂହପୂଜା ନିଷ୍ଠାର ସହ ଆରମ୍ଭ କରାଯାଇଛି। ନବପତ୍ରିକା ଦିନ ଠାରୁ ସମସ୍ତ ନୀତି ସମାପନ ପରେ ମା'ଙ୍କ ଚଳନ୍ତି ପ୍ରତିମା ବନଦୁର୍ଗାଙ୍କୁ ଏକ ସୁସଜ୍ଜିତ ମଣି ବିମନରେ ମହିଷାସୁରଙ୍କୁ ଠାବ କରିବା ପାଇଁ ମନ୍ଦରଗିରି ବିଜେ କରିଥାନ୍ତି ଏବଂ ସେଠାରେ ଜଗତିପୂଜା ଅନୁଷ୍ଠିତ ହୋଇଥାଏ। ଆଜିର ଷୋଡଶ ଉପଚାର ପୂଜାପଣ୍ଡା ଭାବେ ତପନ କୁମାର ଦୀକ୍ଷିତ ଓ ପାଳିଆ ସେବକ ଭାବେ ଅଭିରାମ ଦୀକ୍ଷିତ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପାର୍ବଣ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ସତ୍ୟବାଦୀରେ ଶାରଦୀୟ ପାର୍ବଣ ଆରମ୍ଭ



**ସାକ୍ଷୀଗୋପାଳ,୧୪।୯/ଏନ୍‌ଏନ୍‌ଏସ୍:** ସତ୍ୟବାଦୀର ଶାସନ ଗ୍ରାମ ସହିତ ବିଭିନ୍ନ ଗ୍ରାମରେ ଅବସ୍ଥାପିତ ଦେବୀ ଓ ଠାକୁରାଣୀ ମାନଙ୍କ ପୀଠରେ ପବିତ୍ର ମୂଳଷ୍ଟମୀ ତିଥିରେ କୁମ୍ଭାଭିଷେକ ପରେ ଷୋଳପୂଜା ଆରମ୍ଭ ହୋଇଯାଇଛି। ସହସ୍ର କୁମ୍ଭାଭିଷେକ ଆଜିଠୁ ଆରମ୍ଭ ହେବ ମାଆଙ୍କ ଷୋଡଶ ଉପଚାର ପୂଜା। ଷୋହଳ ଦିନ ବ୍ୟାପି ରୀତିନୀତି ଅନୁଯାୟୀ ମାଆଙ୍କ ପୂଜାର୍ଚନା କରାଯିବ। ମାଆ ଦୁର୍ଗାଙ୍କ ପାଇଁ ଚଳଚଞ୍ଚଳ ହେବ ଶକ୍ତି ପୀଠ। ଶ୍ରୀରାମଚନ୍ଦ୍ରପୁରରେ ବଡ଼ ଓ ସାନ ହରଚଣ୍ଡୀ , ବିରରାମଚନ୍ଦ୍ରପୁରରେ ମଣିନାଗଦୁର୍ଗା, ବିରଗୋବିନ୍ଦପୁରରେ କନକ ଦୁର୍ଗା, ବିଶ୍ୱନାଥପୁରରେ କ୍ଷେତ୍ରପାଳୀ, ଜୟପୁରରେ ମହାମାୟା, ନୂଆସୋମେଶ୍ୱରପୁର, ଦାଶବିଦ୍ୟାଧରପୁର, ସୁଆଣ୍ଡୋ, ରାୟଖଣ୍ଡି, ବଳପୁର, ସାରଙ୍ଗଯୋଡ଼ି ଓ ରାୟଚକ୍ରଧରପୁର ଆଦି ଗ୍ରାମର ଅଧିଷ୍ଠାତ୍ରୀ ଠାକୁରାଣୀମାନଙ୍କ ମନ୍ଦିରରେ ପୂଜା ଆରମ୍ଭ ହୋଇଯାଇଛି। ଅନୁରୂପ ଭାବେ ସ୍ଥାନୀୟ ନରେନ୍ଦ୍ରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଢୁଗୁରେଇ ଠାକୁରାଣୀଙ୍କ ଷୋଳପୂଜା ନୀତି ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମଙ୍ଗଳ ଆଳତି, ସ୍ନାନ ମାଜଣା,ମଇଲମ ସରିବା ପରେ ବସ୍ତ୍ର ଆଭୂଷଣରେ ସଜ୍ଜିତ କରାଯାଇ ଖେଚୁଡି ଭୋଗ ଅର୍ପଣ କରାଯାଇଥିଲା। ଏହି ଷୋଢ଼ଦିନାତ୍ମକ ପୂଜା ନିମନ୍ତେ ଠାକୁରାଣୀଙ୍କ ସନ୍ଧ୍ୟା ଦର୍ଶନ ପାଇଁ ମନ୍ଦିରରେ ଭିଡ଼ ପରିଲକ୍ଷିତ ହେଉଥିବା ସହିତ ଗ୍ରାମ ଗୁଡିକ ଚଳଚଞ୍ଚଳ ହୋଇ ଉଠିଛି।

## ମା'ବୁଢ଼ୀ ଠାକୁରାଣୀଙ୍କ ପୀଠରେ ଷୋଡ଼ଶ ପୂଜା ଆରମ୍ଭ



**ଚରିଛକ,୧୪।୯/ଏନ୍‌ଏନ୍‌ଏସ୍:** ଚରିଛକ ଅଞ୍ଚଳର ବିଭିନ୍ନ ମନ୍ଦିର ତଥା ଗ୍ରାମର ଶକ୍ତି ପୀଠ ଗୁଡିକରେ ଆଜି ମୂଳାଷ୍ଟମୀ ତିଥି ଠାରୁ ପାରମ୍ପରିକ ପ୍ରଥା ଅନୁସାରେ ଶାରଦୀୟ ପାର୍ବଣ ପୂଜା ଷୋଡଶ ଉପଚାର ପୂଜା ରୀତିନିତି ଅନୁଯାୟୀ ଆରମ୍ଭ ହୋଇଅଛି। ନିକଟସ୍ଥ ପଥରପଦା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବୁଢୀ ଠାକୁରାଣୀଙ୍କ ପୀଠରେ ପାରମ୍ପରିକ ପ୍ରଥା ଅନୁସାରେ ଶାରଦୀୟ ପାର୍ବଣ ପୂଜା ଷୋଡଶ ଉପଚାର ପୂଜା ରୀତିନିତି ଅନୁଯାୟୀ ଆରମ୍ଭ ହୋଇଅଛି। ଏହି ପାର୍ବଣ ପୂଜା ଷୋହଳ ଦିନ ଧରି ଚାଲିବ ବୋଲି ମନ୍ଦିରର ମୁଖ୍ୟ ପୂଜକ ସନାତନ ଦାଶ ଓ ପୂଜକ ରସାନନ୍ଦ ଦାଶ କହିଛନ୍ତି। ପୂଜକ ଶ୍ରୀ ଦାଶ ପ୍ରତ୍ୟେକ ଦିନ ମା'ଙ୍କୁ ବିଭିନ୍ନ ବେଶରେ ସୁସଜିତ କରିବା ସହିତ ପ୍ରତ୍ୟେହ ଗ୍ରାମବାସୀଙ୍କ ଦ୍ୱାରା ମା'ଙ୍କ ନିକଟରେ ପ୍ରତ୍ୟେକ ଦିନ ଅନ୍ନ ପ୍ରସାଦ ଭୋଗଲାଗି କରାଯାଇଥାଏ। ସେହିପରି ନିକଟସ୍ଥ ତେନ୍ତୁଳିଗୁଆଁ ଗ୍ରାମର ଗ୍ରାମ ଦେବତୀ ମା' ଭଗବତୀ, ତୁଳସୀପୁର ଗ୍ରାମ ଦେବତୀ ମା' କନକ ଦୁର୍ଗା, ଭାଣପୁର ଗ୍ରାମ ଦେବତୀ ମା' ହରଚଣ୍ଡୀ,ସୁଧବାରିମୂଳ ଗ୍ରାମର ମା ବାସୁଦେବୀ ଏବଂ ଆଖପାଖ ସମସ୍ତ ଗ୍ରାମରେ ଏହି ପୂଜା ୧୬ଦିନ ଧରି ରିତିନୀତି ଅନୁଯାଇ ଆରମ୍ଭ ହୋଇଛି।

## ଶରଣକୂଳରେ ମା' ପାର୍ବତୀଙ୍କ ପାର୍ବଣ ପୂଜା ଆରମ୍ଭ



**ଶରଣକୁଳ,୧୪।୯/ଏନ୍‌ଏନ୍‌ଏସ୍:** ପବିତ୍ର ଆଶ୍ୱିନ ମାସର ମୂଳାଷ୍ଟମୀ ତିଥି ମଙ୍ଗଳବାର ଠାରୁ ବିଭିନ୍ନ ଦେବୀପୀଠ ମାନଙ୍କରେ ଷୋଳଦିନାତ୍ମକ ପାର୍ବଣ ପୂଜା ଆରମ୍ଭ ହୋଇଛି। ଲଡୁବାବାଙ୍କ ପୀଠରେ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଥିବା ମା'ପାର୍ବତୀଙ୍କର ଏହି ପାର୍ବଣ ପୂଜା ଓ ଚଣ୍ଡୀ ପାଠ ଆରମ୍ଭ ହୋଇଛି। ରବିବାର ଅପରାହ୍ନରେ ମନ୍ଦିର ପରିଚ୍ଛା ତୋଷବନ୍ତ କରଙ୍କ ଉପସ୍ଥିତିରେ ମା'ଙ୍କ ଦ୍ୱାରଫିଟା, ଆଳତି ପରେ ଚୁଆ, ଚନ୍ଦନ, ଅଗୁର, କର୍ପୁର, ଟଭା ଆଦିରେ ମକ୍ଷଜଣା କରାଯାଇ ସେବାୟତମାନେ ମନ୍ଦିର ବେଢ଼ାରେ ଥିବା ବାମ୍ଫିରୁ ଜଳ ଆଣିବାରେ ପୂଜକ୍ଷପଣ୍ଡା ତମ୍ବାପାତ୍ର ଢାଳରେ ଏକହଜାରଆଠ ଢାଳ ଜଳରେ ଦେବୀଙ୍କୁ ମହାସ୍ନାନ କରାଇ ନୂତନ ବସ୍ତ୍ର ପରିଧାନ ସହିତ ଅଳଙ୍କାର ଓ ପୁଷ୍ପମାଳାରେ ସୁ-ସଜ୍ଜିତ କରାଇଥିଲେ। ପରେ ତନ୍ତ୍ରବିଧି ଅନୁସାରେ ଶୋଡଷ ଉପଚାରରେ ପୂଜାର୍ଚ୍ଚନା କରାଯାଇ ଚଣ୍ଡୀପାଠ କରାଯାଇଥିଲା। ସକାଳର ସମସ୍ତ ନୀତିକାନ୍ତି ସହିତ ସକାଳ ଧୂପ ଶେଷ କରାଯାଇଥିଲକ୍ଷ। ସେବକ ଦ୍ୱିତିକୃଷ୍ଣ ମିଶ୍ର ପାର୍ବଣ ପୂଜାର ପାରମ୍ପରିକ ରୀତିରେ ଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ବୈଦିକ ବ୍ରାହ୍ମଣ ରଶ୍ମି ରଞ୍ଜନ ଷଡ଼ଙ୍ଗୀ ଚଣ୍ଡୀପାଠ ଆରମ୍ଭକରିଥିଲେ। ମନ୍ଦିର ପୂଜାପଣ୍ଡା ସୁନୀଲ କୁମାର ବଡ଼ପଣ୍ଡା, ପାଳିଆ ମାଳି ରବିନ୍ଦ୍ର କୁମାର ମହାପାତ୍ର,ପ୍ରତାପ ଚନ୍ଦ୍ର ପ୍ରତିହାରୀ, ଶିବରାମ ଗାଆଣ ସହିତ କିଛି ସେବାୟତ ରହି ମା'ଙ୍କ ପାର୍ବଣ ପୂଜାର ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ସେବାୟତ ପ୍ରଭାତ କୁମାର ମହାପାତ୍ର ଓ ସୁନୀଲ ବଡପଣ୍ଡା ମା'ଙ୍କୁ ସୁନ୍ଦର ଭାବେ ବେଶ କରିଥିଲେ। ଆଜି ପାର୍ବଣର ପ୍ରଥମ ଦିନରେ ମା'ଙ୍କ ଦର୍ଶନ ପାଇଁ ସନ୍ଧ୍ୟା ଠାରୁ ମନ୍ଦିରରେ ଭିଡ଼ ଲାଗିରହିଥିଲ। ମନ୍ଦିର ପ୍ରଶାସନ ପକ୍ଷରୁ ମା'ଙ୍କ ପର୍ବର ସମସ୍ତ କାର୍ଯ୍ୟ ସମାପ୍ତ କରାଯାଇଥିଲା ସେହିପରି ନିକଟସ୍ଥ ବାଉଁସିଆ ଗ୍ରାମର ଅଧିଷ୍ଠକ୍ଷତ୍ରୀ ମା ବ୍ରକ୍ଷହ୍ମଣୀଦେବୀଙ୍କ ପୀଠରେ ଏହି ପାର୍ବଣ ପୂଜା ଆରମ୍ଭ ହୋଇଛି।

## ଅସ୍ତରଙ୍ଗର ପ୍ରସିଦ୍ଧ ମା'ଦୁର୍ଗାଙ୍କ ପାର୍ବଣ ପୂଜାର ମାଟି ଅନୁକୂଳ



**ଅସ୍ତରଙ୍ଗ,୧୪।୯/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ବ୍ଲକର ପ୍ରସିଦ୍ଧ ମା' ଦୁର୍ଗାଙ୍କ ପାର୍ବଣ ପୂଜା ପାଇଁ ରବିବାର ଦିନ ପୂଜା ବିଧି ଅନୁସାରେ ମା' ଙ୍କ ମୃଣୟ ମୂର୍ତ୍ତି ନିର୍ମାଣ କରିବା ପାଇଁ ମାଟି ଅନୁକୂଳ ହୋଇଯାଇଛି। ମା'ଙ୍କ ପୂଜା ମଣ୍ଡପ ଠାରୁ କର୍ମକର୍ତ୍ତା, ବ୍ରାହ୍ମଣ କ୍ଷେତ୍ରବାସୀ ପଣ୍ଡା, ମଙ୍ଗରାଜ କର, ବିଶ୍ୱଜିତି ମିଶ୍ର ପ୍ରମୁଖ ଏକ ଶୋଭାଯାତ୍ରାରେ ବାହାରି ଉଉଁରିଆ ନଦୀ ପଠାରେ ପହଞ୍ଚିଥିଲେ। ସେଠାରେ କର୍ତ୍ତା ପବିତ୍ର ମୋହନ ମହାନ୍ତିଙ୍କ ଉପସ୍ଥିତିରେ ରୀତି ନୀତି ଅନୁଯାୟୀ କାର୍ଯ୍ୟକୁ ବ୍ରାହ୍ମଣମାନେ ସମ୍ପାଦନ କରିଥିଲେ। ନଦୀ ଗର୍ଭରେ କର୍ତ୍ତା ବୁଡ଼ ପକାଇବା ସହିତ ହାତରେ ମାଟି ଆଣିଥିଲେ। ପ୍ରତି ବର୍ଷ ଷୋଳପୂଜା ଦିନ ମା'ଙ୍କ ପାଇଁ ମାଟି ଅନୁକୂଳ ହୋଇଥାଏ। ମା'ଙ୍କ ମୃଣୟ ମୂର୍ତ୍ତି ତିଆରି ସମ୍ପୂର୍ଣ୍ଣ ହୋଇସାରିବା ପରେ ବେଲ ବରଣୀ ହେବା ପରେ ସପ୍ତମୀ ଠାରୁ ଦଶମୀ ତିଥି ମଧ୍ୟରେ ଚଣ୍ଡୀ ପାଠ ଠାରୁ ଆରମ୍ଭ କରି ବିଭିନ୍ନ ପୂଜା ନୀତି ସମ୍ପନ୍ନ ହୋଇଥାଏ। ପାଞ୍ଚ ଦିନ ବ୍ୟାପି ମା'ଙ୍କ ପୀଠରେ ପୂଜା କାର୍ଯ୍ୟ ହୋଇଥାଏ। ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁମାନେ ମଣ୍ଡପକୁ ଆସି ମାଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥାନ୍ତି। ସ୍ଥାନୀୟ ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ମା' ଦୁର୍ଗା କ୍ଲବର ସଭାପତି ତଥା ଆଇନଜୀବୀ ଦିବ୍ୟଦର୍ଶୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଥାଏ। ବରିଷ୍ଠ ସଭ୍ୟ ତାହା ପୂର୍ବତନ କର୍ତ୍ତା ପୁରନ୍ଦର ବେହେରା, ଦୁଷ୍ମନ୍ତ ପରିଡା, ପ୍ରକାଶ ବେହେରା, ଅନନ୍ତ ଛାଟୋଇ, ଯୁଗଳ ମହାନ୍ତି, ରବୀନ୍ଦ୍ର ପରିଡା, ଜିତେନ ବସ୍ତିଆ, ଦେବେନ୍ଦ୍ର ପରିଡା, ଭ୍ରମରବର ମହାନ୍ତି, ରବୀନ୍ଦ୍ର ମହାନ୍ତି, ବେଣୁଧର ସାହୁ, ରାକେଶ ମହାନ୍ତି, ତପନ ଛାଟୋଇ, ମୁଥୁନ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ୧୬ ଫୁଟ୍ ତଳକୁ ଖସିଲା ...

ଦୁର୍ଘଟଣାର କାରଣ ମଧ୍ୟ ତଦନ୍ତ କରୁଛି। ଘଟଣା ପରେ ପୁଲିସ କହିଛି ଯେ ମୃତକଙ୍କ ପାଖରୁ ମିଳିଥିବା ପରିଚୟପତ୍ର ଅନୁଯାୟୀ, ସମସ୍ତ ମୃତକ ଜୟପୁର ଏବଂ ଶାହପୁରା (ଭିଲୱାଡ଼ା)ର ବୋଲି ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ତିନି ଜଣ ପୁରୁଷ, ଦୁଇଜଣ ମହିଳା ଏବଂ ଦୁଇ ଜଣ ପିଲା ଅଛନ୍ତି।

### ପୁତୁରା ମୃତ, ବଡ଼ବାପା ...

ପଡ଼ିଥିଲେ। ସେ ମଧ୍ୟ ପ୍ରଖର ଜଳ ସ୍ରୋତରେ କେଉଁଆଡ଼େ ନିଖୋଜ ହୋଇ ଯାଇଥିଲେ। ଖବର ପାଇ ଅଞ୍ଚଳବାସୀ ଓ ପରିବାର ସଦସ୍ୟ ବହୁ ଖୋଜା ଖୋଜି କରିବା ପରେ କାହ୍ନାଙ୍କୁ ଉଦ୍ଧାର କରି ନିକଟସ୍ଥ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ହେଲେ ଡାକ୍ତର କାହ୍ନାଙ୍କୁ ରିସିଭ୍ ଡେଥ୍ ଘୋଷଣା କରିଥିଲେ। ଅନ୍ୟ ପକ୍ଷରେ ରିପୋର୍ଟ ଲେଖାହେଲା ବେଳକୁ ସମ୍ପଦ ଜେନାଙ୍କ କୌଣସି ସନ୍ଧାନ ମିଳି ନଥିବା ଜଣାଯାଇଛି। ସମ୍ପଦ ଜେନା ତାଙ୍କ ମାଆଙ୍କ କ୍ରିୟା ଧରିଥିବା ଜଣାଯାଇଛି। ଗୋଟିଏ ପକ୍ଷରେ ଜଣଙ୍କ କ୍ରିୟା ଶେଷହୋଇ ନଥିବା ବେଳେ କର୍ତ୍ତା ଓ ତାଙ୍କ ପୁତୁରାଙ୍କ ଏପରି ଅଘଟଣକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ନୟାହାଟ ଫାଣ୍ଡିରେ ଏସ୍‌ଆଇ ନିଯୁକ୍ତି ଦାବି

**ନୟାହାଟ,୧୪।୯/ଏନ୍‌ଏନ୍‌ଏସ୍:** ନୟାହାଟ ଏକ ବ୍ୟବସାୟୀ ଓ ଜନଗହଳିପୂର୍ଣ୍ଣ ଅଞ୍ଚଳ ଏହି ଫାଣ୍ଡି ଉପରେ ୭ଟୋଟି ପଞ୍ଚାୟତର ୭୫ଟି ଗ୍ରାମର ୫୦ହଜାରରୁ ଅଧିକ ଜନସଂଖ୍ୟା ଆଇନ ସହାୟତା ପାଇଁ ଫାଣ୍ଡି ଉପରେ ନିର୍ଭର କରିଥାନ୍ତି। ଫାଣ୍ଡିରେ ନିଯୁକ୍ତି ପାଇଥିବା ଏଏସ୍‌ଆଇ ଚାକିରିକାଳ ଅଳ୍ପଦିନ ଥିବା ବେଳେ ଫାଣ୍ଡିକୁ ଦୈନିକ ୧୦ରୁ ୧୫ ଅଭିଯୋଗ ଆସୁଥିଲେ ମଧ୍ୟ ଜଣେ ଫାଣ୍ଡି ଅଧିକାରୀ ଉକ୍ତ ଘଟଣାକୁ ଅନୁଧ୍ୟାନ କରିବା ବା ମକଦ୍ଦମା କରିବା ସମ୍ଭବ ହୋଇପାରୁ ନାହିଁ। ନୟାହାଟ ବଜାରରେ ଦୈନିକ ଟ୍ରାଫିକ ସମସ୍ୟା ଲାଗିରହିଥିବା ବେଳେ ଓ ରାତ୍ରକାଳ ପାଟ୍ରୋଲିଂରେ ଫାଣ୍ଡି ଅଧିକାରୀ ନିୟୋଜିତ ରହୁଥିବାବେଳେ ଅନେକ ଘଟଣା ସମାଧାନ ହୋଇପାରୁନି କି ମକଦ୍ଦମା ହୋଇନପାରି ପଡ଼ିରହିଛି। ଫାଣ୍ଡିରେ ଏସ୍‌ଆଇ ନଥିବାରୁ କେତେକ ମୋକଦ୍ଦମାରେ ଲୋକେ ଖର୍ଚ୍ଚାନ୍ତ ହୋଇ ଗୋପ ଥାନା ଯିବାକୁ ପଡୁଛି। ଆଇନ୍ ଶୃଙ୍ଖଳା ଦୃଷ୍ଟିରୁ ଓ ଲୋକମାନଙ୍କ ସୁବିଧା ପାଇଁ ନୟାହାଟ ଫାଣ୍ଡିରେ ଏସ୍‌ଆଇ ନିଯୁକ୍ତି ପାଇଁ ପୁରୀ ଏସ୍‌ପି ଦୃଷ୍ଟି ଦେବାକୁ ନୟାହାଟ ବିଭିନ୍ନ ରାଜନୀତିକ, ସମାଜସେବୀ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହେଉଛି।

## ଡେଲାଙ୍ଗରେ ଲୁଟେରାଙ୍କ ଆତଙ୍କ: ପୁଣି ୨ ବାଇକ୍ ଚୋରି

**ଡେଲାଙ୍ଗ,୧୪।୯/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ଅଂଚଳରେ ଏବେ ବାଇକି ଲୁଟେରାଙ୍କ ଆତଙ୍କ ଦେଖିବାକୁ ମିଳିଛି । ଲୁଟେରାମାନେ ପୋଲିସ୍ କୁ ଖୋଲା ଚାଲେଞ୍ଜ ଦେଇ ବାଇକ୍ ଲୁଟିବାରେ ଲାଗିଛନ୍ତି। ଅନ୍ୟପଟେ ପୋଲିସ୍ କେବଳ ଅଭିଯୋଗ ପାଇ ମାମଲା ରୁଜୁକରି ଚୁପ୍ ବସିଛି। ଏକ ସପ୍ତାହ ମଧ୍ୟରେ ଏକାଧିକ ବାର ବାଇକି ଚୋରୀ ହେବା ନେଇ ସ୍ଥାନୀୟ ଅଂଚଳରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି କରିଛି। ସୂଚନାଥାଉ କି ସେପ୍ଟେମ୍ବର ୩ତାରିଖ ରାତିରେ ଡେଲାଙ୍ଗ ଥାନା ହରିରାଜପୁର ଫାଣ୍ଡି ଅଞ୍ଚଳରେ ଗୋଟେ ରାତିରେ ୪ଟି ବାଇକି ଚୋରି ଓ ଘୋରଡ଼ିଆ ବଜାରରୁ ବିଭିନ୍ନ ଦୋକାନରୁ ସିରିଜ ଚୋରି ହୋଇଥିବା ଘଟଣା ଲୋକଙ୍କ ମନରୁ ନଲିଭୁଣୁ । ପୁଣି ଦୁଇଟି ବାଇକି ଚୋରି ହେବା ଘଟଣା ଏବେ ପୋଲିସ ପ୍ରଶାସନକୁ ଅଡୁଆରେ ପକାଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ପୋଲିସର ପାରିବା ପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। ମିଳିଥିବା ସୂଚନା ମୁତାବକ ହରିରାଜପୁର ଫାଣ୍ଡି ଅଞ୍ଚଳର ହରିପୁର ଓ ହରିରାଜପୁର ଗ୍ରାମରୁ ଗୁରୁବାର ରାତିରେ ବାଇକି ଲୁଟେରା ଦୁଇଟି ବାଇକି ଚୋରୀ କରି ନେଇଥିବା ନେଇ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତିକରି ଡେଲାଙ୍ଗ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି। ତେବେ ପୁଲିସ ପୂର୍ବରୁ ୪ଟି ବାଇକ୍ ଚୋରିକୁ ନେଇ ମାମଲା ରଜୁ କରି ଚୁପ ବସିଥିବା ବେଳେ ପୁଣି ଦୁଇଟି ବାଇକ୍ ଚୋରିକୁ ନେଇ ସାଧାରଣରେ ପୁଲିସର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଲଗାଦାର ଚୋରିକୁ ନେଇ ଅଞ୍ଚଳର ଲୋକମାନେ ନିଜକୁ ଏବେ ଅସୁରକ୍ଷିତ ମନେ କରୁଥିବା ଅଭିଯୋଗ ହୋଇଛି।

ପୁଲିସ ପ୍ରଶାସନର ରାତ୍ର ପାଟ୍ରୋଲିଂ ଅଭାବ ଓ ବଜାର ଘାଟରେ ରାତ୍ରରେ ଗୃହରକ୍ଷୀମାନଙ୍କ ଡ୍ୟୁଟିରେ ଅବହେଳା ଯୋଗୁ ଲୁଟେରାଙ୍କୁ ଚୋରିକରିବାରେ ସୁଯୋଗ ମିଳୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଲୁଟେରାମାନଙ୍କୁ ଗିରଫ କରିବା ପୁରୀ ଜିଲ୍ଲାରେ ନୁତନ ଭାବେ ଯୋଗଦେଇଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହଙ୍କ ପ୍ରତି ବଡ ସମ୍ମାନର ପ୍ରଶ୍ନ ଠିଆ ହୋଇଛି। ଶ୍ରୀ ସିଂହ ଏହି ଘଟଣାକୁ ଗୁରୁତର ଭାବେ ବିଚାରକୁ ନେଇ ଡେଲାଙ୍ଗ ଥାନା ଅଞ୍ଚଳରୁ ଚୋରି ଭଳି ଘଟଣାକୁ ନିୟନ୍ତ୍ରଣ କରିବା ସହ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଆଜିର ଇତିହାସ

- ୧୯୩୧-ଗାନ୍ଧୀ-ଇରୱିନ୍ ବୁଝାମଣା ସାକ୍ଷରିତ ହୋଇଥିଲା।
- ୧୯୩୯-ନ୍ୟାୟମୂର୍ତ୍ତି ସୁବ୍ରମଣ୍ୟମ୍ ସ୍ୱାମୀ ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୯୪୮-ସ୍ୱାଧୀନ ଭାରତର ପ୍ରଥମ ଧ୍ୱଜପୋତ ଆଇଏନ୍ଏସ୍ ମୁମ୍ବାଇ ବନ୍ଦର ଠାରେ ପହଞ୍ଚି ଥିଲା।
- ୧୯୫୯-ଜାତୀୟ ପ୍ରସାରଣ ସେବା ଦୂରଦର୍ଶନର ଆରମ୍ଭ ହୋଇଥିଲା।
- ୨୦୦୯-ବେଙ୍ଗାଲୁରୁର ମୁନ୍ଦିର ଶିବରାଜୀ ସବ୍-ଜୁନିଅର୍ ବିଲିୟାର୍ଡସ୍ ବିଜେତା ହୋଇଥିଲେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

ମେଷ: ପାରିବାରିକ ଜୀବନ ଆନନ୍ଦମୟ ରହିବ। କିଛି ଖାସ୍ ଲୋକଙ୍କ ସହିତ ସାକ୍ଷାତ ହେବ। ବରିଷ୍ଠ ସଦସ୍ୟ ଆପଣଙ୍କ କାମରେ ପୂରା ସାଥ୍ ଦେବେ। ଦୀର୍ଘକାଳୀନ ଯୋଜନାକୁ ଗତି ମିଳିବ।

ବୃଷ: ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ଉତ୍ତମ। ଅନାବଶ୍ୟକ ଖର୍ଚ୍ଚ ଉପରେ ପୂରା ଧ୍ୟାନ ଦେବେ। କାମକୁ ନେଇ ଯୋଜନା ପ୍ରସ୍ତୁତ କରିବେ। ବ୍ୟୟରେ ସନ୍ତୁଳନ ବଜାୟ ରଖନ୍ତୁ। ବୁଝି ବିଚାରି କଥା କହିବେ।

ମିଥୁନ: ନୂଆ ନୂଆ ଯୋଜନା ପ୍ରସ୍ତୁତ କରିବେ। ଅନ୍ୟ ମାମଲାରେ ଚୁପ୍ ରୁହନ୍ତୁ। ପୁରୁଣା ସ୍ମୃତି ତାଜା ହେବ। ସୌଖୀନ ଜିନିଷ କିଣିବେ। ପ୍ରମୋଶନ ରାସ୍ତାରେ ଆସୁଥିବା ବାଧାବିଘ୍ନ ଦୂର ହେବ।

କର୍କଟ: ସାବଧାନ ରହି କାମ କରିବେ। ଆତ୍ମବିଶ୍ୱାସ ଭରପୂର ରହିବ। ଆର୍ଥିକ ମାମଲା ଉପରେ ପୂରା ଧ୍ୟାନ ଦେବେ। ଛୋଟ ଛୋଟ ଲାଭର ଯୋଜନା ଉପରେ ପୂରା ଧ୍ୟାନ ଦେବେ। ବ୍ୟବସାୟ ଖୁବ୍ ଭଲ ଚାଲିବ।

ସିଂହ: ଅଚିହ୍ନା ବ୍ୟକ୍ତିଙ୍କ ଭରସା ନକଲେ ଭଲ। ବାହନ ପ୍ରୟୋଗ ଦ୍ୱାରା ସାବଧାନ ରହିବେ। ପାଠପଢ଼ା ଦିଗରେ ସମସ୍ୟା ଆସୁଥିଲେ ତାହା ଦୂର ହେବ। କାର୍ଯ୍ୟରତ ଲୋକଙ୍କୁ ପ୍ରମୋଶନ ମିଳିବ।

କନ୍ୟା: ଦିନଟି ଆହ୍ୱାନପୂର୍ଣ୍ଣ ରହିବ। ପରିବାରର ସଦସ୍ୟଙ୍କ ମଧ୍ୟରେ ସାମଞ୍ଜସ୍ୟର ଅଭାବ ରହିବ। ଘରେ ସୁଖ ସୁବିଧା ଉପରେ ପୂରା ଧ୍ୟାନ ଦେବେ। ପୁରୁଣା ନେଣଦେଣ ପରିଶୋଧ କରିବେ।

ତୁଳା: ଜୀବନସାଥି ସହିତ ସମ୍ପର୍କ ମଧୁର ରହିବ। ମଉଜ ମସ୍ତିଭରା ମୁହୂର୍ତ୍ତ ଅତିବାହିତ କରିବେ। ଦୂର ପରିଜନଙ୍କୁ ମନେ ପକେଇବେ। ପ୍ରେମ ଓ ସହଯୋଗର ଭାବନା ମନକୁ ଆସିବ।

ବିଛା: ଦିନଟି ମାନସିକ ଶାନ୍ତି ଦେବ। ଅନାବଶ୍ୟକ ଖର୍ଚ୍ଚ ଚିନ୍ତାରେ ପକେଇବ। ଯୋଗ ଓ ଧ୍ୟାନର ସହାଯ୍ୟ ନେବେ। ଚାକିରି ପାଇଁ ଘର ଠାରୁ ଦୂରକୁ ଯିବାକୁ ପଡ଼ିପାରେ। ବିବାଦ ହୋଇପାରେ।

ଧନୁ: ଆଜି ମନ ପ୍ରସନ୍ନ ରହିବ। ଟ୍ରାନ୍ସଫର୍ ପାଇଁ ଅନ୍ୟ ସ୍ଥାନକୁ ଯାଇପାରନ୍ତି। ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ଭଲ ରହିବ। କାର୍ଯ୍ୟକ୍ଷେତ୍ରରେ କାମର ଚାପ ରହିବ। ସହଯୋଗୀ ସାହାଯ୍ୟ କରିବେ।

ମକର: ଶୁଭ ଓ ମାଙ୍ଗଳିକ କାର୍ଯ୍ୟକ୍ରମରେ ସମ୍ମିଳିତ ହେବେ। କାର୍ଯ୍ୟକ୍ଷେତ୍ରରୁ ଲାଭ ଉଠାଇବେ। ବଡ଼ ସଦସ୍ୟଙ୍କ ସାହାଯ୍ୟ ମିଳିବ। ମନର ଇଚ୍ଛା ପୂରା ହେବାର ଖୁସି ପାଇବେ। ପରିବେଶ ଆନନ୍ଦମୟ ରହିବ।

କୁମ୍ଭ: ଦିନଟି ଆପଣଙ୍କ ପାଇଁ ଅନୁକୂଳ ରହିବ। ନୂଆ ପ୍ରୋଜେକ୍ଟର ଆରମ୍ଭ ହୋଇପାରେ। ପରିବାରରେ ଶାନ୍ତିଭରା ପରିବେଶ ରହିବ। ପ୍ରପର୍ଟିକୁ ନେଇ ଝଗଡ଼ା ହୋଇପାରେ। ଜୀବନସାଥିର ସହଯୋଗ ପାଇବେ।

ମୀନ: ଦିନଚର୍ଯ୍ୟାକୁ ଖୁବ୍ ଭଲ ଭାବରେ ଶେଷ କରିବେ। ଏକା ସହିତ ଅନେକ କାମ ହାତକୁ ଆସିବ। ରାଜନୀତିରେ ଜନ ସମର୍ଥନ ମିଳିବ। ନିଜ କର୍ମକୁ ନେଇ ଧୈର୍ଯ୍ୟ ଓ ସଂଯମ ରଖିବାକୁ ହେବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ମୟା ପ୍ରସନ୍ନେନ ତବାର୍ଜୁନେଦଂ
ରୂପଂ ପରଂ ଦର୍ଶିତମାତ୍ମଯୋଗାତ୍।
ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ
ଯନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍। (୧୧/୪୭)
ନ ବେଦଯଜ୍ଞାଧ୍ୟୟନୈର୍ନ ଦାନୈ-
ର୍ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ।
ଏବଂରୂପଃ ଶକ୍ୟ ଅହଂ ନୃଲୋକେ
ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁପ୍ରବୀର। (୧୧/୪୮)

ଶ୍ରୀ ଭଗବାନ କହିଲେ - ହେ ଅର୍ଜୁନ! ମୁଁ ପ୍ରସନ୍ନ ହେଇ ନିଜ ଯୋଗମାୟା ପ୍ରଭାବରେ ଏହି ତେଜୋମୟ, ଅନନ୍ତ, ଆଦ୍ୟ, ବିଶ୍ୱାତ୍ମକ ପରମ ରୂପ ତୁମକୁ ଦେଖାଇଲି। ମୋର ଏମନ୍ତ ରୂପ ତୁମ ବ୍ୟତୀତ କେହି ଦେଖିନଥିଲେ। ହେ କୁରୁପ୍ରବୀର! ବେଦପାଠ ଦ୍ୱାରା, ଯଜ୍ଞବିଦ୍ୟା ଅଧ୍ୟୟନ ଦ୍ୱାରା, ଦାନ ଦ୍ୱାରା, ଅଗ୍ନିହୋତ୍ର ଆଦି କ୍ରିୟା ଦ୍ୱାରା, ପ୍ରଚଣ୍ଡ ତପସ୍ୟା ଦ୍ୱାରା, ମନୁଷ୍ୟ ଲୋକରେ ତୁମ ଭିନ୍ନ ଅନ୍ୟ କେହି ମୋର ଏହି ରୂପ ଦେଖିବାକୁ ସମର୍ଥ ହେଇନାହାନ୍ତି।

ଶ୍ରୀ ରାମକୃଷ୍ଣ କହନ୍ତି - ଜଣେ ଲୋକ ଗୋଟିଏ ମଦ ବୋତଲ ପାନ କରି ନିଶାଗ୍ରସ୍ତ ହେଇପାରେ, ଆଉ କେହି ବି ନିଶାଗ୍ରସ୍ତ ହେବା ପାଇଁ ଅଧିକ ମଦ ବୋତଲ ଆବଶ୍ୟକ କରେ। କିନ୍ତୁ ଯେତେବେଳେ ସେ ଦୁହେଁ ନିଶାଗ୍ରସ୍ତ ହୁଅନ୍ତି ସେତେବେଳେ ଉଭୟଙ୍କର ଅବସ୍ଥା ସମାନ। ଠିକ୍ ସେହିପରି ଜଣେ ଆତ୍ମୋପଲବ୍ଧିର ଏକ ଝଲକରେ ମାତ୍ର ଦିବ୍ୟ ପ୍ରେମ ଓ ଆନନ୍ଦରେ ମସ୍ତ ହେଇଯାନ୍ତି କିନ୍ତୁ ଅନ୍ୟମାନେ ଦିବ୍ୟ ଉପସ୍ଥିତିର ତେଜୋମୟ ସମ୍ପର୍କରେ ଆସି ଦିବ୍ୟ ପ୍ରେମ ଓ ଆନନ୍ଦ ଲାଭ କରନ୍ତି।

# କୁମାରୀ ପୂଜାର ପରମ୍ପରା



ଦେଶ-ଦୁନିଆରେ ପୂଜାପାଠର ଅଲଗା ଅଲଗା ପରମ୍ପରା ଦେଖିବାକୁ ମିଳିଯାଏ। ଆମ ଦେଶରେ କେଉଁଠାରେ ମୂର୍ତ୍ତି ପୂଜା ପାଆନ୍ତି ତ କେଉଁଠାରେ ଭଗବାନ ଫଟୋ ଭାବରେ ପୂଜା ପାଆନ୍ତି। କିନ୍ତୁ ପଡ଼ୋଶୀ ଦେଶ ନେପାଳରେ ରହିଛି ଏକ ଅଲଗା ପରମ୍ପରା ଯେଉଁଠାରେ ମୂର୍ତ୍ତିଙ୍କୁ ପୂଜା ନକରି ଜୀବିତ ଦେବୀଙ୍କୁ ପୂଜା କରାଯାଏ। ଏହି ପୂଜାରେ କନ୍ୟାରୂପୀ ବାଳିକାଙ୍କୁ ଦେବୀ ଭାବରେ ଲୋକମାନେ ପୂଜା କରନ୍ତି। ତେବେ ଏହି ପରମ୍ପରା ଏକ ଅନୋଖା ଓ ପ୍ରାଚୀନ ଧାର୍ମିକ ପରମ୍ପରା। ଏହି ପରମ୍ପରାରେ କୁମାରୀ ବା ଛୋଟ ଝିଅଙ୍କୁ ଜୀବିତ ଦେବୀ ତଲେଜୁ ଭବାନୀ ବା ମାତା ଦୁର୍ଗାଙ୍କ ଅବତାର ଭାବରେ ମାନି ପୂଜା କରାଯାଏ। ନେପାଳର କାଠମାଣ୍ଡୁ ଘାଟିରେ ଦେଖିବାକୁ ମିଳୁଥିବା ଏହି ପରମ୍ପରା ସହିତ ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ଜଡ଼ିତ ହୋଇ ରହିଛି। ନେୱାର ସମୁଦାୟରେ ପ୍ରଚଳିତ ଏହି ପରମ୍ପରାରେ କୁମାରୀମାନଙ୍କୁ ଶକ୍ତି ବା ମାତାଙ୍କ ଅବତାର ଭାବରେ ଲୋକମାନେ ଗ୍ରହଣ କରନ୍ତି। କୁମାରୀଙ୍କୁ ଲାଲ୍ ରଙ୍ଗର ବସ୍ତ୍ର, ଗହଣା ଓ ବିଶେଷ ତିଲକରେ ସଜାଇ ଦିଆଯାଏ। ଯଦି ପୂଜା ପାଇଁ ଚୟନ କରାଯାଇଥିବା ଝିଅଟିର କୌଣସି ରୋଗ ଥାଏ କିମ୍ବା ସେ ମାସିକଧର୍ମ ଦେଇ ଗତି କରୁଥାଏ ତେବେ ତାଙ୍କର ପୂଜା କରାଯାଏ ନାହିଁ। ବର୍ଷସାରା ଏହି ଜୀବିତ ଦେବୀଙ୍କୁ ପୂଜା କରାଯାଉଥିଲେ ମଧ୍ୟ ବିଶେଷ ଅବସର ଓ ପର୍ବପର୍ବାଣିଗୁଡ଼ିକରେ ତାଙ୍କର ମହତ୍ତ୍ୱ ବୃଦ୍ଧିପାଏ। କାଠମାଣ୍ଡୁ ଦରବାର ସ୍କୋୟାର୍ ଠାରେ ଥିବା କୁମାରୀ ଘରେ ଦୈନନ୍ଦିନ ସକାଳେ ଓ ସନ୍ଧ୍ୟାବେଳେ ତାଙ୍କୁ ପୂଜା କରାଯାଏ। ଝିଅଟିକୁ ଦେବୀଙ୍କ ପରି ସଜାଇ ଦିଆଯାଏ। ଦୀପ, ଧୂପ ଓ ମନ୍ତ୍ରଗୁଡ଼ିକ ସହିତ ତଲେଜୁ ଭବାନୀଙ୍କ ଉପାସନା କରନ୍ତି ଲୋକମାନେ। ନେପାଳରେ ଅନୁଷ୍ଠିତ ହେଉଥିବା ଇନ୍ଦ୍ର ଯାତ୍ରାରେ ମଧ୍ୟ ଏହି ଜୀବିତ ଦେବୀ ପୂଜା ପାଆନ୍ତି। ସେ ସମୟରେ ତାଙ୍କୁ ରଥରେ ବସାଇ ପୂରା କାଠମାଣ୍ଡୁ ସହରରେ ବୁଲେଇ ଦିଆଯାଏ। ଏପରିକି ନେପାଳର ରାଜା ବା ପ୍ରଧାନମନ୍ତ୍ରୀ ଏ ସମୟରେ କୁମାରୀ ଦେବୀଙ୍କ ଆଶୀର୍ବାଦ ନିଅନ୍ତି।

# ପ୍ରଗତିର ଅନ୍ୟ ନାମ




ଆଜିର ସମୟରେ ବିଶ୍ୱର ପ୍ରତି କ୍ଷେତ୍ରରେ ରହିଛି ଇଞ୍ଜିନିୟରଙ୍କ ନାମ। ଏମାନଙ୍କ ସଂଖ୍ୟା ଦୃଷ୍ଟିରୁ ପୂରା ବିଶ୍ୱରେ ଆମ ଦେଶ ଅଛି ଦ୍ୱିତୀୟ ସ୍ଥାନରେ। ଏଥିପାଇଁ ଭାରତକୁ କୁହାଯାଏ ଇଞ୍ଜିନିୟର୍‌ମାନଙ୍କର ଦେଶ। ଭାରତୀୟ ଅର୍ଥବ୍ୟବସ୍ଥାରେ ଏକ ବଡ଼ ଯୋଗଦାନ ଦେବା ସହିତ ଇଞ୍ଜିନିୟରିଂ କ୍ଷେତ୍ର ଦେଶର ସମଗ୍ର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶ୍ୱର ପ୍ରଗତି ସେମାନଙ୍କ ହାତରେ ଅଛି ବୋଲି ଆମେମାନେ କହିପାରିବା। ବୈଷୟିକ ଜ୍ଞାନ ବୃଦ୍ଧି ପାଇଲେ କୌଣସି ଦେଶର ବିକାଶ ହୋଇପାରିବ। ଏହାଦ୍ୱାରା ସମାଜର ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିଥାଏ। ଏହିପରି ଭାବରେ ବିଗତ ଦଶକ ତୁଳନାରେ ଏଇ ଦଶକରେ ଦୁନିଆର ବିକାଶ ଦ୍ରୁତ ଗତିରେ ହୋଇଛି ଯାହାର ଶ୍ରେୟ ଦିଆଯାଏ ଇଞ୍ଜିନିୟରମାନଙ୍କୁ। ସେମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପୂରା ଦେଶରେ ଆଜି ପାଳନ କରାଯାଉଛି ଇଞ୍ଜିନିୟର୍ସ ଡେ'। ଆଜି ଡକ୍ଟର ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନ ଯିଏ ଥିଲେ ଜଣେ




ମହାନ ଇଞ୍ଜିନିୟର। ଜଣେ କୁଶଳ ଇଞ୍ଜିନିୟର ଭାବରେ ସଫଳତା ପ୍ରାପ୍ତ କରିଥିବା ମୋକ୍ଷଗୁଣ୍ଡମ୍‌ଙ୍କୁ ୧୯୫୫ରେ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା। ସେ ଥିଲେ ଦେଶର ପ୍ରଥମ ସିଭିଲ୍ ଇଞ୍ଜିନିୟର୍ ଓ ଜଣେ ରାଜନେତା। ଏହା ସହିତ ସେ ମୈଶୂରର ୧୯ତମ ଦେୱାନ ମଧ୍ୟ ଥିଲେ। ଆମ ଦେଶର ବୈଜ୍ଞାନିକ, ଇଞ୍ଜିନିୟରମାନେ ଦେଶର ବିକାଶ ପାଇଁ ଅନେକ ଅନୁସନ୍ଧାନମୂଳକ କାର୍ଯ୍ୟ କରିଛନ୍ତି। ସେଥିପାଇଁ ଆଜିର ଯୁବପିଢ଼ି କିପରି ଇଞ୍ଜିନିୟରିଂ କ୍ଷେତ୍ରରେ ନିଜର କ୍ୟାରିୟର୍ ଗଢ଼ିବେ ଓ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିବେ ତାହା ହେଉଛି ଏହି ଦିବସର ଉଦ୍ଦେଶ୍ୟ।

# କିସିଂ ବଗ୍ ରୋଗ

ଆମେରିକାରେ ବ୍ୟାପୁଛି ବିପଦଜନକ କିସିଂ ବଗ୍ ରୋଗ। ଏହି ରୋଗ ଏବେ ୩୨ଟି ଆମେରିକୀୟ ରାଜ୍ୟରେ ପହଞ୍ଚି ସାରିଲାଣି। ତେବେ ଚିନ୍ତା କରିବାର ବିଷୟ ଯେ ଏହି ରୋଗରେ ଲକ୍ଷାଧିକ ଲୋକ ସଂକ୍ରମିତ ହୋଇପାରନ୍ତି। ଟ୍ରାଇଏଟୋମାଇନ୍ କୀଟ କାମୁଡ଼ିବା ଦ୍ୱାରା ବ୍ୟାପୁଥିବା ଏହି ରୋଗର କାରଣ ହେଉଛି କିସିଂ ବଗ୍। ଚାଗସ୍ ରୋଗ ହେଉଛି ଏକ ପରଜୀବୀ ବା ପାରାସାଇଟ୍ (ଟ୍ରାଏପାନୋସୋମା କ୍ରୁଜି) କାରଣରୁ ହେଉଥିବା ରୋଗ ଯାହା କିସିଂ ବଗ୍ ନାମକ କୀଟର ମଳ ଜରିଆରେ ମଣିଷ ଓ ପଶୁମାନଙ୍କୁ ସଂକ୍ରମିତ କରିଥାଏ। ଏହି କୀଟ ସାଧାରଣତଃ ମୁହଁ, ବିଶେଷ କରି ଓଠ ବା ଆଖିଗୁଡ଼ିକ ପାଖରେ କାମୁଡ଼ିଥାଏ। ରାତିରେ ଏହି କୀଟମାନେ ଅଧିକ ସକ୍ରିୟ ହୋଇ ରକ୍ତ ଶୋଷି ନିଅନ୍ତି। କାମୁଡ଼ିବା ପରେ ସ୍କିନ୍ ଉପରେ କୀଟ ମଳତ୍ୟାଗ କରେ। ଏହି ମଳ ଆଖି, ମୁହଁ ବା କୌଣସି ଘା'ରେ ଲାଗିଯାଏ ଓ ପାରାସାଇଟ୍ ଶରୀରରେ ପ୍ରବେଶ କରିଥାନ୍ତି। ବର୍ତ୍ତମାନ ପୂରା ଦୁନିଆରେ ୮୦ ଲକ୍ଷ ଲୋକ କିସିଂ ବଗ୍ ରୋଗରେ ପୀଡ଼ିତ ଅଛନ୍ତି ଓ ଅଧିକ ସଂଖ୍ୟାର ରୋଗୀ ଅଛନ୍ତି ଲାଟିନ୍ ଆମେରିକାରେ। ସେଠାରେ ଅଧିକାଂଶ ଲୋକଙ୍କୁ ଏହି ରୋଗ ବିଷୟରେ କିଛି ଜଣାନାହିଁ। ତେବେ ୨୦୦୦-୨୦୦୮ ପର୍ଯ୍ୟନ୍ତ ଆମେରିକାରେ କେବଳ ୨୯ଟି ମାମଲାକୁ ସୁନିଶ୍ଚିତ କରାଯାଇଥିଲା।



### ଚାଗସ୍ ରୋଗ ଦୁଇଟି ଚରଣରେ ହୁଏ-ତୀବ୍ର ଓ କ୍ରୋନିକ୍।

**ତୀବ୍ର ବା ଆକ୍ୟୁଟ୍ ଚରଣ-** ଏହାର ଲକ୍ଷଣ କିଛି ସପ୍ତାହ ବା ମାସ ପର୍ଯ୍ୟନ୍ତ ରହେ ଯେଉଁ ସମୟରେ ରୋଗୀର ଆଖି ପଲକରେ ସ୍ୱେଲିଂ, ଜ୍ୱର, କ୍ଳାନ୍ତି, ଶରୀରରେ ବ୍ୟଥା, ଭୋକ ନ ଲାଗିବା, ଝାଡ଼ା ହେବା କିମ୍ବା ବାନ୍ତି ହେବା, ସ୍କିନ୍ ଫଳିଯିବା ପରି ଲକ୍ଷଣ ଦେଖିବାକୁ ମିଳିଯାଏ।

**କ୍ରୋନିକ୍ ଚରଣ-** ଏହି ଚରଣରେ ଲକ୍ଷଣଗୁଡ଼ିକ ବର୍ଷ ବର୍ଷ ଧରି ଦେଖାଯାଏ। କେବଳ ୨୦-୩୦ ପ୍ରତିଶତ ଲୋକଙ୍କ ମଧ୍ୟରେ ଗମ୍ଭୀର ସମସ୍ୟାଗୁଡ଼ିକ ଥାଇପାରେ ଯଥା-ହୃଦୟ ଗତିରେ ପରିବର୍ତ୍ତନ, ହାର୍ଟ ଫେଲ୍ ଆଦି ସମସ୍ୟା, ଅଚାନକ ମୃତ୍ୟୁ। କାରଣ ଏହି ଚରଣରେ ଚିକିତ୍ସା ପାଇବା କଷ୍ଟକର ହୋଇପଡ଼େ।

**କିପରି ବ୍ୟାପେ-** ଗର୍ଭବତୀ ମହିଳାଙ୍କ ଠାରୁ ଯାଇ ନିଜ ପିଲାଙ୍କୁ ବ୍ୟାପେ, ସଂକ୍ରମିତ ରକ୍ତ ବା ଅଙ୍ଗରୁ, କୀଟର ମଳରୁ ଦୂଷିତ ଭୋଜନ ଖାଇବା ଦ୍ୱାରା, ପ୍ରୟୋଗଶାଳାରେ ଦୁର୍ଘଟଣା ଘଟିବା ଦ୍ୱାରା ବୈଜ୍ଞାନିକମାନଙ୍କୁ ମଧ୍ୟ ଏହି ରୋଗ ହୋଇପାରେ।

# ଅନ୍ତଃରାଷ୍ଟ୍ରୀୟ ଲୋକତନ୍ତ୍ର ଦିବସ




ଖ୍ରୀ.ପୂ ପଞ୍ଚମ ଶତାବ୍ଦୀରେ ପ୍ରାଚୀନ ଏଥେନ୍ସ (ଗ୍ରୀସ୍)ରେ ଦୁନିଆର ପ୍ରଥମ ଲୋକତନ୍ତ୍ର ବିକଶିତ ହୋଇଥିଲା ବୋଲି କୁହାଯାଏ। ଏ ସମୟରେ ବିଶ୍ୱର ଅଧିକାଂଶ ଦେଶ ନିଜକୁ ଲୋକତାନ୍ତ୍ରିକ ବୋଲି ଘୋଷଣା କରୁଛନ୍ତି। ମିଳିତ ଜାତିସଂଘର ମୂଳ ମୂଲ୍ୟଗୁଡ଼ିକ ମଧ୍ୟରୁ ଅନ୍ୟତମ ହେଉଛି ଲୋକତନ୍ତ୍ର ପ୍ରଣାଳୀ। ତେଣୁ ମିଳିତ ଜାତିସଂଘ ଦ୍ୱାରା ପାରିତ ହୋଇଥିବା ଏକ ପ୍ରସ୍ତାବ ମାଧ୍ୟମରେ ୨୦୦୮ରୁ ପୂରା ଦୁନିଆରେ ପାଳିତ ହୋଇଆସୁଛି ଲୋକତନ୍ତ୍ର ଦିବସ। ଲୋକତନ୍ତ୍ରକୁ ମଜଭୁତ ଓ ସୁଦୃଢ଼ କରିବା ପାଇଁ ଅଧିକ ପ୍ରୋତ୍ସାହନ ଦେବା ଏହି ଦିବସର ଉଦ୍ଦେଶ୍ୟ। ୟୁନେସ୍କୋ ଅନୁସାରେ ବିଶ୍ୱର ଲୋକତନ୍ତ୍ରଗୁଡ଼ିକର ସ୍ଥିତିର ଆକଳନ କରିବା ପାଇଁ ଓ ସଂସଦଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ଭୂମିକାଗୁଡ଼ିକୁ ଉଜାଗର କରି ନ୍ୟାୟ, ବିକାଶ, ମାନବାଧିକାର ଓ ଶାନ୍ତି ପ୍ରଦାନ କରିବାରେ ତାଙ୍କ କ୍ଷମତାକୁ ସେଲିବ୍ରେଟ୍ କରିବା ପାଇଁ ମଧ୍ୟ ଏହି ଦିବସ ଅବସର ପ୍ରଦାନ କରେ। ତେବେ ଲୋକତନ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ ବ୍ୟକ୍ତିର ଗରିମା ଓ ମୌଳିକ ଅଧିକାରଗୁଡ଼ିକୁ ରକ୍ଷା କରିବା, ସାମାଜିକ ନ୍ୟାୟ ଓ ସମାନତାକୁ ପ୍ରୋତ୍ସାହିତ କରିବା, ସମୁଦାୟଗୁଡ଼ିକର ଆର୍ଥିକ ଓ ସାମାଜିକ ବିକାଶକୁ ସୁନିଶ୍ଚିତ କରିବା, ରାଷ୍ଟ୍ରର ଏକଜୁଟତା ଓ ଶାନ୍ତି ବୃଦ୍ଧି କରେଇବା ତଥା ନାଗରିକମାନଙ୍କର ରାଜନୈତିକ ଭାଗୀଦାରୀ ଓ ଶାସନକୁ ସୁନିଶ୍ଚିତ କରେଇବା ଲୋକତନ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ। ପୂରା ବିଶ୍ୱରେ ରହିଛି ଦୁଇ ପ୍ରକାରର ଲୋକତନ୍ତ୍ର ପ୍ରଣାଳୀ। ଗୋଟିଏ ହେଉଛି ସଂସଦୀୟ ଶାସନ ପ୍ରଣାଳୀ ଓ ଅନ୍ୟଟି ହେଉଛି ରାଷ୍ଟ୍ରପତି ଶାସନ ପ୍ରଣାଳୀ। କିନ୍ତୁ ଦୁଇଟି ସାରା ପ୍ରଣାଳୀରେ ଜନତା ନିଜର ମତାଧିକାରର ପ୍ରୟୋଗ କରି ନିଜ ଦେଶର ଜନପ୍ରତିନିଧିଙ୍କୁ ଚୟନ କରିଥାନ୍ତି ଯିଏ ଜନତାଙ୍କ ପାଇଁ କାମ କରେ। ଆମ ଦେଶ ବ୍ୟତୀତ କାନାଡା, ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ସଂସଦୀୟ ଶାସନ ପ୍ରଣାଳୀ ଅଛି।

# ଟାୱାର୍ ଗାର୍ଡେନିଂ





ଆପଣଙ୍କ ଛୋଟ ବାଲ୍‌କନି କିମ୍ବା ଛାତ ପରିବା ଚାଷ ଦ୍ୱାରା ଆପଣଙ୍କୁ ଆତ୍ମନିର୍ଭର କରିପାରିବ କି? ଏ ବିଷୟ ଉପରେ କେବେ ଚିନ୍ତା କରିଛନ୍ତି! ସାଧାରଣତଃ ଲୋକମାନେ କହନ୍ତି ଯେ ଆମ ବାଲ୍‌କନି ବା ଛାତରେ କେତୋଟି ଗଛ ଆମେ ଲଗେଇ ପାରିବୁ। ଯଦିଓ ଏ ସମୟରେ ଟେରେସ୍ ଗାର୍ଡେନିଂ ବା କିଚେନ୍ ଗାର୍ଡେନିଂର ଟ୍ରେଣ୍ଡ୍ ବୃଦ୍ଧି ପାଉଛି କିନ୍ତୁ ଦିଲ୍ଲୀ-ଏନ୍‌ସିଆର୍‌ର ଶହ ଶହ ଘର ପର୍ଯ୍ୟନ୍ତ ପହଞ୍ଚି ସାରିଛି ଟାୱାର୍ ଫାର୍ମିଂର ଚଳନ। ଦିଲ୍ଲୀର ନିବାସୀ ମିଥିଲେଶ କୁମାର ସିଂହ ଏହି ଚଳନକୁ ବାସ୍ତବ ରୂପ ଦେଇଛନ୍ତି। ଡ୍ରେନେଜ୍ ପାଇପ୍‌ଗୁଡ଼ିକୁ ଚାଷ ପାଇଁ ହତିଆର ଭାବରେ ବ୍ୟବହାର କରି ସେ ଏହିପରି ଚାଷ ଆରମ୍ଭ କରିଛନ୍ତି। ତିନି ଫୁଟ୍ ଉଚ୍ଚର ଏକ ପାଇପ୍ ଟାୱାର୍‌ରେ ଅତି କମ୍‌ରେ ପାଞ୍ଚ ପ୍ରକାରର ପରିବା ଗଛ ଲଗାଯାଇ ପାରିବ। ଅଳ୍ପ ସ୍ଥାନରେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରିହେବ। କୁଣ୍ଡରୁ ମଧ୍ୟ ଅଳ୍ପ ସ୍ଥାନରେ ଏହି ଶୈଳୀରେ ଚାଷ କରି ହେଉଛି। ତେବେ ମିଥିଲେଶଙ୍କ ଛାତରେ ରହିଛି ଅନେକଗୁଡ଼ିଏ ଟାୱାର ଯେଉଁଥିରୁ ଭେଣ୍ଡି, ଲାଉ, କଲରା, ବାଇଗଣ, ଧଣିଆ, ତୁରେଇ, ନିମ୍ବ, ଲେମ୍ବୁ, ସଜନା ଗଛ, ରତୁଜନିତ ଶାଗ ସବୁକିଛି ମିଳିଯାଏ। ଶୀତଦିନେ ପାଳଙ୍ଗ, ବଥୁଆ ଓ ସୋରିଷ ଶାଗ ଆଦି ପ୍ରସ୍ତୁତ କରନ୍ତି ମିଥିଲେଶ। ପେସାରେ ସେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର୍ ଥିଲେ। କୋଭିଡ୍ ସମୟରେ ୱାର୍କ-ଫ୍ରମ୍-ହୋମ୍‌ର ପରମ୍ପରା ଆରମ୍ଭ ହୋଇଥିବା ସମୟରେ ଟାୱାର୍ ଗାର୍ଡେନିଂର ଆଇଡିଆ ଆସିଥିଲା ତାଙ୍କ ମନକୁ। ସେ ପ୍ରଥମେ ଛୋଟ ଛୋଟ ଏକ୍ସପେରିମେଣ୍ଟ କରିବା ପରେ ଧୀରେ ଧୀରେ ଏହି ମଡେଲ୍ ପ୍ରସ୍ତୁତ ହୋଇଥିଲା। ପାଖାପାଖି ଏକ ବର୍ଷ ପରେ ସେ ତାଙ୍କ ପତ୍ନୀଙ୍କ ସହିତ ମିଶି ଟାୱାର୍ ଗାର୍ଡେନିଂକୁ ଏକ ଷ୍ଟାର୍ଟଅପ୍‌ର ରୂପ ଦେଇଥିଲେ ମିଥିଲେଶ ଯାହା ଆଜି ସେ କ୍ଷେତ୍ରର ୧୫୦ରୁ ଅଧିକ ଘର ପର୍ଯ୍ୟନ୍ତ ପହଞ୍ଚି ସାରିଲାଣି। ତାଙ୍କ ଦ୍ୱାରା ନିର୍ମିତ ଟାୱାରଗୁଡ଼ିକୁ ଆଜି ଦେଶସାରା ଲୋକ କିଣିବା ଆରମ୍ଭ କଲେଣି। ତେବେ କେବଳ ଆଳୁ ଓ ପିଆଜ ସେ ବଜାରରୁ କିଣନ୍ତି। ବାକି ସବୁ ପ୍ରକାରର ପରିବା ଏହି ଟାୱାର୍ ଗାର୍ଡେନ୍‌ରୁ ତାଙ୍କୁ ମିଳିଯାଏ।

# ଭିନ୍ନ ଅବତାରରେ ପ୍ରଭୁଦେବା



ଡ୍ୟାନ୍ସିଂ କିଙ୍ଗ୍, ମାଷ୍ଟର୍ କୋରିଓଗ୍ରାଫର, ନିର୍ଦ୍ଦେଶକ ଓ ଅଭିନେତା ଭାବରେ ପ୍ରଭୁଦେବାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ। ଏବେ ଏକ ନୂଆ ଅନ୍ଦାଜରେ ସେ ଓଟିଟିରେ ଡେବ୍ୟୁ କରିବାକୁ ଯାଉଛନ୍ତି ସୋନି ଲିଭ୍‌ର ଆଗାମୀ କ୍ରାଇମ୍-ଥ୍ରୀଲର୍ ସିରିଜ 'ସେଥୁରଜନ୍ ଆଇପିଏସ୍' ଜରିଆରେ। ଏଥିରେ ଜଣେ ଶକ୍ତ ଓ ଗମ୍ଭୀର ପୁଲିସ୍ ଅଫିସର ଭୂମିକାରେ ନଜର ଆସିବେ ପ୍ରଭୁଦେବା। ତେବେ ଜଣେ 'ଡ୍ୟାନ୍ସିଂ ସେନ୍ସେସନ୍'ରୁ ଆରମ୍ଭ କରି 'ସିଂଘମ୍' ହେବାର ଯାତ୍ରା ବାସ୍ତବରେ ଦର୍ଶକମାନଙ୍କ ପାଇଁ ଖୁବ୍ ରୋଚକପୂର୍ଣ୍ଣ ହେବାକୁ ଯାଉଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ରିଲିଜ ତାରିଖ ବିଷୟରେ ଘୋଷଣା କରାଯାଇ ନାହିଁ। ଏକ ମର୍ଡର କେସ୍‌ର ଯାଞ୍ଚ ଉପରେ ସିରିଜର କାହାଣୀ ଆଧାରିତ। ଏହି କେସ୍ ଗ୍ରାମୀଣ ତାମିଲନାଡୁର ରାଜନୈତିକ ପରିବେଶ ମଧ୍ୟରେ ଆହୁରି ଛନ୍ଦିହୋଇ ଯାଉଛି। ସେଥୁରଜନ୍ ନାମକ ଜଣେ ପୁଲିସ୍ ଅଫିସର୍ ଚରିତ୍ରରେ ପ୍ରଭୁଦେବାଙ୍କୁ ଦେଖିବାକୁ ପାଇବେ। ସେ କେବଳ ଏହି କେସ୍‌ରେ ନୁହେଁ, ସତ୍ତା, ପରିଚୟ ଓ ନ୍ୟାୟର ଲଢ଼େଇରେ ଫସିଯିବେ। ଏହା ପୂର୍ବରୁ ପ୍ରଭୁଦେବାଙ୍କୁ ସମସ୍ତେ କମେଡି, ଆକ୍ସନ୍-ଡ୍ୟାନ୍ସର ଯୁଗଳବନ୍ଦୀ କରିବାର ଦେଖିଥିଲେ କିନ୍ତୁ ଏଥିର ସେ ବହୁତ ଗମ୍ଭୀର ଓ ଦମ୍‌ଦାର ଅନ୍ଦାଜରେ ନଜର ଆସିବେ। ତାଙ୍କର ଏହି ପରିବର୍ତ୍ତନ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରାଇପାରେ। ପ୍ରଭୁଦେବା ମଧ୍ୟ ନିଜର ଫିଲ୍ମି କ୍ୟାରିୟର୍ ମଧ୍ୟରେ ଏହି ଚରିତ୍ରଟିକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରିଛନ୍ତି। ଶେଷ ଥର ପାଇଁ ପ୍ରଭୁଦେବା ହିମେଶ ରେଶମିୟାଙ୍କ ମ୍ୟୁଜିକାଲ୍-ଆକ୍ସନ୍ ଫିଲ୍ମ 'ବ୍ୟାଡ୍ଏସ୍ ରବି କୁମାର'ରେ ନଜର ଆସିଥିଲେ। ଏବେ ଏହି ସିରିଜ ଜରିଆରେ ସେ ପୁଣି ଥରେ ଅଭିନୟ କ୍ଷେତ୍ରରେ ନିଜର ପ୍ରତିଭାକୁ ସାବ୍ୟସ୍ତ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ତେବେ ସିରିଜର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ରଫିକ୍ ଇସ୍‌ମାଇଲ୍ ଯିଏ ସାଧାରଣ କପ୍ ଡ୍ରାମାରୁ ହଟିଯାଇ ସତ୍ତା, ରାଜନୀତି ଓ ନ୍ୟାୟ ଉପରେ ଏକ ଗଭୀର ସନ୍ଦେଶ ଦେବା ପାଇଁ ପ୍ରତିଜ୍ଞାବଦ୍ଧ ଥିବାପରି ମନେ ହେଉଛନ୍ତି।

ନିତିଦିନ NITIDIN



## ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର

**କଟକ,୧୪।୯/ଏନ୍‌ଏନ୍‌ଏସ୍:** ସାରସ୍ୱତ ଅନୁଷ୍ଠାନ, ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନାଚକ୍ର ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ଶଶଧର ପଣ୍ଡା, ଅନ୍ୟତମ ଅତିଥି ଭାବେ କବି ସୁରେନ୍ଦ୍ର ମହାପାତ୍ର, କବି ଭୀମସେନ ସାହୁ ଯୋଗଦେଇ ସମାଜ ସଂସ୍କାର କ୍ଷେତ୍ରରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କବୟିତ୍ରୀ ବିଶ୍ୱମିତ୍ରା ମିଶ୍ର ଓ ଡଃ ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ କବି ପ୍ରଭାକର ଦାସ, ମୈତ୍ରୀଭୂଷଣ ଖୁଣ୍ଟିଆ, ବ୍ରଜବନ୍ଧୁ ପୃଷ୍ଟି, ମମତା ପୃଷ୍ଟି, କ୍ଷୀରୋଦ ଜେନା, ଶ୍ରୀବସ୍ତ ବିଶ୍ୱାଳ, ଉତ୍ତମ ଚରଣ ପ୍ରଧାନ, ରଘୁନାଥ ତ୍ରିପାଠୀ, ରାଜକିଶୋର ସ୍ୱାଇଁ, ବିଜୟ କୁମାର ସାହୁ,ସରୋଜକାନ୍ତ ରଥ, ତିଳୋତ୍ତମା ପାଣିଗ୍ରାହୀ, ଲୋକନାଥ ସେଠୀ, ସୁଶୀଳ କୁମାର ରାଉତ, ରାଜୀବ କୁମାର ଷଡ଼ଙ୍ଗୀ, ନୃସିଂହ ଚରଣ ଜେନା, ବନଲତା ମହାପାତ୍ର ଓ ନିରୁପମା ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ କବି ମହେନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ମନୋରଞ୍ଜନ ପଣ୍ଡା ଅତିଥି ପରିଚୟ ଓ କବିତା ସମୀକ୍ଷା କରିଥିଲେ। କବି ବିପଦବାନ୍ଧବ ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

# ମା’ଙ୍କ ଘଟ ସ୍ଥାପନ ସମ୍ପନ୍ନ, ଆଜିଠାରୁ ସ୍ୱତନ୍ତ୍ର ବେଶ

**କଟକ,୧୪।୯/ଏନ୍‌ଏନ୍‌ଏସ୍:** ମୂଳାଷ୍ଟମୀ ତିଥିରେ ରାଜ୍ୟର ଦେବୀପୀଠମାନଙ୍କରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଚଣ୍ଡୀମନ୍ଦିର, ଗଡ଼ଚଣ୍ଡୀମନ୍ଦିର ଓ ଝାଞ୍ଜିରିମଙ୍ଗଳା ମନ୍ଦିର ଭଳି ଶକ୍ତିପୀଠରେ ମା’ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ମହାନଦୀ କୂଳରେ ଆବାହନ କରାଯାଇ ଘଟ ସ୍ଥାପନ କାର୍ଯ୍ୟକ୍ରମ କରାଯାଇଛି। ଆଜି ପୂର୍ବାହ୍ନରେ ମା’କଟକ ଚଣ୍ଡୀ, ମା’ଗଡ଼ଚଣ୍ଡୀଙ୍କ ଘଟସ୍ଥାପନ ପାଇଁ ପୂଜାର୍ଚ୍ଚନା ସହ ମାଟି ଅଣାଯାଇ ପବିତ୍ର ଘଟ ସ୍ଥାପନ କରାଯାଇଥିଲା। ସେହିପରି ମା’ଝାଞ୍ଜିରମଙ୍ଗଳାଙ୍କ ଘଟ ସ୍ଥାପନ ହୋଇଛି। ପୂର୍ବାହ୍ନରେ କାଠଯୋଡ଼ି ନଦୀ କୂଳରେ ଏହି କାର୍ଯ୍ୟସମ୍ପନ୍ନ ହୋଇଛି। ଆସନ୍ତା କାଲିଠାରୁ ଦୈନିକ ମା’ଙ୍କ ସ୍ୱତନ୍ତ୍ର ବେଶ ପୀଠେ ବିଜୟା ଦଶମୀ ପର୍ଯ୍ୟନ୍ତ କରାଯିବ। ସେଥିପାଇଁ ଚଣ୍ଡୀମନ୍ଦିର, ଗଡ଼ଚଣ୍ଡୀ ମନ୍ଦିର ଓ ଝାଞ୍ଜିରିମଙ୍ଗଳା ମା’ଙ୍କ ମନ୍ଦିର ସମ୍ପ୍ରତି ଚଳଚଞ୍ଚଳ ହୋଇଉଠିଛି। ଏହି ପୂଜାରେ ମା’ଙ୍କର ସ୍ୱତନ୍ତ୍ର ବେଶ ରେ ଭକ୍ତଙ୍କୁ ଦର୍ଶନ ଦେବେ। ପ୍ରଥମେ ଭୁବନେଶ୍ୱରୀ ବେଶ ଆରମ୍ଭ ହୋଇ ଶେଷ ଦିନ ମହିଷାମର୍ଦ୍ଦିନୀ ବେଶରେ ମା’ ଦର୍ଶନ ଦେବା ସହ ଷୋଡ଼ଶ ଉପଚାର ପୂଜା ଶେଷହେବ। ବର୍ଷକୁ ଥରେ କଟକ ବିଭିନ୍ନ ଦେବୀପୀଠରେ ଏହି ସ୍ୱତନ୍ତ୍ର ପୂଜା କରାଯାଇଥାଏ। ଷୋଡ଼ଶ ଉପଚାର ପୂଜା ମଧ୍ୟରେ ନବରାତ୍ର ପଡ଼ିଥାଏ। ଏହି ସମୟରେ ଚଣ୍ଡୀମନ୍ଦିର ଓ ଗଡ଼ଚଣ୍ଡୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ।



## ଦଳିତ ମହିଳାଙ୍କୁ ଆକ୍ଷେପ ପ୍ରତିବାଦରେ ବିଡିଓଙ୍କୁ ଗିରଫ ଦାବି



**କଟକ,୧୪।୯/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ କନ୍ଦରପୁର ଥାନା ଆୟତପୁର ପଞ୍ଚାୟତର ୧୭ ନମ୍ବର ୱାର୍ଡରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ସେଠାରେ ପଢୁଥିବା ଛୋଟ ଛୋଟ ଦଳିତ ପିଲାମାନଙ୍କୁ ଜାତିଆଣ ଆକ୍ଷେପ କରି ବାରମ୍ବାର ଗାଳିଦେଇ ମାଡ଼ ମାରୁଛନ୍ତି। ଏହାକୁ ବିରୋଧ କରି କିଛି ମହିଳା ବ୍ଲକର ସଡିପିଓ ଏବଂ ବିଡିଓଙ୍କୁ ସାକ୍ଷାତ କରି ଅଙ୍ଗନବାଡି କର୍ମୀକୁ ସେଠାରୁ ସ୍ଥାନାନ୍ତର କରିବାକୁ ଅଡ଼ି ବସିଥିଲେ। ମାତ୍ର ବିଡିଓ ଏବଂ ସିଡିପିଓ ଉକ୍ତ ମହିଳାମାନଙ୍କୁ ଜାତିଗତ ଆକ୍ଷେପ କରିଥିବା ପ୍ରତିବାଦରେ କନ୍ଦରପୁର ଥାନାରେ ଏକ ଏତଲା ଦେଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନହୋଇଥିବାରୁ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ଲାଗି ଦାମୋଦରପୁର-୨ ଗ୍ରାମର ରଶ୍ମି ଭୋଇ, ମମତା ଦାସ, ରଞ୍ଜିତା ଦାସ, ସୁନିତା ଦାସ, ମିନତି ଭୋଇ, ନିବେଦିତା ଦାସ, ସୁଚିତ୍ରା ଦାସ, ସୋନୀ ଦାସ ଓ ସୁଜାତା ଦାସ ଦାବି କରିଛନ୍ତି। ତୁରନ୍ତ ଅଙ୍ଗନବାଡି କର୍ମୀ, ବିଡିଓ ଏବଂ ସିଡିପିଓଙ୍କୁ ଗିରଫ କରାନଗଲେ ଆସନ୍ତା ୨୬ ତାରିଖରେ କଳିଙ୍ଗ ନ୍ୟାସନାଲ ଫ୍ରଣ୍ଟ ପକ୍ଷରୁ ଓଡ଼ିଶା ପୁଲିସ ମୁଖ୍ୟାଳୟ ଘେରାଉ କରାଯିବା ପାଇଁ ଦଳର ସଭାପତି ବସନ୍ତ କୁମାର ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ଫ୍ରଣ୍ଟ କାର୍ଯ୍ୟକାରୀ ସଭାପତି ପ୍ରଦୀପ ରାଉତରାୟ, ମହିଳା ସଭାପତି ଜାନକି ରାଉତ, ସାଧାରଣ ସମ୍ପାଦକ ଲକ୍ଷ୍ମୀକାନ୍ତ ବେହେରା ସାଧାରଣ ସମ୍ପାଦକ ଶୁଶାନ୍ତ ନାୟକ ଏବଂ ରାଜ୍ୟ ସମ୍ପାଦକ ଚିହ୍ନୟ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ତୈଳିକ ବୈଶ୍ୟ ସମାଜ ପକ୍ଷରୁ ମହିଳା ସମ୍ମିଳନୀ



**କଟକ,୧୪।୯/ଏନ୍‌ଏନ୍‌ଏସ୍:** କଟକ ମହାନଗର ତୈଳିକ ବୈଶ୍ୟ ସମାଜ ମହିଳା ସମ୍ମିଳନୀ -୨୦୨୫ ସ୍ଥାନୀୟ କଳା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଇଂ. କରିସ୍ମା ସାହୁଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ମହିଳା ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ସିନେ ତାରକା ବବି ମିଶ୍ର, ଚ୍ୟାଟାର୍ଡ ଆକାଉଣ୍ଟାଣ୍ଟ ସାଗରିକା ମିଶ୍ର, ଡ. ଉତ୍ତମ ଚନ୍ଦ୍ର ସାହୁ, ହିନ୍ଦୁ ସେନାର ରାଜ୍ୟ ସଭାପତି ଦେବାଶିଷ ରାଉତ, ଡ. ରତନ ମିଶ୍ର ସୌମିତ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜୟଲକ୍ଷ୍ମୀ ସାହୁଙ୍କୁ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ସମ୍ମାନିତ କରାଯାଇଛି।

## ଶ୍ରୀ ସମ୍ପୂର୍ଣ୍ଣା ସମବାୟ ସମିତିର ବୈଠକ



**କଟକ,୧୪।୯/ଏନ୍‌ଏନ୍‌ଏସ୍:** ଶ୍ରୀ ସମ୍ପୂର୍ଣ୍ଣା ସମବାୟ ସମିତିର ବାର୍ଷିକ ସାଧାରଣ ପରିଷଦ ବୈଠକ ସିଡିଏ ସେକ୍ଟର-୭ରେ ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ଚପଳା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦିକା ବିମଳା ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଉଦ୍‌ଘାଟିକା ଭାବେ ଆକାଶବାଣୀ କଟକର ଉଦ୍‌ଘୋଷିକା ବର୍ଷା ପଟ୍ଟନାୟକ, ମୁଖ୍ୟଅତିଥି ଭାବେ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ପରିଚାଳକ ଚିରଞ୍ଜୀବୀ ଦତ୍ତ, ମୁଖ୍ୟବକ୍ତା ଭାବେ ଅର୍ବାନ ବ୍ୟାଙ୍କର ନିର୍ଦ୍ଦେଶକ ଧର୍ମେଶ ନାୟକ, ସମ୍ମାନିତ ଅତିଥି ରୂପେ ଆଇନଜୀବୀ କରୁଣାକର ରଥ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଠଯୋଡ଼ି ବିହାର ଉନ୍ନୟନ ପରିଷଦର ସଭାପତି ଦିଲ୍ଲୀପ ବେହେରା, ଏସ୍‌ଆର୍‌ସିଏସ୍ ରଞ୍ଜିତା ପ୍ରଧାନ, ସମାଜସେବୀ ଚିନ୍ମୟୀ ସାହୁ ଯୋଗ ଦେଇଥିଲା ବେଳେ ସମିତିର ନିର୍ଦ୍ଦେଶିକା ମଞ୍ଜୁଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଦୁଇ ଶହରୁ ଉର୍ଦ୍ଧ୍ୱ ସଦସ୍ୟା ଉପସ୍ଥିତ ଥିଲେ।

## ଲୋକସେବା ପକ୍ଷରୁ ବୃକ୍ଷରୋପଣ



**କଟକ,୧୪।୯/ଏନ୍‌ଏନ୍‌ଏସ୍:** ଲୋକସେବା କଟକ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ‘ଏକ ପେଡ଼ ମାଆକେ ନାମ ୨.୦’ଅଭିଯାନର ଅଂଶ ଭାବେ ସିଡିଏ-୬ ସ୍ଥିତ ବୀରକିଶୋର ପାର୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଦସ୍ୟମାନଙ୍କ ସହିତ ସହରବାସୀଙ୍କୁ ପରିବେଶ ସୁରକ୍ଷାର ସନ୍ଦେଶ ଦିଆଯାଇଥିଲା। ଏଠାକୁ ବ୍ୟାୟାମ ପାଇଁ ଆସୁଥିବା ବ୍ୟକ୍ତିମାନେ ମଧ୍ୟ ସଦସ୍ୟମାନଙ୍କ ସହ ମିଶି ବୃକ୍ଷରୋପଣ କରିଥିଲେ ଏବଂ ପରିବେଶ ସୁରକ୍ଷାର ନାରା ଦେଇଥିଲେ। ଲୋକସେବାର ସଦସ୍ୟ ଜୟଶ୍ରୀ ସାହୁ, ଶୁଭ୍ରଜିତ ସ୍ୱାଇଁ, ପ୍ରୀତବାସ ସାହୁ, ଅବିନାଶ ଦାସ, ଅଭିଷେକ ନାୟକ, ପୁଷ୍ପାଞ୍ଜଳି ସାହୁ ଓ ବୈଦ୍ୟନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଏସ୍. କେ. କଲ୍ଲିମୁଲ୍ଲା ପରିବେଶ ସୁରକ୍ଷାରେ ଯୁବପିଢ଼ିଙ୍କୁ ସକ୍ରିୟ ଭାବରେ ଯୋଗଦେବାକୁ ଉତ୍ସାହିତ କରିଥିଲେ। ପାର୍କ ସୁପରଭାଇଜର ଶଙ୍କର୍ଷଣ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିଡ଼ାନାସୀରେ ରକ୍ତଦାନ ଶିବିର

**କଟକ,୧୪।୯/ଏନ୍‌ଏନ୍‌ଏସ୍:** ବିଡ଼ାନାସୀ - ରାମମନ୍ଦିର ନିକଟସ୍ଥ ରଶ୍ମି ପ୍ୟାଲେସ୍ ପରିସରରେ ଆଜି ଅଟଳ ସ୍ମୃତି କମିଟି ତରଫରୁ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମାଜସେବୀ, ଯୁବକ, ଯୁବତୀ ଓ ନାଗରିକମାନେ ଉତ୍ସାହିତ ହୋଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ନେତା ଡ଼. ଯତୀନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଡ଼. ପ୍ରଦୀପ ମହାନ୍ତି, ସୁରଥ ବିଶ୍ୱାଳ ଓ କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ ଯୋଗ ଦେଇଥିଲେ।

## ରାମକୃଷ୍ଣ କୁଟୀରରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କଟକ,୧୪।୯/ଏନ୍‌ଏନ୍‌ଏସ୍:** ବଙ୍ଗାଳୀସାହି ସ୍ଥିତ ରାମକୃଷ୍ଣ କୁଟୀରରେ ନବାଗତ ଅନ୍ତେବାସୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରମାନେ ନବାଗତ ଅନ୍ତେବାସୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ପ୍ରଫେସର ଡ଼ଃ. ସତ୍ୟକାମ ମିଶ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଡ଼ଃ. ସତ୍ୟ ରାୟ ଯୋଗ ଦେଇଥିଲେ। ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସହ ସମ୍ପାଦକ ଭୁବନାନନ୍ଦ ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ ଓ ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଲକ୍ଷ୍ମୀ ନାରାୟଣ ଦାଶ, ଅଭୟ ରାଉତ, ପ୍ରଶାନ୍ତ କୁମାର ଜେନା, ଚିତ୍ତରଞ୍ଜନ ଦାଶ, ମିଲନ୍ କୁମାର ବଡୁ, ଡ଼ଃ ଓଁକାର ରାଉତ ଓ ବିଦ୍ୟୁତ୍ ଲାଲା ପ୍ରମୁଖ ଯୋଗ ଦେଇଥିଲେ।

# ତୃତୀୟ ପର୍ଯ୍ୟାୟ ଗଣେଶ ଭସାଣି ଶାନ୍ତିଶୃଙ୍ଖଳାରେ ଶେଷ

**କଟକ,୧୪।୯/ଏନ୍‌ଏନ୍‌ଏସ୍:** କଟକ ସହରରେ ଆଜି ତୃତୀୟ ପର୍ଯ୍ୟାୟ ଗଣେଶ ଭସାଣି ଉତ୍ସବ ଶେଷ ହୋଇଛି। ତୃତୀୟ ପର୍ଯ୍ୟାୟ ଭସାଣିରେ ସାମିଲ ହେବା ପାଇଁ କଟକ ଯୁପିଡ଼ିରେ ୩୮୦ରୁ ଉର୍ଦ୍ଧ୍ୱ ପୂଜା କମିଟି ଓ କ୍ଲବ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ଅପରାହ୍ନ ୪ଟାରେ ପ୍ରତିମାଗୁଡ଼ିକ ସାହି ପରିକ୍ରମା କରିବା ପରେ ଭସାଣିରେ ଯୋଗ ଦେଇଥିଲେ। ବିଭିନ୍ନ କ୍ଲବ ପକ୍ଷରୁ ବାଜା ଲାଇଟ ଓ ଅନ୍ୟାନ୍ୟ ସାଜସଜ୍ଜା ନେଇ ପ୍ରତିମାଗୁଡ଼ିକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭସାଣି ଦେଖିବାକୁ ବିଭିନ୍ନ ଛକରେ ଲୋକମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

ଆଜି ସହର ଓ ଏହା ଉପକଣ୍ଠର ପ୍ରାୟ ୩୮୦ଟି ପ୍ରତିମା ବିଭିନ୍ନ ଅସ୍ଥାୟୀ ଜଳାଶ୍ରୟରେ ବିସର୍ଜନ କରାଯାଇଥିଲା। ଛୋଟମୋଟ କିଛି ଘଟଣାକୁ ବାଦ୍‌ଦେଲେ ତୃତୀୟ ପର୍ଯ୍ୟାୟ ଗଣେଶ ଭସାଣି ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଥିବା ଜଣାପଡ଼ିଛି। ଭସାଣି ଉତ୍ସବରେ ଶବ୍ଦ ପ୍ରଦୂଷଣ ଉପରେ କଡ଼ା କଟକଣା ଜାରି କରାଯାଇଥିଲା। ଗୋଟିଏ ଶୋଭାଯାତ୍ରାରେ କେବଳ ୬ଟି ସାଉଣ୍ଡ ବକ୍ସ ସୀମିତ ରହିବା ସହ ୩ଟି ଟଲିରେ ଭସାଣ କରିବାକୁ ପୁଲିସ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା। କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସମସ୍ତ ପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ପାଇଁ ୧୫୦ରୁ ଉର୍ଦ୍ଧ୍ୱ ଅଫିସରଙ୍କ ସମେତ ସହରର ବିଭିନ୍ନ ସ୍ଥାନରେ ୨୮ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ କରାଯାଇଥିଲା। ଏହାଛଡ଼ା ଥାନାୱାରୀ ଫୋର୍ସ ନିୟୋଜିତ ହୋଇଥିଲେ। ଜୋନ୍ ଏସିପିଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀମାନେ ନିଜ ଅଞ୍ଚଳରେ ଭସାଣି ପରିଚାଳନା କରିଥିଲେ। ଡିସିପି ରିଶିକେଶ ଖିଲାରୀଙ୍କ ସହିତ ୩ ଅତିରିକ୍ତ ଡିସିପି ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ଆଜି ରାତି ୧୦ଟାରେ ପୁଲିସ ଶୋଭାଯାତ୍ରାରେ ପ୍ରବେଶ କରି ସମସ୍ତ ବିଦ୍ୟୁତ ସମ୍ପର୍କିତ ବାଦ୍ୟଯନ୍ତ୍ରକୁ ବନ୍ଦ କରିଦେଇଥିଲା। ଏହା ପରେ କେବଳ ପାରମ୍ପାରିକ ବାଜା ଓ ଘଣ୍ଟାବଜାଇ ପ୍ରତିମାଗୁଡ଼ିକୁ ନିଆଯାଇ ଅସ୍ଥାୟୀ ଜଳାଶ୍ରୟରେ ବିସର୍ଜନ କରାଯାଇଥିଲା। ରାତି ୧୦ଟା ସୁଦ୍ଧା ୩୮୦ରୁ ଉର୍ଦ୍ଧ୍ୱ ଗଣେଶ ପ୍ରତିମା ବିସର୍ଜିତ ହୋଇଥିବା ଜଣାପଡ଼ିଛି। ମୋଟାମୋଟି ଭାବେ ଶାନ୍ତି ଶୃଙ୍ଖଳାର ସହିତ ସହରରେ ତୃତୀୟ ପର୍ଯ୍ୟାୟ ଗଣେଶ ଭସାଣି ଶେଷ ହୋଇଛି। ଆସନ୍ତା ୨୧ ତାରିଖ ଦିନ ଏକ ସ୍ୱତନ୍ତ୍ର ଭସାଣିରେ କେବଳ ୧୭ଟି ଘାଣ୍ଟଖିଆ ଗଣେଶ କମିଟି ଶୋଭାଯାତ୍ରାରେ ଯିବା ନେଇ ପୁଲିସ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, କଟକ କମିଶନରେଟ ପୁଲିସ ଅଞ୍ଚଳରେ ଚଳିତ ବର୍ଷ ୧୨୮୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପ ଓ କ୍ଲବ ଗୁଡ଼ିକରେ ଗଣେଶ ପ୍ରତିମା ପୂଜା କରାଯାଇଥିଲା।



## ଓଡ଼ିଶା ପୁଲିସ ହାଇସ୍କୁଲ୍‌ରେ ବୃକ୍ଷରୋପଣ

**କଟକ,୧୪।୯/ଏନ୍‌ଏନ୍‌ଏସ୍:** ସିଡିଏ ବରିଷ୍ଠ ନାଗରିକ ମହାସଂଘ(ସିବନାମ)ପକ୍ଷରୁ କଟକ ସହରସ୍ଥ ବକ୍ସିବଜାରରେ ଅବସ୍ଥିତ ଓଡିଶା ପୁଲିସ ହାଇସ୍କୁଲ (ରିଜର୍ଭ ପୋଲିସ ଲାଇନ)ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମମତା କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ‘ସିବନାମ’ର ମହାସଚିବ ବିଶିଷ୍ଟ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ସଂଘର ମୁଖ୍ୟ ଉପଦେଷ୍ଟା ଆଡ଼ଭୋକେଟ ଧରଣୀ ପଟ୍ଟନାୟକ, ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର, ଉପ-ସଭାପତି ନକୁଳ ଚନ୍ଦ୍ର ମହାରଣା, ଖାନନଗର ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ଶିକ୍ଷାବିତ୍ ଅକ୍ଷୟ କୁମାର ଷଡ଼ଙ୍ଗୀ, ଗୀତାଞ୍ଜଳି ମିଶ୍ର, ଅମିତା ପ୍ରଜ୍ଞା ପଣ୍ଡା, ଶିକ୍ଷକ ଶେଖ ଜହୁରୁଦ୍ଦିନ, ଦିଲ୍ଲୀପ କୁମାର ପରିଡା, ଶେଷଦେବ ନାୟକ ଓ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ମହିଳା ହକି ଏସିଆ କପ୍‌ରେ ଭାରତ ରନର୍ସଅପ୍



**ନୂଆଦିଲ୍ଲୀ,୧୪।୯/ଏଜେନ୍ସି:** ମହିଳା ହକି ଏସିଆ କପ୍‌ରେ ଭାରତୀୟ ଟିମ୍ ରନର୍ସଅପ୍ ହୋଇଛି। ରବିବାର ଚୀନ୍‌ର ହାଙ୍ଗ୍‌ଝୁରେ ଅନୁଷ୍ଠିତ ଫାଇନାଲ୍‌ରେ ଆୟୋଜକ ଚୀନ୍ ୪-୧ରେ ଭାରତକୁ ହରାଇ ଟାଇଟଲ୍ ନିଜ ନାମରେ କରିଛି। ଏହା ସହିତ ଚୀନ୍ ବେଲଜିୟମ୍ ଓ ନେଦରଲାଣ୍ଡରେ ହେବାକୁ ଥିବା ୨୦୨୬ ବିଶ୍ୱକପ୍ ପାଇଁ ସିଧା ଯୋଗ୍ୟତା ଅର୍ଜନ କରିଛି। ଫାଇନାଲ୍‌ରେ ଭାରତ ପକ୍ଷରୁ ଏକମାତ୍ର ଗୋଲ୍‌ଟି ମ୍ୟାଚ୍‌ରେ ପ୍ରଥମ ମିନିଟ୍‌ରେ ନବନୀତ କୌର୍ ପେନାଲ୍ଟି କର୍ଣ୍ଣର୍‌ରୁ ଦେଇଥିଲେ।

ମ୍ୟାଚ୍‌ରେ ଭାରତ ଆକ୍ରମଣାତ୍ମକ ଆରମ୍ଭ କରି ପ୍ରଥମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର୍ ହାସଲ କରିଥିଲା। ପ୍ରାରମ୍ଭିକ ଦୁଇଟି କର୍ଣ୍ଣର୍‌ରେ ଗୋଲ୍ ହୋଇନଥିବା ବେଳେ ତୃତୀୟ କର୍ଣ୍ଣର୍‌ରେ ନବୀନ ଗୋଲ୍ ସ୍କୋର୍ କରିଥିଲେ। ଏହି କ୍ୱାର୍ଟର୍‌ରେ ଚୀନ୍‌କୁ ୪ ପେନାଲ୍ଟି କର୍ଣ୍ଣର୍ ମିଳିଥିଲେ ମଧ୍ୟ ଟିମ୍ ଗୋଲ୍ କରିବାରେ ସଫଳ ହୋଇନଥିଲା। ଦ୍ୱିତୀୟ କ୍ୱାର୍ଟର୍‌ରେ ୨୧ତମ ମିନିଟ୍‌ରେ ଚୀନ୍‌କୁ ମିଳିଥିବା ପେନାଲ୍ଟି କର୍ଣ୍ଣର୍‌ରୁ ଜିଶିୟା ୟୁ ଗୋଲ୍ ଦେଇ ସ୍ଥିତି ୧-୧ କରିଥିଲେ। ଏହାପରେ ଚୀନ୍‌ର ଆତ୍ମବିଶ୍ୱାସ ବୃଦ୍ଧି ପାଇଥିଲା ଏବଂ ଟିମ୍ ଭାରତୀୟ ଡିଫେନ୍ସ ଉପରେ ଲଗାତାର ଚାପ ସୃଷ୍ଟି କରିଥିଲା। ହାଫ୍ ଟାଇମ୍ ପର୍ଯ୍ୟନ୍ତ ସ୍କୋର୍ ୧-୧ ରହିଥିଲା। ଦ୍ୱିତୀୟ ହାଫ୍‌ରେ ଭାରତ ଆକ୍ରମଣ ଜୋରଦାର କରିଥିଲେ ମଧ୍ୟ ଫଳ କିଛି ମିଳିଥିଲା। ଚୀନ୍ ଡିଫେଣ୍ଡର୍ ଚୀନ୍ ଡିଫେନ୍ସ ଭେଦ କରିପାରିନଥିଲେ। ଅନ୍ତିମ କ୍ୱାର୍ଟର୍‌ର ଦୁଇ ମିନିଟ୍ ମଧ୍ୟରେ ଚୀନ୍ ଆଉ ଦୁଇଟି ଗୋଲ୍ କରିଥିଲା। ମେଇରୋଙ୍ଗ୍ ଜୁ ୫୧ତମ ମିନିଟ୍‌ରେ ଏବଂ ଦୁଇ ମିନିଟ୍ ପରେ ଜିୟାକୀ ଝୋଙ୍ଗ୍ ଫିଲ୍ଡ ଗୋଲ୍ ଦେଇ ଟିମ୍‌କୁ ୪-୧ରେ ବିଜୟୀ କରାଇଥିଲେ।

## ଫାଇନାଲ୍‌ରେ ଚୀନ୍ ୪-୧ରେ ହରାଇଲା

ବଲ୍ ନିଜ ସର୍କଲ୍‌ରେ ପଶିବାକୁ ଦେଇନଥିଲେ। ଇତିମଧ୍ୟରେ ତୃତୀୟ କ୍ୱାର୍ଟର୍‌ର ଚତୁର୍ଥ ମିନିଟ୍‌ରେ ହିଁ ହୋଙ୍ଗ୍ ଲି ଏକ ଚମତ୍କାର ଫିଲ୍ଡ ଗୋଲ୍ କରିଆରେ ଚୀନ୍‌କୁ ୨-୧ରେ ଆଗୁଆ କରିଥିଲେ। ଗୋଟିଏ ଗୋଲ୍ ପଛରେ ରହିବା ପରେ ଭାରତୀୟ ଖେଳାଳି ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର୍‌ରେ ବହୁ ଉଦ୍ୟମ କରିଥିଲେ ମଧ୍ୟ

ମହିଳା ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଭାରତ ସେପ୍ଟେମ୍ବର ୫ ତାରିଖରେ ବିହାରର ରାଜଗିରିରେ ଖେଳାଯାଇଥିବା ପୁରୁଷ ଏସିଆ କପ୍ ଫାଇନାଲ୍‌ରେ ସାଉଥ୍ କୋରିଆକୁ ୪-୧ ଗୋଲ୍ ହରାଇ ଟାଇଟଲ୍ ଜିତିଥିଲା। ଏହା ସହିତ ବିଶ୍ୱକପ୍ ପାଇଁ ସିଧା ଯୋଗ୍ୟତା ଅର୍ଜନ କରିଥିଲା।

# ବିଶ୍ୱ ବକ୍ସିଂ: ମୀନାକ୍ଷୀଙ୍କୁ ସ୍ୱର୍ଣ୍ଣ

**ଲିଭରପୁଲ୍,୧୪।୯/ଏଜେନ୍ସି:** ଇଂଲଣ୍ଡର ଲିଭର୍‌ପୁଲରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିଅନ୍‌ଶିପ୍‌ରେ ଭାରତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛି। ରବିବାର ମୀନାକ୍ଷୀ ୪୮ କେଜି ବର୍ଗର ଫାଇନାଲ୍‌ରେ ତିନି ଥରର ବିଶ୍ୱ ବିଜେତା କଜାକିସ୍ତାନର ନଜିମ୍ କିଜାଇବେଙ୍କୁ ୪-୧ରେ ହରାଇ ଦେଇଛନ୍ତି। ମୀନାକ୍ଷୀ ଏହି ଟୁର୍ଣ୍ଣାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାରେ ଦ୍ୱିତୀୟ ଭାରତୀୟ ବକ୍ସର। ଏହା ପୂର୍ବରୁ ଜସ୍ମିନ୍ ଲମ୍ବୋରିୟା ୫୭ କେଜି ବର୍ଗର ଫାଇନାଲ୍‌ରେ ପୋଲାଣ୍ଡର ଜୁଲିୟା ସେଜରେମେଟାଙ୍କୁ ୪-୧ରେ ମାତ୍ ଦେଇ ଚାମ୍ପିଅନ୍ ହୋଇଥିଲେ। ଏହା ସହିତ ଚଳିତ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ଭାରତ ଚତୁର୍ଥ ପଦକ ଜିତିଛି। ଏଥିରେ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ମଧ୍ୟ ସାମିଲ। ଏହା ପୂର୍ବରୁ ନୂପୁର ୮୦+ କେଜି ଫାଇନାଲ୍‌ରେ ଉପବିଜେତା ହୋଇଥିବା ବେଳେ ପୂଜା ରାଣୀଙ୍କୁ ୮୦ କେଜି ବର୍ଗରେ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ମୀନାକ୍ଷୀଙ୍କ ଏହି ସ୍ୱର୍ଣ୍ଣ ପଦକ ସହିତ ଭାରତର ବିଶ୍ୱ ଚାମ୍ପିଅନ୍ ସଂଖ୍ୟା ଦୁଇଅଙ୍କରେ ପହଞ୍ଚିଛି। ବିଶ୍ୱ ବକ୍ସିଂ ଚାମ୍ପିଅନ୍‌ଶିପ୍‌ର ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିବାରେ ମୀନାକ୍ଷୀ ଭାରତର ୧୦ମ ବକ୍ସର୍ ହୋଇଛନ୍ତି। ଚାମ୍ପିଅନ୍‌ଶିପ୍ ଇତିହାସରେ ସେ ଭାରତକୁ ୧୬ଶ ସ୍ୱର୍ଣ୍ଣ ପଦକ ଦେଇଛନ୍ତି। ଚାମ୍ପିଅନ୍‌ଶିପ୍‌ରେ ଭାରତ ବର୍ତ୍ତମାନ ସୁଦ୍ଧା ୯ ରୌପ୍ୟ ଓ ୨୨ ବ୍ରୋଞ୍ଜ୍ ପଦକ ଜିତିସାରିଛି।




ଟୁର୍ଣ୍ଣାମେଣ୍ଟରେ ମହିଳା ବକ୍ସର୍‌ଙ୍କ ଚମତ୍କାର ସଫଳତା ବିପରୀତ ପୁରୁଷ ବର୍ଗ ପାଇଁ ଏହି ଚାମ୍ପିଅନ୍‌ଶିପ୍ ନୈରାଶ୍ୟଜନକ ରହିଛି। ଭାରତ ୧୦ ଜଣିଆ ପୁରୁଷ ଟିମ୍ ବିନା ପଦକରେ ଫେରିଛି। ଭାରତୀୟ ବକ୍ସର୍ ଖାଲି ହାତରେ ଫେରିବା ଏହା ୨୦୧୩ ପରେ ପ୍ରଥମ ଘଟଣା।

# ଡେଭିସ୍ କପ୍‌ରେ ସ୍ୱିଜରଲାଣ୍ଡକୁ ହରାଇଲା ଭାରତ

**ନୂଆଦିଲ୍ଲୀ,୧୪।୯/ଏଜେନ୍ସି:** ଭାରତୀୟ ଟେନିସ୍ ଟିମ୍ ସ୍ୱିଜରଲାଣ୍ଡର ବିଏଲ୍ ସହରରେ ଶନିବାର ଇତିହାସ ରଚିଛି। ଡେଭିସ୍ କପ୍ ୨୦୨୫ ବିଶ୍ୱ ଗ୍ରୁପ୍-୧ରେ ଭାରତ ସ୍ୱିଜରଲାଣ୍ଡକୁ ୩-୧ରେ ହରାଇ ଦେଇଛି। ଏହା ୩୨ ବର୍ଷ ପରେ କୌଣସି ୟୁରୋପୀୟ ଟିମ୍ ବିପକ୍ଷରେ ଭାରତର ପ୍ରଥମ ବିଜୟ। ଶେଷଥର ପାଇଁ ଏହି ଉପଲବ୍ଧି ୧୯୯୩ରେ ଫ୍ରାନ୍ସ ବିପକ୍ଷରେ ମିଳିଥିଲା। ଏହି ବିଜୟ ସହିତ ଭାରତୀୟ ଟିମ୍ ଡେଭିସ୍ କପ୍ ୨୦୨୬ କ୍ୱାଲିଫାୟର୍‌ରେ ସ୍ଥାନ ପକ୍କା କରିଛି। ଭାରତୀୟ ଟିମ୍ ଶନିବାର ଡବଲ୍ସ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ସ୍ୱିଜରଲାଣ୍ଡର ଜ୍ୟାକୁବ୍ ପଲ୍ ଏବଂ ଡୋମିନିକ୍ ଷ୍ଟ୍ରିକରଙ୍କ ଯୋଡ଼ି ଏନ୍. ଶ୍ରୀରାମ ବାଲାଜୀ ଓ ରତ୍ୱିକ୍ ବୋଲିପଲ୍ଲୀଙ୍କୁ ୬-୭, ୬-୪, ୭-୫ରେ ମାତ୍ ଦେଇଥିଲା। ଏହାପରେ ସୁମିତ୍ ନାଗଲ୍ ୬-୧, ୬-୩ରେ ହେନରୀ ବର୍ନେଟ୍‌ଙ୍କ ହରାଇ ଦେଇଥିଲେ। ଏହା ସହିତ ଭାରତ ୩-୧ରେ ବିଜୟୀ ହୋଇଥିଲା। ଏହା ପୂର୍ବରୁ ଭାରତ ପ୍ରଥମ ଦିନ



ଶୁକ୍ରବାର ନିଜର ଦୁଇଟି ଯାକ ସିଙ୍ଗଲ୍ସ ମ୍ୟାଚ୍ ଜିତିଥିଲା। ରିଜର୍ଭ ଖେଳାଳି ଦକ୍ଷିଣେଶ୍ୱର ସୁରେଶ ୭-୬, ୬-୩ରେ ଜୋରୋମ୍ କାଇମ୍‌ଙ୍କୁ ସିଧା ସେଟ୍‌ରେ ହରାଇ ଭାରତକୁ ପ୍ରଥମ ବିଜୟ ଦେଇଥିଲେ। ଏହାପରେ ସୁମିତ୍ ନାଗଲ ୬-୩, ୭-୬ରେ ମାର୍କ-ଏଣ୍ଡ୍ରିୟା ହ୍ୟୁସ୍ଲର୍‌ଙ୍କୁ ମାତ୍ ଦେଇଥିଲେ।

# ରାଜ୍ୟ ସ୍କୁଲ୍ ଓପନ୍ ଚେସ୍: ଜେଭି ଶିଭମ୍ ଚାମ୍ପିଅନ୍

**ଭୁବନେଶ୍ୱର,୧୪।୯/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଚନ୍ଦ୍ରଶେଖରପୁରରେ ସ୍ନିଗ୍ଧା ଏକାଡେମୀ ଏବଂ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ରବିବାର ପ୍ରଥମ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ମୋଟ ୫ ପଏଣ୍ଟ ହାସଲ କରି ଚନ୍ଦ୍ରଶେଖରପୁର ଡିଏଭିର ଜେଭି ଶିଭମ୍ ଚାମ୍ପିଅନ୍ ହୋଇଛନ୍ତି। କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ୍ ସ୍ୱରୂପ ସାହୁ (୪.୦) ରନର୍ସଅପ୍ ହୋଇଥିବା ବେଳେ ନାରାୟଣ ଟେକ୍ନୋ ସ୍କୁଲ୍‌ର ଦିବ୍ୟାଂଶୁ କୁମାର ପସାୟତ (୪.୦) ତୃତୀୟ ସ୍ଥାନରେ ରହିଛନ୍ତି। ବାଳିକା ବିଭାଗରେ ରାଇଶା ସାହୁ ପ୍ରଥମ ଓ ସାନ୍‌ଭୀ ପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବୟସ ବର୍ଗରେ ଶ୍ରେୟାଂଶ ଦେଓ, ଆରିଶ ନନ୍ଦ




ଗୋସ୍ୱାମୀ, ଅୟୁଷ ଦାସ ଏବଂ ରେୟାଂଶ ସ୍ୱାଇଁ ପ୍ରଥମ ହୋଇଛନ୍ତି। ଚାମ୍ପିଅନ୍‌ଶିପ୍‌କୁ ସ୍ନିଗ୍ଧା ଏକାଡେମୀର ଅଧକ୍ଷା ବିଚିତ୍ରା ରଥ ଉଦ୍‌ଘାଟନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ କନୋଜ କୁମାର ବେହେରା ଅତିଥି ଭାବେ ଉପସ୍ଥିତ ଥିଲେ।

# ଶୁଟିଂ ବିଶ୍ୱକପ୍: ବ୍ରୋଞ୍ଜ୍ ଜିତିଲେ ମେଘନା

## ପଞ୍ଚମ ସ୍ଥାନରେ ଭାରତର ଅଭିଯାନ ଶେଷ

**ନିଙ୍ଗ୍‌ବୋ (ଚୀନ୍),୧୪।୯/ଏଜେନ୍ସି:** ଭାରତୀୟ ଶୁଟର୍ ମେଘନା ସଜ୍ଜନାର୍ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ରବିବାର ମହିଳା ୧୦ ମିଟର ଏୟାର୍ ରାଇଫଲ୍‌ରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଏହା ବିଶ୍ୱକପ୍‌ରେ ତାଙ୍କର ପ୍ରଥମ ପଦକ। ଏହି ବ୍ରୋଞ୍ଜ୍ ପଦକ ସହିତ ଶୁଟିଂ ବିଶ୍ୱକପ୍‌ର (ରାଇଫଲ୍/ପିସ୍ତଲ) ଅନ୍ତିମ ସିଜନ୍‌ରେ ଭାରତ ପଞ୍ଚମ ସ୍ଥାନରେ ଅଭିଯାନ ଶେଷ କରିଛି। ଫାଇନାଲ୍‌ରେ ମେଘନା ୨୩୦.୦ ସ୍କୋର୍ ସହ ତୃତୀୟ ସ୍ଥାନରେ ରହିଥିଲେ। ଚୀନ୍‌ର ଉଦୀୟମାନ ତାରକା ପେଙ୍ଗ୍ ଶିନଲୁ ୨୫୫.୩ ସ୍କୋର୍ ସହ ଏହି ଇଭେଣ୍ଟରେ ନିଜ ଦେଶର ୱାଙ୍ଗ୍ ଜେଫେଇଙ୍କ ୨୫୪.୮ ସ୍କୋର୍‌ର ବିଶ୍ୱ ରେକର୍ଡ ଭଙ୍ଗ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ନରୱେର ଜେନେଟ୍ ହେଗ୍ ଡୁଏଷ୍ଟାଡ୍‌ଙ୍କୁ ରୌପ୍ୟ ପଦକ ମିଳିଛି। ଶନିବାର ଇଶା ସିଂହ ୧୦ ମିଟର ଏୟାର୍ ପିସ୍ତଲ ଇଭେଣ୍ଟରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଦେଇଥିଲେ। ଚୀନ୍ ତିନି ସ୍ୱର୍ଣ୍ଣ ପଦକ ସହ ପ୍ରଥମ ଏବଂ ନରୱେ ଦୁଇ ସ୍ୱର୍ଣ୍ଣ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଭାରତର ଅନ୍ୟ ଶୁଟର୍‌ଙ୍କ ମଧ୍ୟରେ ପ୍ୟାରିସ୍ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ସ୍ୱପ୍ନିଲ କୁସାଲେ ୫୮୭ ପଏଣ୍ଟ।

## ଦିନିକିଆ ସିରିଜ୍ ପାଇଁ ଭାରତ-ଏ ଟିମ୍ ଘୋଷିତ

# ନେତୃତ୍ୱ ନେବେ ପାଟିଦାର ଓ ତିଳକ ବର୍ମା




**ମୁମ୍ବାଇ,୧୪।୯/ଏଜେନ୍ସି:** ଭାରତ-ଏ' ଟିମ୍ ଅଷ୍ଟ୍ରେଲିଆ ବିପକ୍ଷରେ ଘରୋଇ ମାଟିରେ ଦୁଇଟି ମଲ୍ଟି ଡେ (ଚାରିଦିନିକିଆ ମ୍ୟାଚ୍) ମ୍ୟାଚ୍ ବ୍ୟତୀତ ତିନି ମ୍ୟାଚ୍‌ର ଅନଧିକୃତ ଦିନିକିଆ ସିରିଜ୍ ମଧ୍ୟ ଖେଳିବ। ମଲ୍ଟି-ଡେ ମ୍ୟାଚ୍ ପାଇଁ ଭାରତ-ଏ' ଟିମ୍ ପୂର୍ବରୁ ଘୋଷିତ ହୋଇସାରିଥିବା ବେଳେ ଏବେ ଦିନିକିଆ ସିରିଜ୍ ପାଇଁ ଟିମ୍ ଘୋଷଣା କରାଯାଇଛି। ପ୍ରଥମ ଦିନିକିଆରେ ରଜତ ପାଟିଦାର ଟିମ୍‌ର ନେତୃତ୍ୱ ନେବେ। ବାକି ଦୁଇଟି ଦିନିକିଆ ମ୍ୟାଚ୍‌ରେ ତିଳକ ବର୍ମା ଭାରତ-ଏ'ର କ୍ୟାପ୍‌ଟେନ୍ ହେବେ ଏବଂ ରଜତ ପାଟିଦାର ଭାଇସ୍ କ୍ୟାପ୍‌ଟେନ୍ ରହିବେ। ପ୍ରଥମ ଦିନିକିଆ ସେପ୍ଟେମ୍ବର ୩୦, ଦ୍ୱିତୀୟ ଅକ୍ଟୋବର ୩ ଏବଂ ତୃତୀୟ ଦିନିକିଆ ମ୍ୟାଚ୍ ଅକ୍ଟୋବର ୫ ତାରିଖରେ ଖେଳାଯିବ। ସମସ୍ତ ମ୍ୟାଚ୍‌ର କାନ୍‌ପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ଭାରତୀୟ ସମୟାନୁସାରେ ସାଢ଼େ ଗୋଟାଏ ବେଳେ ଆରମ୍ଭ ହେବ। ଭାରତୀୟ ସିନିୟର୍ ଟିମ୍‌ରେ ଖେଳିସାରିଥିବା ରିୟାନ୍ ପରାଗ, ରଜତ ପାଟିଦାର, ରବି ବିଷ୍ଣୋଇ ଦିନିକିଆ ସିରିଜ୍‌ର ସମସ୍ତ ତିନିଟି ଯାକ ମ୍ୟାଚ୍ ପାଇଁ ଟିମ୍‌ର ସଦସ୍ୟ ରହିବେ। ଅନ୍ୟପକ୍ଷରେ ତିଳକ ବର୍ମା, ହର୍ଷିତ ରାଣା, ଅର୍ଶଦୀପ୍ ସିଂହ ଓ ଅଭିଷେକ ଶର୍ମା ଏସିଆ କପ୍ ପରେ ଦ୍ୱିତୀୟ ଏବଂ ତୃତୀୟ ମ୍ୟାଚ୍ ପାଇଁ ଭାରତ-ଏ ସ୍କ୍ୱାଡ୍‌ରେ ଯୋଗଦେବେ।

**ପ୍ରଥମ ଦିନିକିଆ ପାଇଁ ଭାରତ-ଏ' ଟିମ୍:** ରଜତ ପାଟିଦାର (କ୍ୟାପ୍‌ଟେନ୍), ପ୍ରଭସିମରନ୍ ସିଂହ (ୱିକେଟ୍‌କିପର୍), ରିୟାନ୍ ପରାଗ, ଆୟୁଷ ବଡ଼ୋନୀ, ସୂର୍ଯ୍ୟାଂଶ ଶେଗଡ଼େ, ବିପ୍ରଜ ନଗମ, ନିଶାନ୍ତ ସିନ୍ଧୁ, ଗୁରଜପନୀତ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ୍ (ୱିକେଟ୍‌କିପର), ପ୍ରିୟାଂଶ ଆର୍ଯ୍ୟ, ସିମରନ୍‌ଜିତ୍ ସିଂହ।

**୨ୟ ଓ ୩ୟ ଦିନିକିଆ ପାଇଁ ଭାରତ-ଏ ଟିମ୍:** ତିଳକ ବର୍ମା (କ୍ୟାପ୍‌ଟେନ୍), ରଜତ ପାଟିଦାର (ଭାଇସ୍ କ୍ୟାପ୍‌ଟେନ୍), ଅଭିଷେକ ଶର୍ମା, ପ୍ରଭସିମ୍‌ରନ୍ ସିଂହ (ୱିକେଟ୍‌କିପର୍), ରିୟାନ୍ ପରାଗ, ଆୟୁଷ ବଡ଼ୋନୀ, ସୂର୍ଯ୍ୟାଂଶ ଶେଗଡ଼େ, ବିପ୍ରଜ ନିଗମ, ନିଶାନ୍ତ ସିନ୍ଧୁ, ଗୁରଜପନୀତ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ୍ (ୱିକେଟ୍‌କିପର୍), ହର୍ଷିତ ରାଣା, ଅର୍ଶଦୀପ ସିଂହ।

## ଦୁଲୀପ୍ ଟ୍ରଫି ଫାଇନାଲ୍: କାର୍ତ୍ତିକେୟଙ୍କୁ ୪ ୱିକେଟ୍

# ସାଉଥ୍ ଜୋନ୍ ୪୨୬ ରନ୍‌ରେ ଅଲ୍‌ଆଉଟ୍

**ବେଙ୍ଗାଲୁରୁ,୧୪।୯/ଏଜେନ୍ସି:** ଦୁଲୀପ୍ ଟ୍ରଫି ଫାଇନାଲ୍‌ର ଚତୁର୍ଥ ଦିନ ସାଉଥ୍ ଜୋନ୍ ଦ୍ୱିତୀୟ ଇନିଂସ୍‌ରେ ୪୨୬ ରନ୍ କରି ଅଲ୍‌ଆଉଟ୍ ହୋଇଛି। ଏହା ସହିତ ଟିମ୍ ଇନିଂସ୍ ପରାଜୟ ଟାଳି ଦେଇଛି। କିନ୍ତୁ ସେଣ୍ଟ୍ରାଲ୍ ଜୋନ୍ ଆଗରେ ମାତ୍ର ୬୫ ରନ୍‌ର ଲକ୍ଷ୍ୟ ମିଳିଛି। ପଞ୍ଚମ ତଥା ଅନ୍ତିମ ଦିନର ଖେଳ ସୋମବାର ସାଢ଼େ ୯ଟା ବେଳେ ଆରମ୍ଭ ହେବ। ବେଙ୍ଗାଲୁରୁର ସେଣ୍ଟର୍ ଅଫ୍ ଏକ୍ସେଲେନ୍ସି ଗ୍ରାଉଣ୍ଡରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ସେଣ୍ଟ୍ରାଲ୍ ଜୋନ୍ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା। ସାଉଥ୍ ଜୋନ୍ ପ୍ରଥମ ଇନିଂସ୍‌ରେ ୧୪୯ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ସେଣ୍ଟ୍ରାଲ୍ ଜୋନ୍ ୫୧୧ ରନ୍ କରି ୩୬୨ ରନ୍‌ରେ ଅଗ୍ରଣୀ ହାସଲ କରିଥିଲା।




## ସେଣ୍ଟ୍ରାଲ୍ ଜୋନ୍ ଆଗରେ ୬୫ ରନ୍‌ର ଲକ୍ଷ୍ୟ

ଦ୍ୱିତୀୟ ଇନିଂସ୍‌ରେ ସାଉଥ୍ ଜୋନ୍ ପକ୍ଷରୁ ତନ୍ମୟ ଅଗ୍ରୱାଲ୍ ୨୬. ମୋହିତ କାଲେ ୩୮, ରବିଚନ୍ଦ୍ରନ୍ ସ୍ମରଣ ୬୭ ଏବଂ ରିକି ଭୁଇ ୪୫ ରନ୍‌ର ଇନିଂସ୍ ଖେଳିଥିଲେ। କ୍ୟାପ୍‌ଟେନ୍ ମହମ୍ମଦ ଆଝାରୁଦ୍ଦିନ୍ ୨୭ ଏବଂ ସଲ୍‌ମାନ୍ ନିଜାର ୧୨ ରନ୍ କରି ଆଉଟ୍ ହୋଇଥିଲେ। ୨୨୨ ରନ୍‌ରେ ୬ ୱିକେଟ୍ ହରାଇବା ପରେ ସାଉଥ୍ ଜୋନ୍ ପାଇଁ ଇନିଂସ୍ ପରାଜୟ ବିପଦ ଦେଖାଦେଇଥିଲା। ମାତ୍ର ଆନ୍ଦ୍ରେ ସିଦ୍ଧାର୍ଥ ଓ ଅଙ୍କିତ ଶର୍ମା ଶତକୀୟ ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୪୦୦ ରନ୍ ପାର୍ ପହଞ୍ଚାଇଥିଲେ। ଅଙ୍କିତ୍ ୯୯ ରନ୍‌ରେ ଆଉଟ୍ ହୋଇଥିଲେ। ତାଙ୍କ ଆଉଟ୍ ପରେ ଟିମ୍ ଭୁଶୁଡ଼ି ପଡ଼ିଥିଲା। ଗୁରଜପନୀତ ସିଂହ ୩ ରନ୍‌ରେ ଆଉଟ୍ ହୋଇଥିବା ବେଳେ ଏମ୍‌ଡି ନିଧେଶ ଓ ବାସୁକୀ କୌଶିକ ଖାତା ମଧ୍ୟ ଖୋଲିପାରି ନଥିଲେ। ସିଦ୍ଧାର୍ଥ ୮୪ ରନ୍ କରି ଅପରାଜିତ ରହିଥିଲେ ଏବଂ ଟିମ୍ ୪୨୬ ରନ୍‌ରେ ସୀମିତ ହୋଇଯାଇଥିଲା। ସେଣ୍ଟ୍ରାଲ୍ ଜୋନ୍ ପକ୍ଷରୁ କୁମାର କାର୍ତ୍ତିକେୟ ୪ ଏବଂ ସାରାଂଶ ଜୈନ ୩ ୱିକେଟ୍ ନେଇଥିବା ବେଳେ କୁଲଦୀପ୍ ସେନ୍ ଓ ଦୀପକ ଚହରଙ୍କୁ ୧-୧ ସଫଳତା ମିଳିଥିଲା।

## ହଂକଂ ଓପନ୍: ଲକ୍ଷ୍ୟ ସେନ୍ ଉପଜିଜେତା

# ଫାଇନାଲ୍‌ରେ ହାରିଲେ ସାତ୍ତ୍ୱିକ୍-ଚିରାଗ

**ହଂକଂ,୧୪।୯/ଏଜେନ୍ସି:** ସାତ୍ତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଟ ସେଟ୍ଟୀଙ୍କ ଭାରତୀୟ ଯୋଡ଼ି ହଂକଂ ଓପନ୍ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ଟାଇଟଲ୍ ବିଜୟରୁ ବଞ୍ଚିତ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ୍‌ରେ ଭାରତୀୟ ଯୋଡ଼ି ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଚୀନ୍ ଯୋଡ଼ି ଲିୟାଙ୍ଗ୍ ୱେଇ କେଙ୍ଗ୍ ଏବଂ ୱାଙ୍ଗ୍ ଚାଙ୍ଗ୍‌ଙ୍କଠାରୁ ହାରିଯାଇଛନ୍ତି। ଗତ ମାସରେ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ଲଗାତାର ଦ୍ୱିତୀୟ ବ୍ରୋଞ୍ଜ୍ ପଦକ ଜିତିଥିବା ବିଶ୍ୱର ୯ ନମ୍ବର ଭାରତୀୟ ଯୋଡ଼ି ଷଷ୍ଠ ର୍ୟାଙ୍କର୍ ଚୀନା ଯୋଡ଼ିଠାରୁ ୨୧-୧୯, ୧୪-୨୧, ୧୭-୨୧ରେ ପରାଜିତ ହୋଇଛନ୍ତି। ଚଳିତ ସିଜନ୍‌ରେ ସାତ୍ତ୍ୱିକ୍-ଚିରାଗଙ୍କର ଏହା ପ୍ରଥମ ଫାଇନାଲ୍ ମ୍ୟାଚ୍ ଥିଲା। ଏହା ପୂର୍ବରୁ ସେମାନେ ଛଅଥର ସେମିଫାଇନାଲ୍‌ରେ



ପରାଜିତ ହୋଇଥିଲେ। ଭାରତୀୟ ଯୋଡ଼ି ସେମିଫାଇନାଲ୍‌ରେ ଚୀନା ତାଇପେଇର ଚେନ୍ ଚେଙ୍ଗ୍ କୁଆନ୍ ଏବଂ ଲିନ୍ ବିଙ୍ଗ୍-ୱେଇଙ୍କୁ ମାତ୍ର ୩୮ ମିନିଟ୍ ମଧ୍ୟରେ ୨୧-୧୭, ୨୧-୧୩ରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲେ।

ସେହିପରି ରବିବାର ପୁରୁଷ ସିଙ୍ଗଲ୍ସ ଫାଇନାଲ୍‌ରେ ଲକ୍ଷ୍ୟ ସେନ୍ ବିଶ୍ୱ ନମ୍ବର-୪ ଚୀନ୍‌ର ଲି ଶି ଫେଙ୍ଗ୍‌ଠାରୁ ପରାଜିତ ହୋଇଛନ୍ତି। ପ୍ରଥମ ଗେମ୍‌ରେ ଲକ୍ଷ୍ୟ ଏକଦା ୬-୨ରେ ଆଗୁଆ ରହିଥିଲେ। କିନ୍ତୁ ଚୀନ୍ ଖେଳାଳି ପ୍ରତ୍ୟାବର୍ତ୍ତନ କରି ୨୧-୧୫ରେ ଗେମ୍ ଜିତିନେଇଥିଲେ। ଦ୍ୱିତୀୟ ଗେମ୍‌ରେ ଚୀନା ଖେଳାଳି ଦବ୍‌ଦବା ଜାରିରଖି ୨୧-୧୨ରେ ଜିତିବା ସହିତ ମ୍ୟାଚ୍ ନିଜ ନାମରେ କରିଥିଲେ।

ଗତବର୍ଷ ନଭେମ୍ବରରେ ସୟଦ୍ ମୋଦୀ ସୁପର୍ ୩୦୦ ପରେ ଏହା ଲକ୍ଷ୍ୟଙ୍କ ପ୍ରଥମ ଫାଇନାଲ୍ ଥିଲା। ଲକ୍ଷ୍ୟ ସେମିଫାଇନାଲ୍‌ରେ ଚୀନା ତାଇପେଇର ବିଶ୍ୱ ନମ୍ବର-୩ ଚୋଉ ତିଏନ୍-ଚେନ୍‌ଙ୍କୁ ୨୩-୨୧, ୨୨-୨୦ରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra